R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୩୩୩
ତିଥି : ଚତୁର୍ଥୀ
୦୭ ସେପ୍ଟେମ୍ବର ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




ଶ୍ରୀଗଣେଶାୟ ନମଃ

### ଫ୍ରାନ୍ସର ଲିଓନ୍‌ରେ ୪୭ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଯୋଗ ଦେଇଥିବା ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

## ଆପଣଙ୍କ ସଫଳତା ବିକଶିତ ଓଡିଶାକୁ ପ୍ରତିଫଳିତ କରିବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୬।୯ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରୁ ଫ୍ରାନ୍ସର ଲିଓନ୍ ଠାରେ ଅନୁଷ୍ଠିତ ହେଉଥିବା ୪୭ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ସ୍କିଲ୍ଡ ଇନ୍ ଓଡିଶାର ପ୍ରତିଯୋଗୀମାନଙ୍କ ସହିତ ଆଭାସୀ ଜରିଆରେ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରତିଯୋଗୀମାନଙ୍କ ସହ କଥା ହୋଇ କହିଥିଲେ ଯେ, ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ଏହା ତୁମ ପ୍ରତିଭାର ପରିସ୍ଫୁଟନ ପାଇଁ ଏକ ସୁଯୋଗଛ 'ସ୍କିଲ୍ଡ ଇନ୍ ଓଡିଶା' କାର୍ଯ୍ୟକ୍ରମ ହେଉଛି ଏକ ପ୍ରେରଣା, ଯାହା ଆମ ଯୁବବର୍ଗଙ୍କୁ ସଶକ୍ତ କରୁଛି ଏବଂ ନୂତନ ସୁଯୋଗର ଦ୍ୱାର ଖୋଲି ବିଶ୍ୱ ମାନଚିତ୍ରରେ ସ୍ଥାନିତ କରୁଛି । ଭାରତର ୬୦ଜଣ ପ୍ରତିଯୋଗୀ ଏଥିରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ତନ୍ମଧ୍ୟରୁ ଓଡିଶାର ୧୫ଜଣ ମନୋନୀତ ହେବା ଆମ ସମସ୍ତଙ୍କ ପାଇଁ ଖୁସିର କଥାଛ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଆପଣମାନେ ପ୍ରତିନିଧିତ୍ୱ କରୁଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପାର୍ଥନା କରୁଛି, ଆପଣମାନେ ସମସ୍ତେ ବିଶ୍ୱକୁ ଚମତ୍କୃତ କରି ସେଠାରୁ ମେଡାଲ୍ ନେଇ ଆସନ୍ତୁ । ଆପଣମାନଙ୍କ ସଫଳତା ସିଧାସଳଖ ଭାବେ ବିକଶିତ ଓଡିଶାକୁ ପ୍ରତିଫଳିତ କରିବ ବୋଲି ସେ କହିଥିଲେ ।

ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଭାରତର ୬୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଏକ-ଚତୁର୍ଥାଂଶ ଓଡିଶାରୁ ହେବା ଆମ ପାଇଁ ସୌଭାଗ୍ୟର ବିଷୟ । ବିଭିନ୍ନ ଟ୍ରେଡ୍‌ରୁ ଆପଣମାନେ ଯାଉଛନ୍ତି । ମହାପ୍ରଭୁ ଶ୍ରୀ (୯ ପୃଷ୍ଠାରେ)

### ଭାରତର ୬୦ ପ୍ରତିଯୋଗୀଙ୍କ ମଧ୍ୟରୁ ଓଡିଶାରୁ ୧୫

## ମମତାଙ୍କ ପରେ ବିଜେପିରେ ସାମିଲ ହେଲେ ସୁଜିତ୍




ଭୁବନେଶ୍ୱର, ୬।୯ (ସବ୍ୟୁ) : ମମତା ମହାନ୍ତଙ୍କ ପରେ ସମାନ ରାସ୍ତାରେ ବିଜେଡ଼ିର ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଯାଇଛନ୍ତି । ସେ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବାସହ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଛନ୍ତି । ବିଜେଡି ଛାଡିବା ପରେ ଆଜି ସେ ତୁରନ୍ତ ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟ ଯାଇ ବିଜେପିରେ ସାମିଲ ହୋଇଛନ୍ତି । ଅପରପକ୍ଷରେ ବିଜେଡ଼ି ଆଜି ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ ଲାଗି ବହିଷ୍କୃତ କରିଛି ।

ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ଯେ ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ବହିଷ୍କାର କରାଯାଇଛି । ତାଙ୍କୁ ଦଳ ପକ୍ଷରୁ କଳାହାଣ୍ଡି ବାସିନ୍ଦାଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଲାଗି ରାଜ୍ୟସଭାକୁ ପଠାଯାଇଥିଲା । ତେବେ ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ, ଦଳର ସାଧାରଣ ସମ୍ପାଦକ ଅରୁଣ ସିଂ ଓ ଓଡ଼ିଶା ବିଜେପି ପ୍ରଭାରୀ ବିଜୟ ସିଂ ତୋମାରଙ୍କ ଉପସ୍ଥିତିରେ ବିଜେପିରେ ମିଶିଛନ୍ତି । ବିଜେପିରେ ଯୋଗ ଦେବାପରେ ସୁଜିତ୍ କୁମାର କହିଛନ୍ତି ଯେ କଳାହାଣ୍ଡିରୁ ୧୦୦୦ କୋଟିରୁ ଉର୍ଦ୍ଧ୍ୱ ଲୁଟ୍ ହୋଇଛି । ଏଥିରେ ବିଜେଡି ନେତା ଜଡିତ । ଟେଣ୍ଡର ଫିକ୍ସିଂ ଓ ବାଲି ମାଫିଆଙ୍କ ସହ ମିଶି ବିଜେଡି ନେତାମାନେ ଦୁର୍ନୀତି କରୁଥିଲେ । ଏ ବିଷୟରେ ସେ ଦଳର ମୁଖିଆଙ୍କୁ ଜଣାଇଥିଲେ । କୌଣସି ସୁଫଳ ମିଳିଲାନାହିଁ । (୯ ପୃଷ୍ଠାରେ)

### ରାଜ୍ୟସଭା ସାଂସଦ, ବିଜେଡିରୁ ଇସ୍ତଫା ଦେଲେ

### ଦଳ ବିରୋଧୀ କାର୍ଯ୍ୟ ଲାଗି ବହିଷ୍କାର କଲା ବିଜେଡି

### ଗୃହରେ ପୁଣି ଉଠିଲା ରେଭେନ୍ସା ପ୍ରସଙ୍ଗ

## ମାମଲା ପ୍ରତ୍ୟାହାର ଦାବିରେ ବିଜେଡିର ହଟ୍ଟଗୋଳ

ଭୁବନେଶ୍ୱର, ୬।୯ (ସବ୍ୟୁ): ଥମିବାରେ ନାଁ ନେଉନି ରେଭେନ୍ସା ବିବାଦ । ନାମ ପରିବର୍ତ୍ତନକୁ ନେଇ ଶାସକ ଓ ବିରୋଧୀଙ୍କ କଥା କଟାକଟି ହୋଇଛନ୍ତି । ଏହି ବିବାଦ ବିଧାନସଭାକୁ ହୁଲସ୍ଥୁଲ କରିଥିଲା । କେବଳ ସେତିକି ନୁହେଁ, ବିରୋଧୀ ଦଳ ଗୃହରେ ପ୍ରବଳ ହୋହାଲ୍ଲା କରିଥିଲେ । ବିରୋଧୀ ବିଜେଡିକୁ କଂଗ୍ରେସ ବି ସାଥ ଦେଇଥିଲା । ଫଳରେ ଗୃହ ବାରମ୍ବାର ମୁଲତବୀ ହୋଇଥିଲା ।

ପ୍ରଶ୍ନକାଳ ସୁରୁଖୁରୁରେ ଚାଲିଥିବା ବେଳେ ଶୂନ୍ୟକାଳ ଆରମ୍ଭରୁ ରେଭେନ୍ସା ପ୍ରସଙ୍ଗ ଉଠାଇ ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଥିଲେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ନେଇ ବିତର୍କର ଆବଶ୍ୟକତା ଥିବା ନେଇ କେନ୍ଦ୍ର ମନ୍ତ୍ରୀ ମତ ରଖିଲେ । ରେଭେନ୍ସାରେ ପୁରାତନ ଛାତ୍ର ଓ ବୁଦ୍ଧିଜୀବୀମାନେ ଏ ସଂକ୍ରାନ୍ତରେ ଏକାଠି ହେଲେ । ରେଭେନ୍ସା ଲନ୍‌ରେ ବୈଠକ ପରେ ମଶାଲ ଶୋଭାଯାତ୍ରା ହେଲା । ମଶାଲ ଶୋଭାଯାତ୍ରା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରୁ ରାଣୀହାଟ କ୍ଲକ୍ ଟାୱାର ଯାଏଁ ଯାଇଥିଲା । ଯେଉଁଥିରେ ମୁଁ ସାମିଲ ହୋଇଥିଲି । ଏହି ଘଟଣା ପରେ ମୋ' ନାଁରେ ଆର୍ମସ ଆକ୍ଟ ଭଳି ସଙ୍ଗୀନ ମାମଲା ରୁଜୁ ହୋଇଛି । ମୁଁ କୁଆଡ଼େ ବନ୍ଧୁକ ଧରି ଧମକାଉଥିଲି ବୋଲି ଅଭିଯୋଗ ହୋଇଛି । ଏତେ ଅସହିଷ୍ଣୁ କାହିଁକି? ପ୍ରତିଶୋଧ ପରାୟଣ ହୋଇ ଏଭଳି କରାଯାଉଛି । ଯିଏ କେନ୍ଦ୍ର ସରକାର ବିରୋଧରେ କହୁଛନ୍ତି, ତାଙ୍କ ବିରୋଧରେ ଇଡି, ସିବିଆଇ ଲଗାଇବା ନଜିର ରହିଛି । ଏତଲାକୁ ତର୍ଜମା ନ କରି ମୋ' ବିରୋଧରେ ଏଭଳି ସଙ୍ଗୀନ ମାମଲା ରୁଜୁ ହେଲା । ଏନେଇ ଡିସିପି ଓ ଆଇଆସିଙ୍କ ବିରୋଧରେ ସ୍ୱାଧିକାର (୯ ପୃଷ୍ଠାରେ)


### ହଟ୍ଟଗୋଳରେ କଂଗ୍ରେସ ବି ସାମିଲ ହେଲା

### ବିରୋଧୀଙ୍କୁ କଡ଼ା ଜବାବ ଦେଲା ଶାସକ ଦଳ

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

ବାରଙ୍ଗ, ୬।୯ (ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ ଏକ ପାଇଖାନା ଟାଙ୍କିର ସେଣ୍ଟ୍ରିଙ୍ଗ ଖୋଲିବାକୁ ଯାଇ ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ୩ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି । ଏହିଭଳି ଏକ ଦୁଃଖଦ ଘଟଣା ବାରଙ୍ଗଥାନା ଅନ୍ତର୍ଗତ ନରଣପୁର ଅଂଚଳରେ ଘଟିଛି ।

ପ୍ରକାଶ ଯେ, ଅନୁଯାୟୀ ଶୁକ୍ରବାର ସାଢ଼େ ୧୦ଟା ସମୟରେ ନରଣପୁର ନିକଟରେ ନୂତନ ଭାବରେ ନିର୍ମାଣ ହୋଉଥିବା ଏକ ଘରୋଇ ଆପାର୍ଟମେଣ୍ଟର ନୂତନ ପାଇଖାନା ଟାଙ୍କିର ଛାତ ପଡ଼ିଥିଲା । ଶୁକ୍ରବାର ସକାଳୁ ପାଇଖାନା ଟାଙ୍କିର ସେଣ୍ଟ୍ରି ଖୋଲିବାକୁ ଦୁଇଜଣ ଶ୍ରମିକ ଟାଙ୍କି ଭିତରକୁ ଯାଇଥିବାବେଳେ ଜଣେ ଉପରେ ରହିଥିଲେ । କିଛି ସମୟ ପରେ ଭିତରୁ କୌଣସି ଶବ୍ଦ ଜଣାନପଡିବାରୁ ଉପରେ ଥିବା ଶ୍ରମିକ ଜଣଙ୍କ ଟାଙ୍କି ଭିତରକୁ ପଶିଥିଲେ । ୩ଜଣ ଶ୍ରମିକ ଭିତରେ ଅଣନିଶ୍ୱାସି ହୋଇ ପକିଛି ସମୟ ପରେ ଅଚେତ ହୋଇ ଟାଙ୍କି ଭିତରେ ପଡିଯାଇଥିଲେ । ନିକଟରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଭିତରେ ପଶିଥିବା ଶ୍ରମିକଙ୍କୁ ଡାକିବାରୁ ଆଉ କୌଣସି ଉତ୍ତର ଆସିନଥିଲା । ସନ୍ଦେହ କରି ଉପରେ ଥିବା ଶ୍ରମିକମାନେ (୯ ପୃଷ୍ଠାରେ)




## ସୁଭଦ୍ରା ଯୋଜନାର ନିୟମିତ ତଦାରଖକୁ ଗୁରୁତ୍ୱ



ଭୁବନେଶ୍ୱର, ୬।୯ (ସବ୍ୟୁ) : ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସଂପର୍କରେଆଜି ସଂଧ୍ୟା ସୁଦ୍ଧା କାର୍ଯ୍ୟ ଅଗ୍ରଗତି କିପରି ରହିଛି, ସେ ସଂପର୍କରେ ରାଜସ୍ୱ ଆୟୁକ୍ତ, ଜିଲ୍ଲାପାଳ ଏବଂ ସମସ୍ତ ମହାନଗର ନିଗମର କମିଶନରଙ୍କ ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଭାସୀ ବୈଠକ ମାଧ୍ୟମରେ ସ୍ଥିତି ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ସୂଚନା ଓ ଲୋକ ସଂପର୍କ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଦି ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ସମେତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ମଧ୍ୟ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । (୯ ପୃଷ୍ଠାରେ)

### ପ୍ରସ୍ତୁତି ସଂପର୍କରେ ଜିଲ୍ଲାପାଳମାନଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

### ସୂଚନା ଓ ଯୋଗାଯୋଗ ଲାଗି ୭ ରୁ ୧୬ ଯାଏ ପରିକ୍ରମା କରିବା ସଚେତନତା ରଥ

## କଂଗ୍ରେସରେ ମିଶିଲେ ଦିନେଶ ଫୋଗଟ, ବଜରଙ୍ଗ ପୁନିଆ



ନୂଆଦିଲ୍ଲୀ, ୬।୯ : ଅଲିମ୍ପିଆନ୍ ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ ଆଜି କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ହରିୟାଣାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ଦୃଶ୍ୟପଟ୍ଟରେ ଏକ ପରିବର୍ତ୍ତନ ଆଣିବା ପାଇଁ ଏମାନେ ଯୋଗଦାନ କରିଛନ୍ତି ବୋଲି କୁହାଯାଉଛି । ଉଭୟ ଭିନେଶ ଓ ବଜରଙ୍ଗ ଗତବର୍ଷ ଭାରତୀୟ କୁସ୍ତି ସଂଘର ପୂର୍ବ ମୁଖ୍ୟ ବ୍ରିଜ୍ ଭୂଷଣ ଶରଣ ସିଂହଙ୍କ ଯୌନ ନିର୍ଯାତନା ବିରୋଧରେ ଆନ୍ଦୋଳନ କରୁଥିଲେ । ସେ ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ସାକ୍ଷାତ କରିଥିଲେ ।

ଶୁକ୍ରବାର ଉଭୟେ ଦଳରେ ଯୋଗ ଦେଇଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କୁ ତାଙ୍କ ବାସଭବନରେ ଭେଟିବା ପରେ ଦଳର ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟକୁ ଯାଇ ସେମାନେ ବିଧିବଦ୍ଧ ଭାବେ କେସି ବେଣୁଗୋପାଳଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି । ସେମାନେ ଦଳରେ ସାମିଲ ହେବାପରେ ଶ୍ରୀ ଖଡ୍‌ଗେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଚକ୍‌ଦେ ଇଣ୍ଡିଆ, ଚକ୍‌ଦେ ହରିୟାଣା । ଆମର ଚାମ୍ପିୟନ ମାନଙ୍କୁ ଭେଟନ୍ତୁ । ଯେଉଁମାନେ ବିଶ୍ୱରେ ଭାରତକୁ ଗର୍ବିତ କରିଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି । କଂଗ୍ରେସରେ ଯୋଗଦାନ ପରେ ଭିନେଶ କହିଛନ୍ତି ଯେ ଦେଶବାସୀ ତାଙ୍କ କୁସ୍ତି ଯୋଦ୍ଧା କ୍ୟାରିୟର ଲାଗି ସମର୍ଥନ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଉଛନ୍ତି । ମୁଁ ଆଶା କରୁଛି ଯେ ସେମାନଙ୍କ ଆଶାକୁ ପୂରଣ କରିବି । ମୁଁ କଂଗ୍ରେସକୁ ଧନ୍ୟବାଦ ଦେଉଛି କାରଣ ଯେତେବେଳେ ଆମର ଦୁର୍ଦ୍ଦିନ ଚାଲିଥିଲା ଏବଂ ଆମକୁ ରାସ୍ତାରେ ଘୋଷଡା ଯାଉଥିଲା ସେତେବେଳେ କଂଗ୍ରେସ ଆମ ପଛରେ ଛିଡା ହୋଇଥିଲା । ବିଜେପି ଆମର କଷ୍ଟ ଓ ଲୁହକୁ ବୁଝିପାରିନଥିଲା । ଶ୍ରୀ ପୁନିଆ କହିଛନ୍ତି ଯେ କଂଗ୍ରେସ କୁସ୍ତିଯୋଦ୍ଧାମାନଙ୍କ (୯ ପୃଷ୍ଠାରେ)



# ଯୁଗେ ଯୁଗେ ଶ୍ରୀଗଣେଶ



ସର୍ବବିଘ୍ନ ବିନାଶକ, ଗଣ ଦେବତା, ଶ୍ରୀଗଣେଶ ଅଗ୍ରପୂଜ୍ୟ ଦେବତା ଭାବେ ସର୍ବତ୍ର ପୂଜିତ । ସେ କଳା, ସଂସ୍କୃତି, ବିଜ୍ଞାନ, ବୁଦ୍ଧି ବିଦ୍ୟାର ଆଦି ଦେବତା ଭାବେ ସବୁସ୍ଥାନରେ ଆଦ୍ୟ ପୂଜା ପାଇଥାନ୍ତି । ଏଣୁ ପ୍ରତି ଶୁଭ କାର୍ଯ୍ୟରେ ଶ୍ରୀଗଣନାଥ ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କୁ ହିନ୍ଦୁ ଘରର ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ଖୋଜାପଡେ । ପୁରାଣ ମତରେ ଅଗ୍ରପୂଜ୍ୟ ବକ୍ରତୁଣ୍ଡ ଗଣ ମାନଙ୍କର ସେନାପତି ଅଟନ୍ତି । ପ୍ରତ୍ୟେକ ଦେବଦେବୀ ବା ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଶ୍ରୀ ଗଣେଶଙ୍କୁ ଯେ





ଗଜାନନଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ । ବୈଦିକ ମନ୍ତ୍ରରେ ଗଣପତି ଶ୍ରୀଗଣେଶଙ୍କୁ ସର୍ବ ସିଦ୍ଧି ଓ ଋଦ୍ଧି ଦାତା, ସର୍ବ ମଙ୍ଗଳମୟ ଦେବତା ରୂପେ ସ୍ତୁତି କରାଯାଇଛି । ସବୁ ମାଙ୍ଗଳିକ କାର୍ଯ୍ୟରେ ପ୍ରଥମେ ଶ୍ରୀଗଣେଶଙ୍କୁ ଆବାହନ କରାଯାଇଥାଏ । ପୁରାଣରେ ଏହି ପଞ୍ଚଦେବତା (ଗଣେଶ, ନାରାୟଣ, ରୁଦ୍ର, ଅମ୍ବା, ସୂର୍ଯ୍ୟ)ଙ୍କୁ ସର୍ବମାନ୍ୟ ବା ସମସ୍ତ କ୍ଷେତ୍ରରେ ପୂଜାରେ ଆଦ୍ୟ ବୋଲି ଧରାଯାଏ । ଏହି ପଞ୍ଚ ଦେବତାମାନଙ୍କ ମଧ୍ୟରୁ ଅଗ୍ରପୂଜ୍ୟ ହେଲେ ଶ୍ରୀଗଜାନନ । ବିଘ୍ନବିନାଶନ ସଙ୍କଟ ନାଶନ ଆରାଧନା କଲା, ତାର କର୍ମ ବିନା ବାଧା ବିଘ୍ନରେ ସୂଚାରୁ ରୂପେ ସମ୍ପନ୍ନ ହୋଇଥାଏ । ଶିବ ଶଙ୍କର ମାତା ପାର୍ବତୀ ଦେବୀଙ୍କ କନିଷ୍ଠ ପୁଅ ଶ୍ରୀଗଣେଶଙ୍କ ମାନବ ଶରୀର ସହିତ ହସ୍ତୀର ମସ୍ତକ ସୁଶୋଭିତ । ବିଦ୍ୟା ବୁଦ୍ଧିର ଦେବତା ଗଜାନନ ଶ୍ରୀବିଘ୍ନେଶଙ୍କୁ ବିଦ୍ୟାର୍ଥୀମାନେ ନିଜର ଜୀବନରେ ଆଶୁ ସଫଳତା ପ୍ରାପ୍ତି ନିମନ୍ତେ ଇଷ୍ଟ ଭାବେ ଭକ୍ତି କରିଥାନ୍ତି । ସେ ସମସ୍ତ କର୍ମର ଅୟମାରମ୍ଭର ଈଶ୍ୱର । ତାଙ୍କ ନାମ ଧରି ଯିଏ ଯେଉଁ କର୍ମ କରେ ସେ ସେଥିରେ ଫଳପ୍ରଦ ହୋଇଥାନ୍ତି । ସେହିଭଳି ଓଡିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥ ମନ୍ଦିରରେ ମଧ୍ୟ ଶ୍ରୀଗଣେଶ ପୂଜାର ନିୟମ ରହିଛି । ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ରେ ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ ନୀତି ପାଳନ ଅବସରରେ ବିନାୟକ ଚତୁର୍ଥୀ ମହାବ୍ରତ ନୀତି ଅନୁଷ୍ଠିତ ହୋଇଥାଏ ।

ଗଣେଶ ପୂଜା ସର୍ବଭାରତୀୟ ପୂଜା ଭାବରେ ପ୍ରସିଦ୍ଧି ଲାଭ କରି ଆସିଛି । ବିଶେଷକରି ଉତ୍କଳ ପ୍ରଦେଶରେ ଏହି ପୂଜାର ପରମ୍ପରା ବହୁ ପ୍ରାଚୀନ । ଓଡ଼ିଶାର ଭୌମ ଓ ସୋମ ବଂଶୀ ଶାସନ କାଳରେ ଏହି ପର୍ବ ପାଳିତ ହେଉଥିବା ଇତିହାସରୁ ସୁସ୍ପଷ୍ଟ ରହିଛି । ମଧ୍ୟଯୁଗରେ ମରାଠା ଶକ୍ତି ଅଭ୍ୟୁଦୟ ହେବାପରେ ଗଣେଶ ପୂଜନର ମହତ୍ୱ ବୃଦ୍ଧି ପାଇଥିଲା । ଗଣେଶ ମରାଠା ଶକ୍ତିର ଧାର୍ମିକ ପ୍ରତୀକ ଥିଲେ । ଆଧୁନିକ ଯୁଗରେ ବିଶେଷ କରି ପରାଧୀନ ଭାରତରେ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ ଚଳାଇଥିବା ଅନ୍ୟତମ ମହାନ ସ୍ୱାଧୀନତା ସଂଗ୍ରାମୀ ଲୋକମାନ୍ୟ ବାଲଗଙ୍ଗାଧର ତିଲକ ଏହି ଉତ୍ସବର ପୁନରୁଦ୍ଧାର କରିଥିଲେ । ସେ ସମୟରେ ବିଦେଶୀ ଶାସନ ବିରୁଦ୍ଧରେ ପ୍ରଜାମେଳି ପାଇଁ ତାହା ଆବଶ୍ୟକ ଥିଲା । ଶ୍ରୀ ଗଣେଶ ଋଦ୍ଧି-ସିଦ୍ଧି ଦାତା ଓ ବିଦ୍ୟାର ଦେବତା ହୋଇଥିବାରୁ ବିଦ୍ୟାଳୟ ମାନଙ୍କରେ ଏହି ପୂଜାର ପ୍ରଚଳନ ହେଲା । ଏବେ ସାରା ଭାରତରେ ଏହି ଉତ୍ସବ ପାଳିତ ହେଉଛି । ଶ୍ରୀଗଣେଶଙ୍କୁ ସର୍ବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, କବିମାନଙ୍କ ମଧ୍ୟରେ ବରେଣ୍ୟ ତଥା ଜ୍ୟେଷ୍ଠ ଏବଂ ଶ୍ରେଷ୍ଠ ରୂପରେ ପ୍ରତିପାଦନ କରାଯାଇଛି । ଉତ୍କଳ ଭୂମିରେ ଗଣପତିଙ୍କ ପୂଜାର ପରମ୍ପରା ବହୁ ପ୍ରାଚୀନ । ଉତ୍କଳର ଭୌମ ଓ ସୋମ ବଂଶୀ ଶାସନ କାଳରୁ ଏହି ପର୍ବ ପାଳିତ ହେଉଥିବା ଇତିହାସ ପୃଷ୍ଠାରୁ ପ୍ରମାଣ ମିଳେ । ମହାକବି ଶୂଦ୍ରମୁନି ସାରଳା ଦାସ 'ମହାଭାରତ'ର ବନ ପର୍ବ ପ୍ରଥମ ଖଣ୍ଡରେ ବ୍ୟାଧିର ମୁକ୍ତି ଦାତା ଭାବରେ ଶ୍ରୀଗଣେଶଙ୍କୁ ଚିତ୍ରିତ କରିଛନ୍ତି । ତତ୍କାଳୀନ ସମାଜରେ ଗଣପତି ଉପାସନାର ପ୍ରସାର ଘଟି ଶେଷରେ ଏହା ସାର୍ବଜନୀନ ଉପାସନାରେ ପରିଣତ ହୋଇଛି । ଫଳତଃ ସମଗ୍ର ଦେଶର ପୁରପଲ୍ଲୀ, ସହର ଓ ନଗରୀରେ ପ୍ରତି ବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଜନଗଣଙ୍କ ଦ୍ୱାରା ଶ୍ରୀଗଣେଶଙ୍କ ପୂଜା ଉତ୍ସବ ମହା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଆସୁଅଛି । ପ୍ରଭୁ ଗଜାନନ ବିଘ୍ନ ବିନାଶକ ଓ ଅଗ୍ରପୂଜ୍ୟ ହୋଇଥିବା ହେତୁ ତାଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା ବ୍ରତ ବିଧି ମୁତାବକ ପାଳିତ ହୋଇଥାଏ । ଶ୍ରୀଗଣେଶ ବିଦ୍ୟାଦାତା ଓ ସିଦ୍ଧିଦାତା ରୂପେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପୂଜିତ ହୁଅନ୍ତି । ଛାତ୍ରୀଛାତ୍ରମାନେ ଆପଣାର ବିଘ୍ନ ବିନାଶ ତଥା ସର୍ବ ମଙ୍ଗଳ ନିମିତ୍ତ ପ୍ରଭୁ ବିଘ୍ନ ବିନାଶକାରୀ ପାର୍ବତୀ ନନ୍ଦନ ଶ୍ରୀ ଗଣେଶଙ୍କୁ ପରମ ଭକ୍ତି ସହକାରେ ପୂଜା କରିଥାନ୍ତି ।

**ପ୍ରଦୋଷ କୁମାର ଦାସ,**
**ନାଚୁଣୀ, ଖୋର୍ଦ୍ଧା**

## ଶ୍ରୀମନ୍ଦିରରେ ଉପାସନା

**ଆଦ୍ୟ ଗଣେଶ:** ପ୍ରତ୍ୟେକ ପୂଜାରେ ଅଗ୍ରପୂଜ୍ୟ ବୋଲି ଶ୍ରୀଗଣେଶଙ୍କ ମୂର୍ତ୍ତି ଅବା ପୂର୍ଣ୍ଣ କଳସଙ୍କୁ ଆବାହନ କରାଯାଇ ମାଙ୍ଗଳିକ କର୍ମ ଅୟମାରମ୍ଭ କରାଯାଇଥାଏ । ଯେତବେଳେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କ ପାଇଁ ମନ୍ଦିର ତୋଳେଇବା ପାଇଁ ଚିନ୍ତାକଲେ ସେହି ସମୟରେ ଗଣେଶଙ୍କୁ ଆବାହନ କରି ମନ୍ଦିର ନିର୍ମାଣ ଶୁଭ ପଡିଥିଲା । ଶ୍ରୀକ୍ଷେତ୍ରର ଅଷ୍ଟଶମ୍ଭୁ ଓ ପଞ୍ଚପାଣ୍ଡବ ବା ପଞ୍ଚମହାଦେବଙ୍କ ମଧ୍ୟରେ ଅନ୍ୟତମ । କପାଳମୋଚନ ମନ୍ଦିରଠାରେ ହିଁ ଏହି ଆଦ୍ୟ ବା ଆଦି ଗଣେଶ ବିରାଜମାନ ଅଟନ୍ତି । ଯେଉଁଠାରେ ଶ୍ରୀମନ୍ଦିର ନିମନ୍ତେ ଶୁଭ ଦିଆଯାଇ ମନ୍ଦିର ନିର୍ମାଣ କର୍ମ ଆରମ୍ଭ ହୋଇଥିବା ପ୍ରକାଶ, ଏଣୁ ତାଙ୍କର ନାମ ଆଦ୍ୟ ବା ଆଦି ଗଣେଶ ଭାବେ ପରିଚିତ । ହୋଇଥିଲେ । କାରଣ କାଞ୍ଚି ରାଜାଙ୍କର ଇଷ୍ଟ ଥିଲେ ଉଚ୍ଛିଷ୍ଟ ଗଣପତି ଯାହାଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ରହିଥିଲା । ଗଣପତି ହିଁ ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରନ୍ତି ବୋଲି ସେ କୁହନ୍ତି । ତେଣୁ ଏହାପରେ ଗଜପତି ମହାରାଜା ହାର ନମାନି ମହାପ୍ରଭୁଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇ ଓ ପୁନଶ୍ଚ ଯୁଦ୍ଧର ଘୋଷଣା କରିଥିଲେ । ଏଥିରେ ଉଭୟ ବଡ଼ଠାକୁର ବଳଭଦ୍ର ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥ କଳା ଘୋଡା ଓ ଧଳା ଘୋଡାରେ ବସି ଯୁଦ୍ଧ ଲଢିବାକୁ ମଧ୍ୟ ଯାଇଥିଲେ । ଏହି ଯୁଦ୍ଧରେ ଗଜପତି ମହାରାଜା ବିଜୟ ଲାଭ କରିଥିଲେ । ଏହା ପରେ ପରେ ଗଜପତି ମହାରାଜା ଶ୍ରୀକ୍ଷେତ୍ର ଫେରିବା ସମୟରେ ତାଙ୍କର ଭାବି ପତ୍ନୀ କାଞ୍ଚି ରାଜଜେମା ପଦ୍ମାବତୀ ଅଜସ୍ର ସୁନା ରୂପା ଓ ରାଜାଙ୍କର ଇଷ୍ଟ ଭଣ୍ଡ



**ଗୁମୁଟ ଗଣେଶ:** ସମସ୍ତ ଶୁଭକର୍ମ କରିବା ପୂର୍ବରୁ ଶ୍ରୀବିଘ୍ନେଶଙ୍କୁ ସ୍ମରଣ କଲେ ସମସ୍ତ ବିଘ୍ନ ଦୂରୀଭୁତ ହୋଇଥାଏ । ଏହି ଧର୍ମ ବିଶ୍ୱାସରେ ଶ୍ରୀମନ୍ଦିର ପ୍ରବେଶ ପଥ ସିଂହଦ୍ୱାର ସ୍ଥିତ ଗୁମୁଟ କାନ୍ଥରେ ଏକ ଗଜାନନଙ୍କ ସୁନ୍ଦର ପଟ୍ଟଚିତ୍ର ଅଙ୍କନ କରାଯାଇଛି । ଏହାର କାରଣ ହେଉଛି ମହାପ୍ରଭୁଙ୍କୁ ଦର୍ଶନ କରିବା ପୂର୍ବରୁ ଏହି ଗଣେଶଙ୍କୁ ଦର୍ଶନ କଲେ ଦର୍ଶନ ସମୟରେ କୌଣସି ବିଘ୍ନ ଆସିବ ନାହିଁ ବୋଲି ବିଶ୍ୱାସ ରହିଛି ।

**ରୋଷ ଗଣେଶ :** ବିଶ୍ୱର ସବୁଠାରୁ ବଡ଼ ରୋଷଘର ରୂପେ ପରିଚିତ ଶ୍ରୀମନ୍ଦିର ରୋଷଘର ଆରମ୍ଭ କରିବା ପୂର୍ବରୁ ମଧ୍ୟ ଶ୍ରୀଗଣେଶଙ୍କୁ ଆରାଧନା ଓ ପୂଜନ କରାଯାଇଯାଏ । ରୋଷ ସମୟରେ କୌଣସି ବାଧା ବିଘ୍ନ ନ ଆସୁ ବୋଲି ନିତି ରୋଷ ସମୟରେ ସୁଆର ମହାସୁଆର ସେବକ ଗଣ ଶ୍ରୀଗଣେଶଙ୍କୁ ପ୍ରଣାମ କରି ରୋଷ ଆରମ୍ଭ କରିଥାନ୍ତି ।

**କାଞ୍ଚି ଗଣପତି:** ଏହା କାଞ୍ଚି ଅଭିଯାନ ସମୟର ଘଟଣା । ଯେତେବେଳେ କାଞ୍ଚି ରାଜା ଗଜପତି ପୁରୁଷୋତ୍ତମ ଦେବଙ୍କ ଛେରା ପହଁରା ନୀତି ବିଷୟରେ ଜାଣି ତାଙ୍କୁ ଚଣ୍ଡାଳ କହିଥିଲେ, ଗଜପତି ମହାରାଜ ଏହା ଶ୍ରୀଜଗନ୍ନାଥଙ୍କ ଅପମାନ କହି ଯୁଦ୍ଧ ଘୋଷଣା କରିଥିଲେ । ଯାହା ଫଳରେ ପ୍ରଥମେ ଗଜପତି ମହାରାଜ ପରାସ୍ତ ଗଣେଷଙ୍କୁ ମଧ୍ୟ ସାଙ୍ଗରେ ନେଇ ଆସିଥିଲେ । ଏହି ମୁର୍ତ୍ତିକୁ ଶ୍ରୀମନ୍ଦିରର ଭିତର ବେଢାରେ ସ୍ଥାପନ କରାଯାଇଥିଲା । ଏହାକୁ କାଞ୍ଚିରୁ ଆଣିଥିବାରୁ ଏହାଙ୍କର ନାମ ମଧ୍ୟ କାଞ୍ଚି ଗଣେଶ ନାମରେ ଖ୍ୟାତ ।

**ବଟ ଗଣେଷ:** କଳ୍ପବଟ ମୂଳରେ ଅଧିଷ୍ଠିତ ବଟ ଗଣେଶଙ୍କ ବିଗ୍ରହ ଦକ୍ଷୀଣ ଅଭିମୁଖୀ ଭାବେ ସ୍ଥାପିତ । ଶ୍ରୀ ମନ୍ଦିର ଭିତର ବେଢାରେ ଥିବା ସମସ୍ତ ଗଣେଶଙ୍କ ମଧ୍ୟରେ ବଟ ଗଣେଶ ପ୍ରଥମ ଓ ମୁଖ୍ୟ ଅଟନ୍ତି । ତାଙ୍କୁ କଳ୍ପ ଗଣେଶ, ଚିନ୍ତାମଣି ଗଣେଶ, ବଟ ଗଣେଶ ଓ ସିଦ୍ଧ ଗଣେଶ ନାମରେ ପୂଜା କରାଯାଇଥାଏ । ଶ୍ରୀ ଗଣେଶଙ୍କ ଏହି ବଟ ଗଣେଶ ମନ୍ଦିର ଶ୍ରୀଜଗନ୍ନାଥଙ୍କ ମନ୍ଦିର ଠାରୁ କୁଆଡେ ପ୍ରାଚୀନ ବୋଲି କୁହାଯାଏ ।

**ନୃତ୍ୟ ଗଣପତି :** ଶ୍ରୀକ୍ଷେତ୍ର ଅଧୀଶ୍ୱରୀ ମାଆ ବିମଳାଙ୍କ ଅଗ୍ରରେ ଦକ୍ଷୀଣ ଦିଗକୁ ମୁଖ ଥାଇ ଶ୍ରୀମନ୍ଦିର ଭିତର ବେଢାରେ ଅଷ୍ଟଭୂଜ ଗଣପତି ମୂଷିକ ଉପରେ ନୃତ୍ୟରତ ଭଙ୍ଗୀରେ ରହି ଥିବାରୁ ଏହାଙ୍କର ନାମ ନୃତ୍ୟ ଗଣପତି । ଏହାଙ୍କ ସ୍ୱରୁପ ମଧ୍ୟ ପ୍ରଭୁଙ୍କ ରଥରେ ପାର୍ଶ୍ୱ ଦେବତା ଭାବରେ ବ୍ୟବହାର ହୋଇଥାନ୍ତି ।



## ବିଘ୍ନ ହରିବେ ବିଘ୍ନରାଜ

ଅଜୟ କୁମାର ବେହେରା ମୋ-୯୪୩୭୦୩୧୨୫୩



* ଯଦି ଆପଣଙ୍କ ଘରର ମୁଖ୍ୟ ଦ୍ୱାର ଦକ୍ଷିଣ ଦିଗକୁ ଖୋଲୁଥାଏ ତା'ହେଲେ ମୁଖ୍ୟ ଦ୍ୱାରର ବାହାର ପଟ କାନ୍ଥରେ କିମ୍ବା ଦ୍ୱାରବନ୍ଧ ଉପରେ ଗଣେଶଙ୍କ ଛୋଟିଆ ପ୍ରତିମୂର୍ତ୍ତିଟିଏ ଲଗାଇଲେ, ଘରର ଦକ୍ଷିଣ ମୁହାଁ ଦୋଷ କଟିଯିବ । ଯଦି ମୁଖ୍ୟଦ୍ୱାର ଦେଇ ଘର ଭିତରକୁ ପ୍ରବେଶ କରିବାରେ ସମସ୍ୟା ଉପୁଜିଲେ, ପ୍ରବେଶ ଦ୍ୱାରର ଠିକ୍ ସମ୍ମୁଖ କାନ୍ଥରେ ନଅଇଞ୍ଚ ଉଚ୍ଚତାର ଏକ ଗଣେଶ ମୂର୍ତ୍ତି ସ୍ଥାପନ କରାଇଲେ, ଦୋଷ କଟିଯିବ ।
* ନୂଆ ଗୃହରେ ପ୍ରବେଶ କରିବା ପୂର୍ବରୁ ବୈଠକଖାନାର ପୂର୍ବପଟ କାନ୍ଥଆଡ଼କୁ ଆଠ ଆଙ୍ଗୁଳି (ଛଅ ଇଞ୍ଚ) ମାପର ଏକ ଶ୍ରୀଗଣେଶ ମୂର୍ତ୍ତି ସ୍ଥାପନା କରନ୍ତୁ । ନୂଆ ଘରର ପୂଜାର୍ଚ୍ଚନା ପରେ ମୂର୍ତ୍ତିଟିକୁ ଠାକୁର ଘରକୁ ନେଇ ପୂଜା କରନ୍ତୁ । ଅଫିସ, ଫ୍ୟାକ୍ଟ୍ରି କିମ୍ବା ଦୋକାନ, ଅନୁକୂଳ ସମୟରେ ଗଣେଶଙ୍କ ପ୍ରତିରୂପ ସ୍ୱସ୍ତିକ ଚିହ୍ନକୁ ତାମ୍ରପାତ୍ରରେ ସିନ୍ଦୂରରେ ଅଙ୍କିତ କରି ପୂଜା କଲେ, ବହୁତ ସୁଫଳ ମିଳିଥାଏ ।
* ସବୁବେଳେ ଘରର ପୂର୍ବ କିମ୍ବା ଉତ୍ତରପଟ କାନ୍ଥରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ । ଯେମିତିକି ଆପଣ ପୂର୍ବ କିମ୍ବା ଉତ୍ତରକୁ ମୁହଁକରି ଗଣେଶଙ୍କୁ ପୂଜା କରିପାରିବେ ଏବଂ ଗଣେଶଙ୍କ ମୁଖ ହେବ ପଶ୍ଚିମ କିମ୍ବା ଦକ୍ଷିଣ ଦିଗକୁ । ଘର ଭିତରକୁ ପ୍ରବେଶ କରିବା ପାଇଁ ଥିବା ମୁଖ୍ୟ ଦ୍ୱାରର ବାମ କିମ୍ବା ଡାହାଣ ପଟେ ହଳଦିଆ କିମ୍ବା ଲାଲ ରଙ୍ଗରେ ସ୍ୱସ୍ତିକ ଚିହ୍ନ ଦେଶୀ ରଙ୍ଗରେ ଆଙ୍କିଦେଲେ ଖୁବ୍ ଶୁଭଫଳ ମିଳେ । ଅଗଣା ମଝିରେ ଥିବା ଚଉରା ନିକଟରେ ଗଣେଶ ମୂର୍ତ୍ତି ସ୍ଥାପନ କରି ପୂଜା କଲେ, ସେ ଘରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ।
* ପିଲାଙ୍କ ପଢ଼ାଘରେ ଗଣେଶଙ୍କ ମୂର୍ତ୍ତି ରହିଲେ ଖୁବ୍ ଉତ୍ତମ ଫଳ ଦିଏ । ଘରମାନଙ୍କରେ ଗଣେଶଙ୍କ ଆଶୀର୍ବାଦ ମୁଦ୍ରାରେ ବସିଥିବା ମୂର୍ତ୍ତି ଖୁବ୍ ଉତ୍ତମ ଫଳ ଦିଏ । ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଯେକୌଣସି ଭଙ୍ଗୀର ମୂର୍ତ୍ତି ଲଗାଯାଇପାରେ । ହୋଟେଲ ପ୍ରତିଷ୍ଠାନମାନଙ୍କରେ ଗଣେଶଙ୍କ ଶୟନ ମୁଦ୍ରାର ମୂର୍ତ୍ତି ଖୁବ୍ ଉତ୍ତମ ଫଳ ଦିଏ । ମନୋରଞ୍ଜନ ବ୍ୟବସାୟିକ ପ୍ରତିଷ୍ଠାନରେ ଗଣେଶଙ୍କ ନୃତ୍ୟ ଭଙ୍ଗୀମାର ମୂର୍ତ୍ତି ସବୁଠୁ ଭଲ । ସବୁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଶ୍ରୀଗଣେଶଙ୍କ ଠିଆ ମୁଦ୍ରାର ମୂର୍ତ୍ତି ରଖାଯାଇପାରେ ।

**ଅଜୟ କୁମାର ବେହେରା**
**କଟକ, ମୋ-୯୪୩୭୦୩୧୨୫୩**

## ମୋଦକ



ଗଣେଶଙ୍କର ପ୍ରିୟ ଖାଦ୍ୟ ହୋଇଥାଏ ମୋଦକ । ଏହି ଦିନ ଶ୍ରଦ୍ଧାଳୁମାନେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଲଗାଇଥାଆନ୍ତି, ଯେଉଁଥିରେ ସାମିଲ ଥାଏ ବିଭିନ୍ନ ପ୍ରକାରର ମୋଦକ ।

**ଚକୋଲେଟ ମୋଦକ–** ଆପଣ ଯଦି କିଛି ହଟକେ କରିବାକୁ ଚାହୁଁଛନ୍ତି ତେବେ ଖୁଆ ସହ ଚକୋଲେଟ୍ ଗୁଣ୍ଡ ମିଶାଇ ପ୍ରସ୍ତୁତ କରନ୍ତୁ ଚକୋଲେଟ୍ ମୋଦକ । ଏହା ପିଲାଙ୍କୁ ଖୁବ ପସନ୍ଦ ଆସିଥାଏ । ଗଣେଶଙ୍କ ପାଖରେ ପ୍ରସାଦ ପାଇଁ ଏହା ଖୁବ ଭଲ ହୋଇଥାଏ । ଏହା ଆପଣଙ୍କ ଭୋଗ ଥାଳିରେ ଏକ ଭଲ ରଙ୍ଗ ସାମିଲ କରିଥାଏ ।

**ଫ୍ରାଏଡ୍ ମୋଦକ–** କେବଳ ଯେ ଷ୍ଟିମ ମୋଦକ ଭୋଗ ଲାଗିବ ଏଭଳି ନୁହେଁ । ମୋଦକରେ ଏକ ନୂଆ ଟୁଇଷ୍ଟ ଦେଇ ଏହାକୁ ଫ୍ରାଏଡ୍ ବନାନ୍ତୁ । ଏହା ଖୁବ ସ୍ୱାଦିଷ୍ଟ ଲାଗିଥାଏ । ଏଥିରେ ନିଜ ପସନ୍ଦ ହିସାବରେ ଛେନା, ନଡିଆ, ଗୁଡ ଆଦି ପୁର ଦେଇ ପାରିବେ । ଏହାକୁ ଘିଅରେ ଛାଣି ଠାକୁରଙ୍କୁ ଭୋଗ ଲଗାନ୍ତୁ ।



**ଡାଏଟ୍ ମୋଦକ–** ଯଦି ଆପଣ ଫିଟ୍‌ନେସ ନେଇ ଧ୍ୟାନ ରଖୁଛନ୍ତି, ଯାହା ଫଳରେ ପ୍ରସାଦରେ ଲାଗିଥିବା ମୋଦକ ଖାଇବାକୁ ଡରୁଛନ୍ତି ତେବେ ଘରେ ଡାଏଟ୍ ମୋଦକ ତିଆରି କରନ୍ତୁ । ଏହାକୁ ବଜାରରେ ମିଳୁଥିବା ବିଭିନ୍ନ ହେଲ୍ଥି ଅଟା ଯେପରି ଯଅ, ବାଜରା ଆଦିରୁ ପ୍ରସ୍ତୁତ କରନ୍ତୁ । ଏହା ସ୍ୱାଦିଷ୍ଟ ଲାଦଗିବା ସହିତ ହେଲ୍‌ଦି ମଧ୍ୟ ହେବ ।

**ଖୁଆ ମୋଦକ–** ଯେଉଁମାନଙ୍କୁ ମିଠା ବେଶି ପସନ୍ଦ ସେମାନଙ୍କୁ ପାଇଁ ଅପସନ୍ ହେଲା ଖୁଆ ମୋଦକ । ଖୁଆରୁ ପ୍ରସ୍ତୁତ ମୋଦକକୁ ଭୋଗରେ ଲଗାଇ ସମସ୍ତଙ୍କୁ ବାଣ୍ଟନ୍ତୁ, ସମସ୍ତଙ୍କୁ ଖୁବ ପସନ୍ଦ ଆସିବ । ଖୁଆରେ ଚିନି ଓ ବିଭିନ୍ନ ପ୍ରକାର ଡ୍ରାଏଫ୍ରୁଟ୍ସ ମିଶାଇ ଏହାକୁ ପ୍ରସ୍ତୁତ କରନ୍ତୁ ବେଶ୍ ସ୍ୱାଦିଷ୍ଟ ହେବ ।

ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ବର୍ଷକରେ ଚିକିତ୍ସିତ ହେଲେଣି ୬ଲକ୍ଷ ୫୦ହଜାର ରୋଗୀ

ଖୋର୍ଦ୍ଧା, (ସବ୍ୟୁ): ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଉନ୍ନତ ମାନର ଉତମ ସେବା ଯୋଗାଇ ଦେବାକୁ କଡାକଡି ନିୟମ ସରକାର କରିଛନ୍ତି । ଏହିକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାନଙ୍କରେ ରୋଗୀଙ୍କୁ ଡାକ୍ତରମାନେ ଉତମ ବ୍ୟବହାର ପ୍ରଦର୍ଶନ କରିବା ସହ ଚିକିତ୍ସା ଯୋଗାଇ ଦେଉଥିବାରୁ ବର୍ଷକ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬ଲକ୍ଷ ୫୦ହଜାର ୨୯୨ଜଣ ରୋଗୀ ଚିକିତ୍ସା ହୋଇଥିବା ମେଡିକାଲ ସୂତ୍ରରୁ ଜଣାଯାଇଛି । ତନ୍ମଧ୍ୟରେ କାଜୁଆଲିଟି ରେ ସର୍ବାଧିକ ୨ଲକ୍ଷ ୫ହଜାର ୨୨୯ଜଣ ରୋଗୀ ଚକିତ୍ସିତ ହୋଇଛନ୍ତି । ତନ୍ମଧ୍ୟରେ ୩୩୬୦୩୦ ପୁରୁଷ ଏବଂ ୩୧୪୦୯୪ଜଣ ମହିଳା ଓ ଅନ୍ୟାନ୍ୟ ୧୬୬ଜଣ ରହିଛନ୍ତି । ସେହିପରି ହେମାଟୋଲୋଜି ଓ ଏମଆରଡି ବିଭାଗରେ ସର୍ବନିମ୍ନ ଜଣେ ଲେଖାଏଁ ରୋଗୀ ଚିକିତ୍ସିତ ହୋଇଥିବା ଜଣାପଡିଛି ।

୨୦୨୩ ଅଗଷ୍ଟ ପହିଲା ରୁ ଚଳିତବର୍ଷ ଅଗଷ୍ଟ ୩୧ ସୁଦ୍ଧା ମୋଟ ୬ଲକ୍ଷ ୫୦ହଜାର ୨୯୨ଜଣ ରୋଗୀ ମେଡିକାଲ ରେ ଚିକିତ୍ସିତ ହୋଇଛନ୍ତି । କାଜୁଆଲିଟିରେ ୨୦୫୨୨୯ ମଧ୍ୟରୁ ପୁରୁଷ ୧୧୫୩୯୧ଜଣ, ମହିଳା ୮୯୭୬୪ଜଣ ଏବଂ ୭୨ଜଣ ଅନ୍ୟାନ୍ୟ ରୋଗୀ ରହିଛନ୍ତି । ସେହିପରି ଦନ୍ତ ବିଭାଗରେ ମୋଟ ୧୩୫୩୯ଜଣଙ୍କ ମଧ୍ୟରୁ ୬୪୫୩ପୁରୁଷ, ୭୦୮୪ ମହିଳା ଓ ଅନ୍ୟାନ୍ୟ ୨ଜଣ




ରହିଛନ୍ତି । କର୍ଣ୍ଣ, ନାସା ଗଳା ବିଭାଗରେ ମୋଟ ୧୦୪୭୨ଜଣ ଚିକିତ୍ସା ହୋଇଛନ୍ତି । ତନ୍ମଧ୍ୟରେ ୫୧୨୦ପୁରୁଷ, ୫୩୫୧ମହିଳା ଓ ଜଣେ ଅନ୍ୟାନ୍ୟ ରୁ ଚିକିତ୍ସା ହୋଇଛନ୍ତି । ଭେଷଜ ବିଭାଗ ରେ ୧୧୭୫୭ ମଧ୍ୟରୁ ୫୮୨୯ ପୁରୁଷ, ୫୯୨୭ ମହିଳା ଓ ଅନ୍ୟାନ୍ୟ ଜଣେ ରହିଛନ୍ତି । ଓପିଡି (ବର୍ହିଃବିଭାଗ)ରେ ମୋଟ ୧୫୨୦୯୮ ମଧ୍ୟରୁ ୮୦୪୪୧ପୁରୁଷ, ୭୧୬୩୧ ମହିଳା ଏବଂ ଅନ୍ୟାନ୍ୟ ୨୬ଜଣ । ସର୍ଜରୀ ବିଭାଗରେ ମୋଟ ୧୫୯୩୮ ମଧ୍ୟରୁ ପୁରୁଷ ୯୬୭୮, ମହିଳା ୬୨୫୬, ଅନ୍ୟାନ୍ୟ ୪ଜଣ । ସ୍ତ୍ରୀ ଓ ପ୍ରସୁତୀ ବିଭାଗରେ ୩୬୯୧୮ ରୁ ପୁରୁଷ ୨୫୬ ଓ ମହିଳା ୩୬୬୬୨ ରହିଛନ୍ତି । ମନସ୍ତତ୍ୱ ବିଭାଗରେ ମୋଟ ୩୬୬୪ ରୋଗୀଙ୍କ ମଧ୍ୟରୁ ୨୨୭୯ ପୁରୁଷ ଓ ୧୩୮୫ ମହିଳା।

**କାଜୁଆଲିଟି ରେ ସର୍ବାଧିକ, ହେମାଟୋଲୋଜି ବିଭାଗରେ ସର୍ବନିମ୍ନ ରୋଗୀ**

ରୋଗୀ ଅଛନ୍ତି । ମାଇକ୍ରୋ ବାଇଓଲୋଜି ରେ ୩ଜଣଙ୍କ ମଧ୍ୟରେ ପୁରୁଷ ୨ ଓ ମହିଳା ଜଣେ ରହିଛନ୍ତି ।

ସେହିପରି ଚକ୍ଷୁ ବିଭାଗରେ ମୋଟ ୫୧୫୭୬ ଜଣ ଚିକିତ୍ସା ହୋଇଛନ୍ତି । ଅସ୍ଥିଶଲ୍ୟ (ଅର୍ଥୋପେଡିକ) ରେ ୩୨୯୭୯ ଙ୍କ ମଧ୍ୟରୁ ପୁରୁଷ ୧୬୭୯୬, ମହିଳା ୧୬୧୭୭ ଓ ଅନ୍ୟାନ୍ୟ ୬ଜଣ ଚିକିତ୍ସା ହୋଇଛନ୍ତି । ଶିଶୁ ବିଭାଗରେ ମୋଟ ୮୧୫୦୨ଙ୍କ ମଧ୍ୟରୁ ୪୬୫୯୩ଜଣ ପୁଅ, ୩୪୮୮୫ଜଣ ଝିଅ ଓ ଅନ୍ୟାନ୍ୟ ୨୪ଜଣ ରହିଛନ୍ତି । ଫିଜିଓଥୋରାପି ବିଭାଗରେ ମୋଟ ୧୯୩୧ରୋଗୀ ଚିକିତ୍ସା ହୋଇଛନ୍ତି । ଏଥିସହିତ ଚର୍ମ ବିଭାଗରେ ମୋଟ ୩୨୬୨୫ଜଣଙ୍କ ମଧ୍ୟରୁ ୧୬୬୬୪ଜଣ ପୁରୁଷ, ୧୫୯୫୦ଜଣ ମହିଳା ଓ ଅନ୍ୟାନ୍ୟ ୧୧ଜଣ ରୋଗୀ ରହିଛନ୍ତି । ଯକ୍ଷ୍ମାରୋଗରେ ମୋଟ ୫୮ଜଣ ରୋଗୀ ଚିକିତ୍ସା ହୋଇଛନ୍ତି । ୨୦୦୭ ମସିହା ସେପ୍ଟମ୍ବର ୨ତାରିଖ ଦିନ ୩କୋଟି ଟଙ୍କା ବ୍ୟୟରେ ୨୭ଏକର ପରିମିତ ଜମିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା । ଏଠାକୁ ଖୋର୍ଦ୍ଧା ଜିଲ୍ଲା ସମେତ ପଡୋଶୀ ପୁରୀ, ନୟାଗଡ ଓ କଟକ ଜିଲ୍ଲାର କେତେକ ବ୍ଲକ ର ରୋଗୀ ଚିକିତ୍ସିତ ହେବାକୁ ଆସନ୍ତି । ଏଠାରେ ଆଇସିୟୁ, ଟ୍ରମାକେୟାର ପ୍ରଭୃତି କାର୍ଯ୍ୟକ୍ଷମ ସମେତ ସମସ୍ତ ଡାକ୍ତର ପଦବି ପୁରଣ କରାଗଲେ ରୋଗୀମାନେ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ନହୋଇ ଅଧିକ ଉତମ ସେବା ପାଇପାରନ୍ତେ ବୋଲି ବିଭିନ୍ନ ମହଲରେ ଦାବି ହେଉଛି ।

# ସାମ୍ବାଦିକଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଖୁବ୍‌ଶୀଘ୍ର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ପ୍ରଥମ ଥର ପାଇଁ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରୁଥିବା ସାମ୍ବାଦିକମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀଙ୍କ ନେତୃତ୍ୱରେ ସାମ୍ବାଦିକମାନଙ୍କ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ମତ ଦେଇଥିଲେ । ଦେଶର ଅନ୍ୟ ରାଜ୍ୟ ତଥା ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ହରିୟାନା ଓ ଝାଡଖଣ୍ଡ ରାଜ୍ୟରେ ସାମ୍ବାଦିକମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଚାଲୁ ରହିଛି । ଅପର ପକ୍ଷରେ ବହୁବର୍ଷ ଧରି ଏ ସଂପର୍କରେ ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବର୍ତ୍ତମାନ ରାଜ୍ୟରେ ଶ୍ରୀ ମୋହନ ଚରଣ ମାଝୀଙ୍କର ନେତୃତ୍ୱରେ ପରିଚାଳିତ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବାରୁ ଓଡ଼ିଶା ପ୍ରେସ୍ ଏକାଡେମୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଓଡ଼ିଶାରେ ପେନ୍‌ସନ୍ ଯୋଜନାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ଶା ପ୍ରେସ୍ ଏକାଡେମୀକୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ହୋଇଛି ।

ଓଡ଼ିଶାରେ କାର୍ଯ୍ୟରତ



ସାମ୍ବାଦିକମାନଙ୍କୁ ଚିହ୍ନଟ ଓ ପଞ୍ଜିକରଣ କାର୍ଯ୍ୟ ଡିସେମ୍ବର ଶେଷସୁଦ୍ଧା କରାଯାଇ ଆସନ୍ତା ଜାନୁଆରୀ ୧ତାରିଖ ଠାରୁ ୬୫ ବର୍ଷରେ ପଦାର୍ପଣ କରୁଥିବା ସାମ୍ବାଦିକମାନଙ୍କୁ ମାସକୁ ୧୦ହଜାର ଟଙ୍କା ମିଳିବ । ବରିଷ୍ଠ ସାମ୍ବାଦିକମାନଙ୍କ ସଂଖ୍ୟା ଅତିବେଶିରେ ୫୦ଜଣ ଥିବା ସର୍ଭେରୁ ଜଣାପଡିଛି । ରାଜ୍ୟ ସରକାର ଏ ଦିଗରେ ବିଚାର କରିବେ ବୋଲି ଶ୍ରୀ ମାଝୀ କହିଥିଲେ । ଏହି ପ୍ରତିନିଧି ଦଳରେ ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ, ଓଡ଼ିଶା ପ୍ରେସ୍ ଏକାଡେମୀର ଅଧକ୍ଷ ସଞ୍ଜୟ କୁମାର ପ୍ରଧାନ, ଓଡ଼ିଶା ଗଣମାଧ୍ୟମ ପରିଷଦର ସଂପାଦିକା ରୂପାଲି ରତ୍ନପର୍ଣ୍ଣା, ନ୍ୟୁଜ୍ ବ୍ୟାଙ୍କର ସଂପାଦିକା ଆଲ୍‌ଫା ରାୟ, ଓଡ଼ିଶା ନ୍ୟୁଜ୍ ଆଲାଏନ୍ସର ସଂପାଦକ ବଳରାମ କାନୁନ୍‌ଗୋ ଓ ଡେଭଲପମେଣ୍ଟ ନ୍ୟୁଜ୍ ନେଟ୍‌ୱାର୍କର ବାର୍ତ୍ତା ସଂପାଦକ ନାରାୟଣ କରଣ ପ୍ରମୁଖ ସାମିଲ ଥିଲେ । ଓଡ଼ିଶା ପ୍ରେସ୍ ଏକାଡେମୀର ସଂପାଦିକା ରୀତାଞ୍ଜଳୀ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ସହିତ ସାମ୍ବାଦିକମାନଙ୍କର ପରିଚୟ କରାଇଦେଇଥିଲେ ।

## ତିଳକନଗର ବସ୍ତି ଅଞ୍ଚଳ ସ୍ଥିତ ଗ୍ରନ୍ଥାଗାର ପରିଦର୍ଶନ କଲେ ଜିଲ୍ଲାପାଳ

# ନାଳନ୍ଦା ପବ୍ଲିକ ସ୍କୁଲ ବାଣ୍ଟିଲା ମାଗଣା ପ୍ରତିଯୋଗିତା ମୂଳକ ପୁସ୍ତକ

କଟକ,(ସବ୍ୟୁ): ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଜି ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସିଡିଏସ୍ଥିତ ଜଜ୍



ପଠା ନିକଟସ୍ଥ ତିଳକ ନଗରଠାରେ ବସ୍ତି ବାସିନ୍ଦାଙ୍କ ନିମନ୍ତେ କଟକ ମହାନଗର ଦ୍ୱାରା ପରିଚାଳିତ ହେଉଥିବା ଗ୍ରନ୍ଥାଗାର ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଶିନ୍ଦେ କଟକରେ ଯୋଗଦାନ କରିବାପରେ ଉକ୍ତ ପାଠାଗାରକୁ ଯାଇ ସେଠାକାର ପାଠ୍ୟ ପୁସ୍ତକ ତଥା ଅନ୍ୟାନ୍ୟ ଆବଶ୍ୟକତା ଉପରେ ପଚାରି ବୁଝିବା ସହ ସଂପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଦକ୍ଷେପ ସ୍ୱରୂପ ଏହି ଗ୍ରନ୍ଥାଗାରରେ ପଢୁଥିବା ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଜି ଗ୍ରନ୍ଥାଗାରକୁ ସ୍ଥାନୀୟ ନାଳନ୍ଦା ପବ୍ଲିକ ସ୍କୁଲ ସହାୟତାରେ ପ୍ରତିଯୋଗିତା ମୂଳକ ପୁସ୍ତକ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ କୁମାର ରାଉତ, କଟକ ମହାନାଗର ନିଗମ ଯୁଗ୍ମ କମିଶନର ଶ୍ୱେତପଦ୍ମା ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ପୁସ୍ତକ ପ୍ରଦାନ ସମୟରେ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଅଧକ୍ଷା ଯଶସ୍ୱିନି ପଟ୍ଟନାୟକ,ପ୍ରଶାସନିକ ମୁଖ୍ୟ ସୌମ୍ୟା ମହାନ୍ତିଙ୍କ ସମେତ ଲୋପାମୁଦ୍ରା ମହାପାତ୍ର,ମାଧବୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଜିନ୍ଦଲ ଷ୍ଟେନଲେସ ବନ୍ଦେ ଭାରତ ସ୍ଲିପର ଟ୍ରେନ ପାଇଁ ଷ୍ଟେନଲେସ ଷ୍ଟିଲ ଯୋଗାଇଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ବନ୍ଦେ ଭାରତ ସ୍ଲିପର କୋଚ୍ ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ଯୋଗାଇଛି, ଯାହାର ପ୍ରୋଟୋଟାଇପ୍ ନିକଟରେ ରେଳମନ୍ତ୍ରୀ, ଅଶ୍ୱିନୀ ବୈଷ୍ଣବ ବେଙ୍ଗାଲୁରୁଠାରେ ଉନ୍ମୋଚନ କରିଥିଲେ। ଜିନ୍ଦଲ ଷ୍ଟେନଲେସ୍ ଏହି ସମ୍ମାନଜନକ ସରକାରୀ ପ୍ରକଳ୍ପ ପାଇଁ ଉଚ୍ଚ ଶକ୍ତି ସମ୍ପନ୍ନ ଟେମ୍ପର୍ଡ ୩୦୧ଏଲ ଗ୍ରେଡ୍ ଅଷ୍ଟେନିଟିକ୍ ଷ୍ଟେନଲେସ ଷ୍ଟିଲ ଯୋଗାଇଛି। ଇଂଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍) ଏବଂ ଭାରତ ଆର୍ଥ ମୁଭର୍ସ ଲିମିଟେଡ୍ (ବିଇଏମ୍ଏଲ୍) ଏହି କୋଚ୍ ନିର୍ମାଣ କରିଛି। ଏହି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ୮୦୦ କିମିରୁ ୧୨୦୦ କିମି ଯାତ୍ରା ପାଇଁ ଡିଜାଇନ୍ କରାଯାଇଛି। ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ସ୍ଥାୟୀତ୍ୱ ପ୍ରଦାନ କରିବା ସହ ଏହି କୋଚ୍ ନିର୍ମାଣରେ ବ୍ୟବହୃତ ଟେମ୍ପର୍ଡ ୩୦୧ଏଲ ଅଷ୍ଟେନିଟିକ୍ ଷ୍ଟେନଲେସ୍ ଷ୍ଟିଲ୍ ଏହାର କ୍ଷୟ ପ୍ରତିରୋଧୀ ବୈଶିଷ୍ଟ୍ୟ କାରଣରୁ କମ୍ ଜୀବନ ଚକ୍ର ଖର୍ଚ୍ଚ ସୁନିଶ୍ଚିତ କରେ, ଯାହାଫଳରେ ଦୀର୍ଘମିଆଦି ବିଶ୍ୱସନୀୟତା ଆସେ। ଏହା ରେଳ ପରିବହନରେ ସୁରକ୍ଷା ମାନ ବଜାୟ ରଖିବା ସହ ଧକ୍କା ଓ ଅଗ୍ନି ପ୍ରତିରୋଧୀ ବୈଶିଷ୍ଟ୍ୟ ଯୋଗୁଁ ଯାତ୍ରୀଙ୍କ ସୁରକ୍ଷାକୁ ମଧ ବଢ଼ାଏ । ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଦ୍ୱାରା ଭାରତୀୟ ରେଳବାଇରେ ଅଭିନବତାର ଏକ ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି ଏବଂ ଆମେ ଏହି ରୂପା'ରଣ ପ୍ରକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଗର୍ବ ଅନୁଭବ କରୁଛୁ, ଯାହା ଭାରତରେ ଦୀର୍ଘ ଦୂରତା ଯାତ୍ରାରେ ଏକ ବୈପ୍ଳବିକ ପରିବର୍ତନ ଆଣିବ।

# ଓଡ଼ିଶାରେ ଶିଶୁଙ୍କ ପାଇଁ ନେବୁଲାଇଜର ବ୍ୟବହାର ପାଇଁ ପରାମର୍ଶ ଦେଇଛି ଓମ୍ରନ ହେଲ୍‌ଥକେୟାର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଶିଶୁମାନଙ୍କ ମଧ୍ୟରେ ଶ୍ୱାସକ୍ରିୟା ଜନିତ ରୋଗ ଅଧିକ ଦେଖିବାକୁ ମିଳୁଛି। ଆଜମା, ବ୍ରୋଙ୍କାଇଟିସ୍, ସିଓପିଡି ଏବଂ ନିମୋନିଆ ଭଳି ରୋଗ କେବଳ ଏହି ଯୁବାମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ ବରଂ ସେମାନଙ୍କ ପରିବାର ଏବଂ ସ୍ୱାସ୍ଥ୍ୟ ସେବା ଉପରେ ମଧ ଗୁରୁତ୍ୱପୂର୍ଣ୍ଣ ଚାପ ପକାଇଥାଏ । ଏହି ଆହ୍ୱାନର ସମ୍ମୁଖୀନ ହେବା ସମୟରେ, ନେବୁଲାଇଜର ଶ୍ୱାସକ୍ରିୟା ସ୍ଥିତି ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ଉଭା ହୋଇଛି । ଏହି ଉପକରଣଗୁଡ଼ିକ ତରଳ ଔଷଧ (ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଧାରିତ) କୁ ଏକ ସୂକ୍ଷ୍ମ ଧୂଆଁରେ ପରିଣତ କରନ୍ତି, ଯାହା ଫୁସଫୁସକୁ ସିଧାସଳଖ ଏବଂ ଦକ୍ଷ ଭାବେ ପହଂଚିପାରିଥାଏ। ଇନହେଲର ବ୍ୟବହାର କରିବାରେ ଅସୁବିଧା ହେଉଥିବା ପିଲା ଏବଂ ବ୍ୟକ୍ତିବିଶେଷଙ୍କ ପାଇଁ ପରିଚାଳନାର ଏହି ପଦ୍ଧତି ବିଶେଷ ଭାବରେ ଲାଭଦାୟକ ଅଟେ । ହୋମ ହେଲଥ ମନିଟରିଂ ଡିଭାଇସ ଯୋଗାଉଥିବା ଅଗ୍ରଣୀ ଓମ୍ରନ ହେଲଥକେୟାର ଇଣ୍ଡିଆ ପାଖରେ ଶ୍ୱାସକ୍ରିୟା ଜନିତ ସମସ୍ୟାର ଯତ୍ନ ନେବା ଏବଂ ବିଶେଷ କରି ଶିଶୁମାନଙ୍କଠାରେ ରୋଗ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଦକ୍ଷ ଔଷଧ ବିତରଣ ପାଇଁ ବ୍ୟାପକ ନେବୁଲାଇଜର ରହିଛି। ଫୁସଫୁସ ଔଷଧର ଶୀଘ୍ର ଡେଲିଭରିରେ ସଠିକତା ହେତୁ ନେବୁଲାଇଜର ଆଜମା ଏବଂ ସିଓପିଡି ଇତ୍ୟାଦି ଶ୍ୱାସ ରୋଗକୁ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ।

# ଡିଏଭି ଚନ୍ଦ୍ରଶେଖରପୁରରେ ୟୁରୋପୀୟ ଚଳଚ୍ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର, (ସବ୍ୟୁ): ଶିଶୁ ଓ କିଶୋରମାନଙ୍କୁ ଉନ୍ନତମାନର ଚଳଚ୍ଚିତ୍ର ପ୍ରଦର୍ଶନ ଜରିଆରେ ଉନ୍ନୀତ ଶୈକ୍ଷିକ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର ପରିସରରେ ଇଉରୋପୀୟ ଚଳଚ୍ଚିତ୍ର ପ୍ରଦର୍ଶନ ଓ ସମ୍ମାନ ଉଦଘାଟିତ ହୋଇଛି। ସ୍ମାଇଲ ଫାଉଣ୍ଡେସନ, ନୂଆଦିଲ୍ଲୀସ୍ଥିତ ସିଫସି ଏବଂ ୟୁରୋପିଆନ ୟୁନିୟନର ମିଳିତ ପ୍ରୟାସରେ ଓଡିଶାରେ ସର୍ବପ୍ରଥମ ଥର ଏକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ୟୁରୋପର ବଛା ବଛା ପୁରସ୍କୃତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଛି।



ଉଦଘାଟନୀ ଉତ୍ସବରେ ଉତ୍ସବର ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର, ପୋଲାଣ୍ଡ ଦୂତାବାସର ପୋଲିସ ଇନଷ୍ଟିଚ୍ୟୁଟ ନିର୍ଦ୍ଦେଶକ ମ୍ୟାଗଡାଲିନା ଫିଲିପଜୁକ, ୟୁକ୍ରେନ ଦୂତାବାସର ଦ୍ୱିତୀୟ ସଚିବ ଭୋଲଡିମିର ପ୍ରିଟୁଲା, ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଡିଏଭି ଚନ୍ଦ୍ରଶେଖରପୁର ଅଧକ୍ଷା ଡ. ସୁଜାତା ସାହୁ, ବକୁଳ ଫାଉଣ୍ଡେସନ ନିର୍ଦ୍ଦେଶକ ସୁଜିତ ମହାପାତ୍ର, ସିନେ ତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। ବିଶ୍ୱଗ୍ରାମ ଗଠନ ଓ ବିଶ୍ୱଶାନ୍ତି ସ୍ଥାପନ ସହ ସୃଜନଶୀଳତାର ଦିଗବଳୟ ବିସ୍ତାର କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭୂମିକାକୁ ଏହି ପଦକ୍ଷେପ ଦୃଢୀଭୂତ କରିବବୋଲି ଆୟୋଜକ ବିଦ୍ୟାଳୟର ଅଧକ୍ଷା ଡ.ସାହୁ ମତପ୍ରକାଶ କରିଥିଲେ। ଚଳଚ୍ଚିତ୍ର ପ୍ରଦର୍ଶନ ପରେ ଛାତ୍ରଛାତ୍ରୀଙ୍କ ଜିଜ୍ଞାସାଭିତ୍ତିକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଓ ସଂପାନ ଅନୁଷ୍ଠିତ ହୋଇଥିଲା । ଆଗାମୀ ୮ତାରିଖରେ ଉଦଯାପିତ ହେବାକୁ ଥିବା ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମକୁ ଡିଏଭି ଚନ୍ଦ୍ରଶେଖରପୁରର ଆନନ୍ଦଚନ୍ଦ୍ର ଦାସ, ଈଶା ଈପସିତା ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ ।

# ସୁଭଦ୍ରା ଯୋଜନା ରେ ୪ ଲକ୍ଷ ୪୮ ହଜାର ଫର୍ମ ବଣ୍ଟନ ହୋଇଛି: ଜିଲ୍ଲାପାଳ

ପୁରୀ (ସବ୍ୟୁ): ପୁରୀ ଜିଲ୍ଲାରେ ସୁଭଦ୍ରା ଯୋଜନାରେ ସେପ୍ଟେମ୍ବର ୫ତାରିଖ ସୁଦ୍ଧା ୪,୪୮,୧୫୬ ସଂଖ୍ୟକ ଫର୍ମ ବଣ୍ଟନ କରାଯାଇଛି । ଏହି ଫର୍ମ ଗୁଡିକ ଅଙ୍ଗନବାଡି କର୍ମୀ ମାନେ ଘରକୁ ଘର ବୁଲି ଯୋଗ୍ୟ ଆବେଦନକାରୀଙ୍କୁ ପ୍ରଦାନ କରୁଛନ୍ତି ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ସୁଭଦ୍ରା ଯୋଜନା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସୁଭଦ୍ରା ଆବେଦନକାରୀ ମାନେ ଜନସେବା କେନ୍ଦ୍ର ମାନଙ୍କ ରେ ଅଯଥା ଭିଡ ନ କରିବାକୁ ଅନୁରୋଧ କରିଛନ୍ତି ।



ସେପ୍ଟେମ୍ବର ୧୭ ତାରିଖ ପରେ ମଧ ଆବେଦନ କରାଯାଇପାରିବ ଓ ଉପଯୁକ୍ତ ହିତାଧିକାରୀ ତାଙ୍କର ସୁଭଦ୍ରା ଅର୍ଥ ପାଇ ପାରିବେ । ଆଧାର ରେ ମୋବାଇଲ ନମ୍ବର ସଂଲଗ୍ନ ବାଧ୍ୟତାମୂଳକ ନ ଥିବାରୁ ଏଥିପାଇଁ ଆଦୌ ଆଶଙ୍କା ନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସୁଭଦ୍ରା ଯୋଜନା ରେ ଫର୍ମ ପ୍ରଦାନ ଠାରୁ ପଞ୍ଜିକରଣ ପର୍ଯ୍ୟନ୍ତ ବିନା ମୂଲ୍ୟ ରେ କରା ଯାଉଛି । ଏଥିରେ କେହି ଆବେଦନକାରୀ ଙ୍କ ଠାରୁ ଅର୍ଥ ଦାବି କରୁଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କଡା ଚେତାବନୀ ଦେଇଛନ୍ତି । ଜିଲ୍ଲାରେ ଲୋକ ମାନ ଙ୍କୁ ସଚେତନ କରିବା ଲକ୍ଷ୍ୟରେ ଆସନ୍ତା କାଲି ଅର୍ଥାତ ୭ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ସଚେତନତା ରଥ ବ୍ଲକ ଓ ପୌରପାଳିକା ଅଞ୍ଚଳ ପରିକ୍ରମା କରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ଜିଲ୍ଲାର ୧୧ଟି ବ୍ଲକ ଓ ପୁରୀ ପୌରପାଳିକା ଅଞ୍ଚଳରେ ଏହି ଫର୍ମ ବିନା ମୂଲ୍ୟ ରେ ଆବେଦନକାରୀଙ୍କୁ ବଣ୍ଟନ କାର୍ଯ୍ୟ ଚାଲିଛି । ଜିଲ୍ଲା ର ଧାର୍ଯ୍ୟ ଲକ୍ଷ୍ୟ ୭ ଲକ୍ଷ ୪୦ ହଜାର ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬,୬୧,୪୩୪ ଫର୍ମ ଜିଲ୍ଲା ପକ୍ଷରୁ ବ୍ଲକ ଓ ପୌରପାଳିକାକୁ ଯୋଗାଇ ଦିଆଯାଇଛି । ସେଥି ମଧ୍ୟରୁ ଅଙ୍ଗନବାଡ଼ି କର୍ମୀ ମାନଙ୍କ ମାଧ୍ୟମରେ ୪,୩୭,୭୯୨ ଫର୍ମ,ସିଏସସି ମାଧ୍ୟମରେ ୮,୩୯୫ ଫର୍ମ ଓ ମୋ ସେବା କେନ୍ଦ୍ର ମାଧ୍ୟମରେ ୧୯୬୯ ଫର୍ମ ବଣ୍ଟା ଯାଇଛି । ଜିଲ୍ଲାରେ ମୋଟ ୯୧୯ ସିଏସସି,୨୫୫ ମୋ ସେବା କେନ୍ଦ୍ର ରହିଛି । ଏହି କେନ୍ଦ୍ର ମାନଙ୍କ ରେ ୨୦୪୭୯ ଗୋଟି ଫର୍ମ ସଂଗ୍ରହ ହୋଇ ଥିବା ବେଳେ ୨୩୧୦ ଟି ଫର୍ମ ପଞ୍ଜିକରଣ ହୋଇଛି ବୋଲି ସେ କହିଥିଲେ ।

# ଜାତୀୟ ଆଇଟି ନୀତି ପ୍ରସ୍ତୁତି ଉପରେ ମାନସ ମନ୍ଥନ

ଭୁବନେଶ୍ୱର (ସବ୍ୟୁ): ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମ୍ଇଆଇଟିୱାଇ), ଭାରତ ସରକାର ଏବଂ ସଫ୍ଟୱେର ଟେକ୍‌ନୋଲୋଜି ପାର୍କସ୍ ଅଫ ଇଣ୍ଡିଆ (ଏସଟିପିଆଇ) ପକ୍ଷରୁ ଜାତୀୟ ଆଇଟି ନୀତି ପ୍ରସ୍ତୁତି ଉପରେ ଏକ ମାନସ ମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏସ୍ କ୍ରିଷ୍ଣନ୍, ସେକ୍ରେଟାରୀ, ଏମ୍ଇଆଇଟିୱାଇ, ଭାରତ ସରକାର ଅଧ୍ୟକ୍ଷତା କରିବା ସହିତ ବିଶ୍ୱ ପ୍ରଯୁକ୍ତି ଦୃଶ୍ୟପଟ୍ଟରେ ଭାରତର ଆକାଙ୍କ୍ଷା ସହିତ ମେଳ ଖାଉଥିବା ଅଗ୍ରଣୀ ଆଇଟି ନୀତିକୁ ରୂପରେଖ ଦେବା ନିମନ୍ତେ ଆଇଟି ଶିଳ୍ପର ପ୍ରମୁଖ ସହଭାଗୀମାନଙ୍କ ନିକଟରୁ ଅନ୍ତର୍ଦୃଷ୍ଟି ଏବଂ ସେମାନଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରାଯିବା ଚାହିଁଥିଲେ।

ଏହି ଅଧିବେଶନରେ ଅରବିନ୍ଦ କୁମାର, ଡାଇରେକ୍ଟର ଜେନେରାଲ, ଏସଟିପିଆଇ, ବିଶାଲ କୁମାର ଦେବ, ପ୍ରିନସିପାଲ ସେକ୍ରେଟାରୀ, ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ, ଓଡ଼ିଶା ସରକାର, କେ.କେ ସିଂ, ଜଏଂଟ ସେକ୍ରେଟାରୀ, ଏମ୍ଇଆଇଟିୱାଇ, ଭାରତ ସରକାର ଏବଂ ସେମାନଙ୍କ ସହିତ ଆଇଟି ଶିଳ୍ପ ଓ ପରିବ୍ୟବସ୍ଥା ସହଭାଗୀମାନଙ୍କ ନେତୃବୃନ୍ଦ ଯୋଗଦେଇଥିଲେ । ସୂର୍ଯ୍ୟ ପଟ୍ଟନାୟକ, ଡାଇରେକ୍ଟର, ଏସ୍‌ଟିପିଆଇ, ଭୁବନେଶ୍ୱରଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଞ୍ଜିରା ପାହାଡରେ କଳାପଥର କେଳେଙ୍କାରୀ ଘଟଣା

# କୋଟି କୋଟି ଟଙ୍କାର କଳାପଥର ଲୁଟିଥିବା ବାହାର ରାଜ୍ୟର ଦୁଇ କମ୍ପାନୀକୁ ଅନୁଗ୍ରହ : କାର୍ଯ୍ୟାନୁଷ୍ଠାନ ଦାବି

ଚଣ୍ଡିଖୋଲ, (ସବ୍ୟୁ) (ବେଣୁଧର ପଣ୍ଡା) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ମୌଜା ବାଘୁଆ ପାହାଡର ୪ ଓ ୭ ନମ୍ବର କଳାପଥର ଖଣିରୁ ବହୁକୋଟି ଟଙ୍କାର କଳାପଥର ଲୁଟିଥିବା ବାହାର ରାଜ୍ୟର ଦୁଇ କମ୍ପାନୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବାରୁ ସାଧାରଣରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି!ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ ଡିଡିଏମଙ୍କ ତିନି ମାସିଆ ଅସ୍ଥାୟୀ ପରମିଟ ଆଳରେ ଏହି ଦୁଇ କମ୍ପାନୀ ଖଣି ବିଭାଗର ବହୁ କୋଟି ଟଙ୍କାର କଳା ପଥର ବେଆଇନ ଭାବେ ଲୁଟିନେବା ଘଟଣା ଗତ ୩/୪ମାସ ହେବ ସମଗ୍ର ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି!ଅସ୍ଥାୟୀ ପରମିଟ ନେଇ ଏହିଦୁଇ କମ୍ପାନୀ ଯେଉଁ ଖଣିରୁ ପଥର ଉତ୍ତୋଳନ କରିଥିଲେ ସେହି ଖଣି ଅଞ୍ଚଳ ଜଙ୍ଗଲ ବିଭାଗ ଅଧିନସ୍ତ ବୋଲି ଜଣାପଡିବା ପରେ ସବୁ ମହଲରେ ଆଲୋଡନ ସୃଷ୍ଟି ହୋଇଥିଲା! ଏହି ଖଣିର ଅବସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ ନକରି ଜିଲ୍ଲା ଲଘୁ ଖଣି ଅଧିକାରୀ ଏହି ଦୁଇ ଖଣିରୁ ପଥର ଉତ୍ତୋଳନ ପାଇଁ କିପରି ବାହାର ରାଜ୍ୟର ଦୁଇ କମ୍ପାନୀ ହାତରେ ଉକ୍ତ ଖଣିକୁ ଟେକିଦେଲେ ତାକୁନେଇ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶ୍ନ ହୋଇଛି । ଏହି ଘଟଣା ଜଣାପଡିବା ପରେ କଟକ ଡିଏଫଓ ଯାଜପୁର ଜିଲ୍ଲାପାଳଙ୍କୁ ଚିଠିଲେଖି ଏହି ଦୁଇ ଖଣିର ଅସ୍ଥାୟୀ ପରମିଟ ବାତିଲ କରିବା ସହ ସେଠାରୁ ପଥର ଉତ୍ତୋଳନକୁ ସମ୍ପୂର୍ଣ୍ଣ ବନ୍ଦକରୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ଡିଏଫଓଙ୍କ ପତ୍ରପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଦୁଇ ଖଣିରୁ ପଥର ଖନନ ବନ୍ଦ କରାଯାଇଛି! ହେଲେ ଏହି ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଏଫଓ ଅନୁରୋଧ କରିଥିଲେ ମଧ ଅଦ୍ୟାବଧି ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇନାହିଁ । ନିୟମ ଅନୁଯାୟୀ ଅସ୍ଥାୟୀ ପରମିଟର ଅବଧି ପୁରିବା ପରେ ଖଣିବିଭାଗ ପକ୍ଷରୁ ସପୃକ୍ତ ଖଣିର ମାପଚୁପ କରାଯାଇ ପରମିଟ ଅବଧି ମଧ୍ୟରେ ସେଠାରୁ କେତେ ପରିମାଣ ପଥର ଉତ୍ତୋଳନ ହୋଇଛି ତାହାର ଆକଳନ ହେବାକଥା। । ଚୁକ୍ତି ଅନୁଯାଇ ସଠିକ ପରିମାଣର ବା ଚୁକ୍ତି ଖିଲାପକରି ଖଣିରୁ ଅଧିକ ପରିମାଣର ପଥର ଉତ୍ତୋଳନ ହୋଇଛି ତାହା ଜଣିବାପରେ ବେଆଇନଭାବେ ଉତ୍ତୋଳିତ ହୋଇଥିବା ପଥର ଉପରେ ଧାର୍ଯ୍ୟ ପରିମାଣର ରୟାଲିଟି ଓ ଯୋରିମାନା ଆଦାୟ କରାଯିବାର ବିଧି ରହିଛି । ହେଲେ ଦୁର୍ଭାଗ୍ୟର କଥା ଏତେସବୁ କେଳେଙ୍କାରୀ ପରେ ଓ ପରମିଟ ଅବଧି ପୁରିଯିବାର ତିନିମାସ ପରେ ମଧ ଏହି ଖଣିରୁ ସପୃକ୍ତ ବାହାର ରାଜ୍ୟର ଦୁଇ କମ୍ପାନୀ କେତେ ପଥର ଉତ୍ତୋଳନ କରିଛନ୍ତି ତାହା ଆକଳନ କରାଯାଇ ନାହିଁ । ଖଣିଖନନ ବନ୍ଦ ପରେ ଖୁବଶୀଘ୍ର ଉକ୍ତ ଦୁଇ ଖଣିର ମାପଚୁପ ହୋଇ ଆକଳନ ଅନୁଯାଇ ସପୃକ୍ତ ଦୁଇ କମ୍ପାନୀ ଠାରୁ ଆକଳିତ ପରିମାଣର ରୟାଲିଟ ଓ ଯୋରିମାନା ଆଦାୟ ପାଇଁ କୁହାଯାଇଥିଲା ବେଳେ ଅଦ୍ୟାବଧି ଯୋରିମାନା ଆଦାୟତ ଦୁରର କଥା ଏବେସୁଧା ସେଥିନେଇ କୌଣସି ପ୍ରକ୍ରିୟା ଆରମ୍ଭ



ହୋଇନାହିଁ । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ବାହାର ରାଜ୍ୟର କମ୍ପାନୀଙ୍କ ପ୍ରତି ଏହା ଅନୁଗ୍ରହ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେବା ସହିତ ଏହି ଘଠଣାକୁ ନେଇ ସାଧାରଣରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଅଞ୍ଜିରା ମୌଜାର ପ୍ରାୟ ସାଢେ ୭ ଏକର ପରିମିତ ୪ ନମ୍ବର ଖଣିକୁ ଡିଡିବିଏଲ ନାମକ ବାହାର ରାଜ୍ୟର କମ୍ପାନୀକୁ ଅସ୍ଥାୟୀ ପରମିଟ ଦେଇ ତା ୫/୪/୨୦୨୪ ଠାରୁ ତା ୫/୭/୨୦୨୪ ମଧ୍ୟରେ ୩୦ ହଜାର ଘନମିଟର ପଥର ଉତୋଳନ ପାଇଁ ଅନୁମତି ଦେଇଥିଲା । ସେହିପରି ଉକ୍ତ ମୌଜାର ସାଢେ ୭ ଏକର ପରିମିତ ୭ ନମ୍ବର ଖଣିକୁ ହାଇଦ୍ରାବାଦର ପିଏସକେ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ପ୍ରା ଲିମିଟେଡ ନାମକ କମ୍ପାନୀକୁ ଅସ୍ଥାୟୀ ପରମିଟ ଦେଇ ତା ୨୭/୩/୨୦୨୪ ଠାରୁ ତା ୨୭/୬/୨୦୨୪ ମଧ୍ୟରେ ୩୦ ହଜାର ଘନମିଟର ପଥର ଉତ୍ତୋଳନ ପାଇଁ ଅନୁମତି ଦେଇଥିଲେ! ଏ ବାବଦରେ ସପୃକ୍ତ ଦୁଇ କମ୍ପାନୀ ଖଣି ଅଧିକାରୀଙ୍କ ତହବିଲରେ ମାତ୍ର୩କୋଟି ଟଙ୍କା ଯମାକରି ଦୁଇ ଖଣିରୁ ବ୍ୟାପକ ପଥର ଲୁଟପାଟ କରିଥିବା ଜଣାପଡ଼ିଛି । ଅସ୍ଥାୟୀ ପରମିଟ ପାଇବା ପରେ ଡିଡିବିଏଲ କମ୍ପାନୀ ଧର୍ମଶାଳା ତହସିଲର ସୁକୁଟିଝର ମୌଜାରେ ଓ ପିଏସକେ କମ୍ପାନୀ ଅଞ୍ଜିରା ମୌଜାର ପାହାଡ ତଳେ ଦୁଇଟି ମେଗା କ୍ରସର ବସାଇ ଖଣିରୁ ସେଠାକୁ ପଥର ବୋହିଆଣି ଆଖିବୁଜା ଲୁଟପାଟ କରିଥିବା ଅଭିଯୋଗ ହୋଇଛି! ତେବେ ଅଞ୍ଜିରା ମୌଜାର ଏହି ପାହାଡ ଓ ଅସ୍ଥାୟୀ ପରମିଟ ପ୍ରଦାନ କରାଯାଇଥିବା ସଂପୃକ୍ତ ଖଣି ଦୁଇଟି କେଉଁ ବିଭାଗର ଯଥା, ରାଜସ୍ୱ,ଖଣି ବା ଜଙ୍ଗଲ ଅଧିନରେ ରହିଛି ତାହା ସ୍ପଷ୍ଟ ନହୋଇ ଖଣି ଜିଲ୍ଲା ଲଘୁ ଖଣି ଉପ ନିର୍ଦ୍ଦେଶକ ତାହା ଉପରେ ଅସ୍ଥାୟୀ ପରମିଟ ପ୍ରଦାନ କରିଥିବା ଜଣାପଡ଼ିଛି । ପରମିଟ ପାଇବା ପରେ ବିନା ଟିପିରେ ସପୃକ୍ତ ଦୁଇ କମ୍ପାନୀ ୩/୪ ମାସ ମଧ୍ୟରେ ଏଠାରୁ ପ୍ରାୟ ୮୦ ରୁ ୧୦୦ କୋଟି ଟଙ୍କା ମୂଲ୍ୟର କଳାପଥର ଲୁଟି ନେଇଥିବା ବେସରକାରୀ ଭାବେ ଆକଳନ କରାଯାଇଛି । ହେଲେ ଅଦ୍ୟାବଧି ସରକାରୀ ସ୍ତରରେ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇନାହିଁ । ଏପରି କାର୍ଯ୍ୟକୁ ନେଇ ଏବେ ପ୍ରଶାସନିକ ଓ ସାଧାରଣର ସ୍ତରରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ରିଛିଛି । ଚଳିତ ତିନି ମାସ ମଧ୍ୟରେ ଉଭୟ କମ୍ପାନୀ ଉକ୍ତ ଦୁଇ ଖଣିରୁ ଅତିକମରେ ଦୁଇଲକ୍ଷ ଘନମିଟର କଳାପଥର ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି । ଯାହାର ଆନୁମାନିକ ସରକାରୀ ମୂଲ୍ୟ ୮୦ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି! ହେଲେ ବାହାର ରାଜ୍ୟର ଦୁଇ କମ୍ପାନୀ ଦ୍ୱାରା ସମ୍ପୂର୍ଣ୍ଣ ବେଆଇନ ଭାବେ ଏଠାରେ ଏତେକୋଟି ଟଙ୍କାର ଖଣି ଲୁଟ ହୋଇଥିଲେ ମଧ ତାହା ଉପରେ ଜିଲ୍ଲା ପ୍ରଶାସନ ଓ ଖଣିବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଘଟଣା ସାଧାରଣରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଯଥାଶୀଘ୍ର ଏହି ଖଣିଲୁଟର ଆକଳନ କରାଯାଇ ସପୃକ୍ତ ଦୁଇ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି ।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ ବିଟେକ୍ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ୍




ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜର ବିଟେକ୍ ପ୍ରଥମ ବର୍ଷ ପାଇଁ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଣ୍ଡଷ୍ଟ୍ରିରୁ ଆସିଥିବା ମୁଖ୍ୟ ପରିଚାଳକ, ବିଶିଷ୍ଟ ଶିକ୍ଷାବିତ୍, ବୌଧିକ ବିଚାର ରଖିଥିବା ବ୍ୟକ୍ତିବିଶେଷ, ଧାର୍ମିକ ବିଚାର ସମ୍ବନ୍ଧିୟ ଅନେକ ଗୁଣୀ ବ୍ୟକ୍ତି ଆସି ନବାଗତ ଛାତ୍ରଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି କ୍ରମରେ ଗିଫ୍ଟର ସଫଳ ପ୍ରତିଷ୍ଠିତ ପୁରାତନ ଛାତ୍ରଛାତ୍ରୀମାନେ ମଧ ଆସି ସେମାନଙ୍କ ଅନୁଭୂତି ବାଣ୍ଟି ଥିଲେ। ଶେଷରେ ଗିଫ୍ଟର ପୁରାତନ ଛାତ୍ରୀ ମିସ୍ ଇଣ୍ଡିଆ ଇଂଟରନେସ୍‌ନାଲ ମିସେସ୍ ଶାସ୍ୱତୀ ପତୀ ଏଥିରେ ଭାଗନେଇ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠା ଓ ସାହସର ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିଫ୍ଟର ଅଧ୍ୟକ୍ଷ ଡଃ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡଃ. ଶରତ କୁମାର ମହାରଣା, ଡିନ୍ ଏକାଡ଼େମିକ୍ ଡଃ. ଆର୍.ଏନ୍. ପଣ୍ଡା ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଓଏସ୍‌ଡ଼ି ଇଂ ସମୀର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏସମସ୍ତ କାର୍ଯ୍ୟକ୍ରମକୁ ଡଃ. ପ୍ରିୟମ୍ବଦା ମଲ୍ଲିକ, ପ୍ର. ବିସ୍ମିତା ମଞ୍ଜରୀ ବିଶ୍ୱାଳ, ପ୍ର. ମୀନତି ପ୍ରଧାନ, ପ୍ର. ବିକ୍ରମ କେଶରୀ ରାଉତ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ାଉ : ରନ୍ଧାମଦ ଜବତ, ୭ ଗିରଫ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଅବକାରୀ ବିଭାଗ, ଜଗନ୍ନାଥପ୍ରସାଦ ପୁଲିସ ଓ ଜଗନ୍ନାଥପ୍ରସାଦ ତହସିଲଦାର ଅଶୋକ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଚଢାଉ କରିଛି। ଶୁକ୍ରବାର ଜଗନ୍ନାଥପ୍ରସାଦ ଅଞ୍ଚଳରେ ଥିବା କ୍ରିୟାଧାର ଓ ନୂଆଁପଲ୍ଲୀ ଗ୍ରାମ ନିକଟରେ ଚାଲିଥିବା ବେଆଇନ ମଦଭାଟି ଉପରେ ଚଢାଉ କରାଯାଇଥିଲା । ଘଟଣା ସ୍ଥଳରୁ ୧୧ ଶହ ଲିଟର ରନ୍ଧମଦ ଜବତ କରାଯିବା ସହ ପ୍ରାୟ ୫୭୫୦ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ଏହି କାରବାରରେ ୭ଜଣଙ୍କୁ ଗିରଫ କରାଯାଇ ଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଜଗନ୍ନାଥପ୍ରସାଦ କୋର୍ଟ ଚାଲାଣ କରାଯାଇଥିବା ଭଞ୍ଜନଗର ଅବକାରୀ ଅଧିକାରୀ ଡମ୍ବରୁଧର ହରିଜନ ସୂଚନା ଦେଇଛନ୍ତି । ଜିଲ୍ଲାରେ ମଦମୃତ୍ୟୁ ଘଟଣା ପରେ ଭଞ୍ଜନଗର ଅବକାରୀ ବିଭାଗ ଏସବୁ ଗ୍ରାମରେ ଚଢ଼ାଉ କରିଥିଲେ । ଏହି ଚଢାଉରେ ଅବକାରୀ ଉପ ନିରୀକ୍ଷକ ଅଜିତ କୁମାର ନାୟକ, ଭଞ୍ଜନଗର ଅବକାରୀ ନିରୀକ୍ଷକ ଡମ୍ବରୁଧର ହରିଜନ, ନାରାୟଣଜେନା ସଂଜୟ ନାରାୟଣ ରଥ ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଅରୁଣ କୁମାର ସିଂ, ଭଞ୍ଜନଗର ଅବକାରୀ ଉପନିରୀକ୍ଷକ ଅଲିଭା ମାଝି, ଏଏସଆଇ ଭୁବନୀ ବେହେରା, ସନାତନ ନାହାକଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ୨ ଜଣଙ୍କଠାରୁ ମୋବାଇଲ ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ବୁଧବାର ବିଳମ୍ବିତ ରାତିରେ ୨ ଟି ସ୍ଥାନରୁ ମୋବାଇଲ ଲୁଟ ହୋଇଛି। ୩ ଜଣ ଯୁବକ ଏକ ବାଇକରେ ଆସି ରାସ୍ତାରେ ଯାଉଥିବା ୨ ଜଣ ଲୋକଙ୍କ ହାତରୁ ମୋବାଇଲ ଝାମ୍ପି ନେଇଯାଇଛନ୍ତି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟଯେ, ବୁଧବାର ରାତି ନୂଆ ବସଷ୍ଟାଣ୍ଡ ନିକଟରେ ଯୁବ ଆଇନଜୀବୀ ସତ୍ୟନାରାୟଣ ନାୟକ ମୋବାଇଲରେ କଥା ହୋଇ ଚାଲି ଚାଲି ଯାଉଥିବା ବେଳେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ହଠାତ ତାଙ୍କ ହାତରୁ ମୋବାଇଲଟି ଝାମ୍ପି ନେଇଯାଇଥିଲେ। ସେହିପରି ଏହାର କିଛି ସମୟ ପରେ ଟାଟାବେଞ୍ଜି ଛକ ନିକଟ ଅନନ୍ତନଗର ଠାରୁ ଜଣେ ମହିଳାଙ୍କ ହାତରୁମଧ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି।

# ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ



ଭଂଜନଗର, (ସବ୍ୟୁ): ବେଲଗୁଣ୍ଠା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଆଉ ନାହାଁନ୍ତି । ଗୁରୁବାର ରାତି ପ୍ରାୟ ସାଢେ ୭ଟା ସମୟରେ ଭୁବନେଶ୍ୱରର କୌଣସି ଏକ ଘରୋଇ ହାସପିଟାଲରେ ତାଙ୍କର ଦେହାନ୍ତ ଘଟିଛି । ମୃତ ବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା । ଗତ କିଛି ମାସଧରି ତାଙ୍କର ସ୍ୱାସ୍ଥ୍ୟ ଖରାପଥିବାରୁ ଭୁବନେଶ୍ୱରରେ ଚିକିତ୍ସିତ ହୋଇ ଆସୁଥିଲେ । ତେବେ, ସାମନ୍ୟ ସୁସ୍ଥ ଅନୁଭବ କରିବା ପରେ ଗତ ୪/୫ ତଳେ ନିଜ ଗ୍ରାମ ପାଟୁଳିସାହିରେ ରହିଥିଲେ । ହଠାତ୍ ଗତକାଲି ରାତି ପ୍ରାୟ ୧୧ଟା ସମୟରେ ହଠାତ୍ ସ୍ୱାସ୍ଥରେ ଅବନତି ଘଟିବାରୁ ଭୁବନେଶ୍ୱର ଏମ୍‌ସିରେ ଭର୍ତ୍ତି କରିଥିଲେ । ତାଙ୍କର ମୃତ ଖବର ପ୍ରଚାରିତ ହେବାକ୍ଷଣି ଭଂଜନଗର ଓ ବେଲଗୁଣ୍ଠା ଅଂଚଳର ଜନସାଧାରଣଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା । ସୂଚନା ଯୋଗ୍ୟ ଯେ ସ୍ୱର୍ଗତ ବେଲଗୁଣ୍ଠା ବ୍ଲକ ବିଜେଡିର ଜଣେ ଦୃଢ ସଂଗଠକ ଥିଲେ । ସେ ଫାର୍ମାସିଷ୍ଟ ଚାକିରୀ ଛାଡି ଗ୍ରାମ ପାଟୁଳିସାହରୁ ୱାର୍ଡସଭ୍ୟ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ଧୁମୁଛାଇ ଗ୍ରାମ ପଂଚାୟତରୁ ଦୁଇ ଦୁଇ ଥର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ବେଲଗୁଣ୍ଠା ବ୍ଲକର ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ବିଜୁ ଜନତା ଦଳର ଜଣେ ଟାଣୁଆ ନେତା ଭାବେ ଗତ କିଛି ବର୍ଷଧରି ବେଲଗୁଣ୍ଠା ବ୍ଲକର ବିଜେଡି ସଭାପତି ଭାବେ ଦାୟିତ୍ୱ ତୁଲାଇ ୨୦୨୨ ପଂଚାୟତ ନିର୍ବାଚନରେ ଏହି ବ୍ଲକରୁ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଅନ୍ତିମ ଶର୍ଯ୍ୟା ନିକଟରେ ତାଙ୍କର ପୁଅ, ଝିଅ, ପତ୍ନି ଓ ଭାଇ ବନ୍ଧୁ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ସୋରଡାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ରାଜନେତା ପହଁଚି ଶେଷ ଦର୍ଶନ କରିଥିବାର ଜଣାପଡିଛି ।

# ଗୁରୁ ଦିବସରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ

ବ୍ରହ୍ମପୁର, (ସବ୍ୟୁ): ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣ ପୁର ଗ୍ରାମର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କେରାଣ୍ଡିମାଳ ପର୍ବତରେ ଅବସ୍ଥିତ ମା ଡ଼ାଲଖାଇ ମନ୍ଦିର ନିକଟରେ ଗୁରୁ ଦିବସ ଅବସରରେ ଗୁରୁଙ୍କ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଆ ସମିତି ସଭ୍ୟ ତଥା ଆୟଗଡ଼ ସେବା ସମବାୟ ସଭାପତି କାହ୍ନୁ ଚରଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।

ଏଥିରେ କୁକୁଡ଼ାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପଲ୍ଲବୀ କୁମାରୀ ସ୍ୱାଇଁ ଓ କୁକୁଡ଼ାଖଣ୍ଡି ତହସିଲଦାର ସପନ କୁମାର ସାହୁ ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷର ଉପକାରିତା ଉପରେ ସଚେତନ କରାଇବା ସହିତ ସମସ୍ତେ ନିଜ ଜନ୍ମ ଦିନରେ ଗୋଟିଏ ଗଛ ଲଗାଇବା ପାଇଁ ଉପଦେଶ ଦେବା ସହିତ ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ମଧ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପଚାଶ ଗୋଟି ବଟ ଓ ଉସ୍ତ ଗଛ ରୋପଣ କରାଯାଇଥିଲା ।

ଅନ୍ୟତମ ଅତିଥି ଭାବେ ଜେଇ ଅନୁରାଗ ରଥ, ଏଇ ଇନ୍ଦିରା ମହାକୁଡ଼ ଅବସର ପ୍ରାପ୍ତ ଶେରଗଡ଼ ମହାବିଦ୍ୟାଳୟର ଅଧକ୍ଷ ଲୋକନାଥ ପରିଡ଼ା ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ଦଳେଇ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପୁର ଗ୍ରାମର ରାମଚନ୍ଦ୍ର ଗୌଡ଼, ପଦ୍ମ ଲୋଚନ ଗୌଡ଼, ସୁନିଲ ଗୌଡ଼, ପ୍ରଫୁଲ୍ଲ ସାହୁ, ଅନନ୍ତ ରାମ ସାହୁ, ଗୋପାଳ ଗୌଡ଼ ମଙ୍ଗରାଜ ସାହୁ ଓ ସୁରେଶ ଚନ୍ଦ୍ର ତ୍ରିପାଠୀ ସହଯୋଗ କରିଥିଲେ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂପାଦନ କରିଥିଲେ ।

# ମଧୁବନ ଉନ୍ନୟନ ପରିଷଦର ୩୩ କେ.ଭି. ସବ୍‌ଷ୍ଟେସନ ପ୍ରତିଷ୍ଠା ଦାବି

ବାରିପଦା, (ସବ୍ୟୁ) : ମଧୁବନ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ସମିତି ବାରିପଦା, ମୟୂରଭଞ୍ଜର କର୍ମକର୍ତ୍ତା ଓ ସଦସ୍ୟ ମାନେ ବିଦ୍ୟୁତ୍ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ସମସ୍ୟାର ସମାଧାନ ସହି ମଧୁବନ ଅଞ୍ଚଳରେ ଏକ ୩୩ କେ.ଭି. ସବ୍‌ଷ୍ଟେସନ ପ୍ରତିଷ୍ଠା ନିମନ୍ତେ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଲୋ-ଭୋଲଟେଜ୍ ୩ ଫେଜ୍ ଲାଇନ୍ ବ୍ୟବସ୍ଥା ତଥା ଅନେକ ସମୟରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବା ସହିତ ସବ୍‌ଷ୍ଟେସନ୍ ପ୍ରତିଷ୍ଠା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ପ୍ରତିନିଧି ମଣ୍ଡଳୀରେ ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସର୍ବେଶ୍ୱର ଭୂୟାଁ, ବରିଷ୍ଠ ନାଗରିକ ସମିତିର ଡଃ ଯୋଗେନ୍ଦ୍ର ନାଥ ପଣ୍ଡା, ରଘୁନାଥ ପଣ୍ଡା, ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ ।

# କୁଡୁମୀସେନା ପକ୍ଷରୁ କଳା ଦିବସ ପାଳିତ



ବାରିପଦା, (ସବ୍ୟୁ) : ୧୯୫୦ ମସିହା ସେପ୍ଟେମ୍ବର ୬ତାରିଖ ଦିନ କୁଡୁମୀ ଜାତିକୁ ଆଦିବାସୀ ବର୍ଗରୁ ବାଦ୍ ଦେଇଥିବାରୁ କୁଡୁମୀ ଜାତି ପ୍ରତି ହେଇଥିବା ଐତିହାସିକ ଅନ୍ୟାୟ ପ୍ରତିବାଦରେ ଆଜି କଳା ଦିବସ ପାଳନ ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ଆହ୍ୱାନରେ ମୟୂରଭଞ୍ଜ ସମେତ ଓଡ଼ିଶାରେ ବସବାସ କରୁଥିବା ୧୦ଟି ଜିଲ୍ଲାର ଜିଲ୍ଲାପାଳ ସମୁଖ୍ୟରେ କଳା ଦିବସ ପାଳନ କରାଯାଇଛି ।

ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ସହର ମଧ୍ୟରେ ଥିବା ଷ୍ଟାଡ଼ିୟମ ପଡିଆ ଠାରୁ ବ୍ଲକରୁ କୁଡୁମୀ ସେନାର ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବାଲେଶ୍ୱର ଗୋଲେଇରୁ ବିଜୁପଟ୍ଟନାୟକ ଗୋଲେଇ ମଧ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ସମସ୍ତେ କଳା ପଟି ପିନ୍ଧି କଳା ଦିବସ ପାଳନ କରାଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଏହି କଳା ଦିବସରେ କୁଡୁମି ସେନାର ବିବେକନନ୍ଦ ମହାନ୍ତ, ଉପେନ୍ଦ୍ର ମହାନ୍ତ, ଜୟକୃଷ୍ଣ ମହାନ୍ତ, ସଞ୍ଜୟ ମହାନ୍ତ, ସୁବାଷ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଡମ୍ବରୁଧର ମହାନ୍ତ, ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ବୀରେନ୍ଦ୍ର ମହାନ୍ତ, କ୍ଷୀରୋଦ ମହାନ୍ତ, ଘନ ମହାନ୍ତ, ସିପୁନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଷ୍ଠୀ ସଶକ୍ତିକରଣ ଓ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଟାଟା ସ୍ୱେଚ୍ଛାସେବୀ ସପ୍ତାହ



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଟାଟା ସ୍ୱେଚ୍ଛାସେବୀ ସପ୍ତାହ (ଟିଭିଡବ୍ଲ୍ୟୁ)ର ୨୨ତମ ସଂସ୍କରଣ ଉଦଘାଟିତ ହୋଇଛି । ଏହାର ଥିମ୍ ହେଉଛି ଭଲିମ୍ପିକ୍ସ, ଯେଉଁଥିରେ ଗୋଷ୍ଠୀ ଉନ୍ନତି ଏବଂ ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଅଲମ୍ପିକ୍ସ ମନୋଭାବରେ ଅନୁପ୍ରାଣିତ ହୋଇଥିବା ଏହି ମାସବ୍ୟାପୀ ପଦକ୍ଷେପ ଏକତାକୁ ମଜଭୁତ କରିବା ଏବଂ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଦିଗରେ ଟାଟା ଗ୍ରୁପର ପ୍ରତିବଦ୍ଧତାକୁ ଦର୍ଶାଉଛି । ବ୍ରହ୍ମପୁରର ହେଲେନ କେଲର ରେଡକ୍ରସ ସ୍କୁଲ ଫର ଦି ଡେଫ୍ ରେ ଏହି ଉଦଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଓ ଟେକ୍ନୋଲୋଜି ବିଭାଗ ଚିଫ୍ ବିମାନ କୁମାର ଘୋଷଙ୍କ ସମେତ ୩୫ରୁ ଅଧିକ ଉତ୍ସାହୀ ସ୍ୱେଚ୍ଛାସେବୀ ଯୋଗ ଦେଇ ୧୩୩ ଜଣ ଛାତ୍ରଛାତ୍ରୀ ଓ ୧୩ ଜଣ ଶିକ୍ଷକଙ୍କ ସହ ମିଶି ଗୁରୁ ଦିବସ ପାଳନ କରିଥିଲେ । ଗୁରୁ ଦିବସ ଅବସରରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରୋଜଗାର ପାଇଁ ଶିକ୍ଷଣ ପଦକ୍ଷେପ ଅଧୀନରେ ଧନ୍ଦାମୂଳକ ସଉରା କଳା ପ୍ରଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଏବଂ ବିଦ୍ୟାଳୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ହୋଇଛି, ଯାହା ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା । ଏଥିରେ ନିଯୁକ୍ତି ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ପାରମ୍ପରିକ ସଉରା କଳା ମାଧ୍ୟମରେ ରୋଜଗାର ସୁଯୋଗ ସୃଷ୍ଟି କରିବା ଦିଗରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ ଏବଂ ସଶକ୍ତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏହାସହ ଅନ୍ତର୍ଭୁକ୍ତୀକରଣ, ଶିକ୍ଷା ଏବଂ ସଶକ୍ତିକରଣ କ୍ଷେତ୍ରରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ।

ଏହି ଅବସରରେ ସାଂସ୍କୃତିକ ପରିବେଷଣ ସହ ଟିପିଏସ୍‌ଓଡିଏଲ୍ ଅଧିକାରୀ ଓ ବିଦ୍ୟାଳୟର ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଦୃଷ୍ଟି ବାଧକଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର-ସେହିଭଳି ଟିପିଏସ୍‌ଓଡିଏଲ୍ ପକ୍ଷରୁ କୋରାପୁଟର ଦୃଷ୍ଟି ବାଧକ ବିଦ୍ୟାଳୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଛି । ଶିବିରରେ ଛାତ୍ରଛାତ୍ରୀଙ୍କୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି । ଏହି ପଦକ୍ଷେପ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ବ୍ୟକ୍ତି ଜୀବନକୁ ଉନ୍ନତ କରିବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି । ଉଦଘାଟନୀ କାର୍ଯ୍ୟକ୍ରମ ସମ୍ପର୍କରେ ମତ ଦେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଟାଟା ସ୍ୱେଚ୍ଛାସେବୀ ସପ୍ତାହର ୨୨ତମ ସଂସ୍କରଣକୁ ବିଭିନ୍ନ ପ୍ରଭାବଶାଳୀ ତଥା ପ୍ରେରଣାଦାୟକ କାର୍ଯ୍ୟକ୍ରମ ସହିତ ଆରମ୍ଭ କରି ଆମେ ଗର୍ବିତ । ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଏବଂ ସ୍ୱାସ୍ଥ୍ୟ ସେବାକୁ ପ୍ରୋତ୍ସାହିତ କରି ଗୋଷ୍ଠୀ ସଶକ୍ତିକରଣ ଦିଗରେ କାର୍ଯ୍ୟ କରିବା ଆମର ମିଶନ । ଏହି କାର୍ଯ୍ୟକ୍ରମର ଥିମ୍ 'ଭଲିମ୍ପିକ୍ସ' ଆମ ଉଦ୍ୟମର ସଠିକ୍ ପ୍ରତିଫଳିନ ଅଟେ । ଧନ୍ଦାମୂଳକ ସଉରା କଳା ପ୍ରଶିକ୍ଷଣ ଏବଂ ଚକ୍ଷୁ ପରୀକ୍ଷା ଶିବିର ଭଳି ପଦକ୍ଷେପ ମାଧ୍ୟମରେ ଆମେ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରୁଛୁ । ଆମେ ବିଶ୍ୱାସ କରୁ ଯେ ଏକାଠି କାମ କରି ଲୋକଙ୍କ ଜୀବନରେ ଉନ୍ନତି ଆଣିପାରିବା ଏବଂ ଏକ ସମାବେଶୀ ସମାଜ ଗଢ଼ିପାରିବା ।

# ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ସନ୍ତୋଷ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏପିଓ ମୁଜିବୁର ରହମନ୍ ମଲ୍ଲିକ ବିବରଣୀ ପଠନ କରିଥିଲେ। ଗତ ୨୦୨୩-୨୪ ବର୍ଷରେ ୨୩୭୯ଟି ପ୍ରକଳ୍ପ ମଧ୍ୟରୁ ୧୦୭୭ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ଏବଂ ୧୩୦୨ ଟି ପ୍ରକଳ୍ପର କାର୍ଯ୍ୟ ଚାଲୁଥିବା ବେଳେ ଏଥିରେ ୮୯୬.୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ସେ ପାଠ କରିଥିଲେ। ଗତ ବର୍ଷ ୧୮,୭୩୦ ପରିବାର ପଞ୍ଜୀକୃତ ହୋଇଥିବା ବେଳେ ୧୭୧୮୮ ପରିବାରକୁ କାମ ଯୋଗାଇ ଦିଆଯାଇଥିଲା। ସେଥି ମଧ୍ୟରୁ ୧୯୮୦ଟି ପରିବାର ୧୦୦ ଦିନର କାମ ସଂପୂର୍ଣ୍ଣ କରିଥିଲେ ବୋଲି ଏପିଓ ତାଙ୍କର ବିବରଣୀରେ ବର୍ଣ୍ଣିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସମୀକ୍ଷକ ରବିନ୍ଦ୍ର ନାଥ ମଲାନା ଯୋଗଦେଇ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏ ଅବସରରେ ଉପଜିଲ୍ଲାପାଳ ମନରେଗା ଯୋଜନାର କାମଗୁଡ଼ିକୁ ମିଳିମିଶି ସଠିକ୍ ଭାବରେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

# ଘରୋଇ କଲେଜରେ ଛାତ୍ର ଗଣ୍ଡଗୋଳ

ବ୍ରହ୍ମପୁର, (ସବ୍ୟୁ): ଭାବିନିପୁର ଠାରେ ଥିବା ଏକ ଘରୋଇ କଲେଜରେ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ଗୋଟିଏ ଛାତ୍ରଗୋଷ୍ଠୀର ଆକ୍ରମଣରେ ଏହି କଲେଜରେ ଯୁକ୍ତ ୨ ବିଜ୍ଞାନ ପଢୁଥିବା ସୁବ୍ରତ କୁମାର ଷଡଙ୍ଗୀ ନାମକ ଜଣେ ଛାତ୍ର ଆହତ ହୋଇଛନ୍ତି । ଘଟଣାକୁ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ମଧ ହୋଇଛି । ଏହି କଲେଜର ହଷ୍ଟେଲରେ ରହୁଥିବା କିଛି ଛାତ୍ର ଏବଂ ଘରୁ ଯିବାଆସିବା କରୁଥିବା ଜଣେ ଛାତ୍ରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏହା ଉଗ୍ରରୂପ ଧାରଣ କରିବା ପରେ ସେହି ଛାତ୍ରଗୋଷ୍ଠୀ ସଂପୃକ୍ତ ଛାତ୍ରଙ୍କୁ ଆକ୍ରମଣ କରିଥିଲେ । ତେବେ ଏହି ଘଟଣା ପରେ କଲେଜ କର୍ତ୍ତୃପକ୍ଷ ଗଣ୍ଡଗୋଳରେ ସଂପୃକ୍ତ ଛାତ୍ର ଏବଂ ଆକ୍ରମଣର ଶିକାର ହୋଇଥିବା ଛାତ୍ରଙ୍କ ଅଭାଭବକଙ୍କୁ ଡାକି ବୈଠକ କରିଥିଲେ । ଗଣ୍ଡଗୋଳ କରିଥିବା ଛାତ୍ରଙ୍କ ବିରୋଧରେ କଲେଜ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡିଛି ।

# ବିଜେପି ପକ୍ଷରୁ ଜିଲ୍ଲାରେ ଶୁଭାରମ୍ଭ ହେଲା ସଦସ୍ୟତା ଅଭିଯାନ

ବାରିପଦା, (ସବ୍ୟୁ) : ବିଜେପି ଏକ ରାଷ୍ଟ୍ରୀୟ ଦଳ । ଏହି ଦଳ ରାଷ୍ଟ୍ରର ଚିନ୍ତାଧାରା ଉପରେ ପର୍ଯ୍ୟବେକ୍ଷିତ । ଜାତୀୟତା ବାଦ ଦେଶ ଉକ୍ତି ଓ ରାଷ୍ଟ୍ରୀୟ ଚେତନାକୁ ଜାଗ୍ରତ କରୁଥିବା ଏହି ଦଳର ବିଚାରଧାରା ହିଁ ଅନ୍ୟ ରାଜନୈତିକ ଦଳଠାରୁ ଭିନ୍ନ ପରିଚୟ ଦେଇଥାଏ । ସଂପୂର୍ଣ୍ଣ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ କରୁଥିବା ବିଜେପିର ମୂଳ ମନ୍ତ୍ର ହେଉଛି ସେବା ହିଁ ସଂଗଠନ ଏବଂ ସଂଗଠନର ଆଧାର ହେଉଛି ପ୍ରାଥମିକ ସଦସ୍ୟତା ସଂଗଠନକୁ ମଜବୁତ କରିବା ପାଇଁ ପ୍ରତି ୬ ବର୍ଷରେ ଥରେ ପ୍ରାଥମିକ ସଦସ୍ୟତା ଅଭିଯାନ ହୋଇଥାଏ । ଯାହାକୁ ବିଜେପି ପର୍ବ ଭାବେ ଗ୍ରହଣ କରିଥାଏ । ସଦସ୍ୟତା ଅଭିଯାନ - ୨୦୨୪ ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ପରେ ଆଜି ବାରିପଦା ତକତପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଏବଂ ଜିଲ୍ଲା ସଦସ୍ୟତା ଅଭିଯାଜନର ସଂଯୋଜକ ନିହାର ରଞ୍ଜନ ମୋଦୀ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି ।

ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ମାନଙ୍କୁ ସାମିଲ କରାଯିବା ସହିତ ଏହି ଅଭିଯାନକୁ ଅଧିକ ବ୍ୟାପକ କରାଯିବ ବୋଲି ସାଂସଦ ଶ୍ରୀ ମାଝୀ ମତ ପ୍ରକାଶ କରିଛନ୍ତି । ଅନ୍‌ଲାଇନ୍ ମିସ୍ କଲ୍ ନଂ ୮୮୦୦୦୦୨୦୨୪, ନମୋ ଆପ୍, କ୍ୟୁଆର୍ କୋର୍ଡ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯାଇଛି । ଏହି ଅଭିଯାନ ପାଇଁ ଜିଲ୍ଲା ଠାରୁ ଆରମ୍ଭ କରି ପ୍ରତ୍ୟେକ ମଣ୍ଡଳ, ଶକ୍ତି କେନ୍ଦ୍ର ସେତୁ ବୁଥ୍‌ସ୍ତରରେ ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଘରକୁ ଘର ଯାଅଇ ସଦସ୍ୟତା ଅଭିଯାନକୁ ସଫଳ କରିବେ ବୋଲି ସଦସ୍ୟତା ଅଭିଯାନର ସଂଯୋଜକ ନିହର ରଞ୍ଜନ ମୋଦି ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲା ସଦସ୍ୟତା ଟିମ୍ ସଦସ୍ୟ ପରେଶ ଚନ୍ଦ୍ର ମହାନ୍ତ, ଦଳଗୋବିନ୍ଦ ବେହେରା, ଶୋଭାବତୀ ଓତା, କବିବିଷ୍ଣୁ ଶତପଥି, ପ୍ରବୀଣ ପାତ୍ର ଓ ବ୍ରଜ ମୋହନ ବେହେରା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ତନିସ୍କ ପକ୍ଷରୁ ବାରିପଦାରେ ଭବ୍ୟ ଷ୍ଟୋର ଶୁଭାରମ୍ଭ




ବାରିପଦା, (ସବ୍ୟୁ) : ଟାଟାର ଅଂଶ ତଥା ଭାରତର ସର୍ବବୃହତ ଗହଣା ଖୁଚୁରା ବ୍ରାଣ୍ଡ ତନିସ୍କ ପକ୍ଷରୁ ଓଡ଼ିଶାର ବାରିପଦାରେ ଏହାର ଭବ୍ୟ ଷ୍ଟୋରର ଶୁଭାରମ୍ଭ କରାଯାଇ କମ୍ପାନି ନିଜ ଖୁଚୁରା ଉପସ୍ଥିତିର ବିସ୍ତାର କରିଛି । ଏହି ଷ୍ଟୋରକୁ ଆସୋସିଏଟ୍ ଉପାଧକ୍ଷ ପିଏଚଡି ଡଃ ଲକ୍ଷ୍ମୀଧର ବିଶ୍ୱାଳ, ତନିସ୍କର ସର୍କଲ ବିଜନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ, ଫ୍ରାଚାଇଜ୍ ପାର୍ଟନର ଆସୋସିଏଟ୍ ଗୌରବ ବେହେରା ଓ ପଂଚାଇଜ୍ ପାର୍ଟନର ଆସୋସିଏଟ୍ ଶୀର୍ଷକ ବେହେରା ଉଦଘାଟନ କରିଥିଲେ ।

ଉଦଘାଟନ ଅବସରରେ କମ୍ପାନି ଗ୍ରାହକଙ୍କୁ ପ୍ରତ୍ୟେକ ଅଳଙ୍କାର କ୍ରୟ ସହ ମାଗଣା ଗୋଲ୍ଡ କଏନ୍ ପ୍ରଦାନ କରୁଛି । ଏହି ଅଫର ୨୦୨୪ ସେପ୍ଟେମ୍ବର ୬ ରୁ ୮ ତାରିଖ ପର୍ଯ୍ୟନ୍ତ ବୈଧ ଅଟେ । ଏହି ଷ୍ଟୋରକୁ ମୟୂରଭଞ୍ଜର ବାରିପଦା ସହରର ଷ୍ଟେସନ ରୋଡର ଢିପାସାହି, ଟାଇଟନ୍ ସୋରୁମ ନିକଟରେ ଖୋଲାଯାଇଛି । ୩ହଜାର ବର୍ଗଫୁଟ ପରିବ୍ୟାପ୍ତ ଏହି ଷ୍ଟୋରରେ ସୁନା, ଚମତ୍କାର ହୀରା, କୁନ୍ଦନ ଓ ପୋଲକି ଭଳି ତନିସ୍କ ଡିଜାଇନର ବିସ୍ତୃତ ଗହଣା ସମ୍ଭାର ରହିଛି । ଏହି ଷ୍ଟୋରରେ ଧରୋହର ଭଳି ସୁନାରେ ତନିସ୍କର ପର୍ବପର୍ବାଣୀ ସଂଗ୍ରହ ଉପସ୍ଥାପିତ ହୋଇଛି । ହେୟାରଲୁମ କଳାକୃତିରୁ ପ୍ରେରଣା ନେଇ ଦୈନନ୍ଦୀନ ପିନ୍ଧାଯାଉଥିବା ଗହଣା ଗ୍ଲାମ୍‌ଡେଜ୍ ଓ ଆଧୁନିକ ତଥା ସମସାମୟିକ ହାଲୁକା ଗହଣା ସମ୍ଭାର ସ୍ଥିଙ୍ଗ ଇଟ୍ ଷ୍ଟୋରରେ ରହିଛି ।

ଏହାବ୍ୟତୀତ ଏହି ଷ୍ଟୋରରେ ହିନ୍ଦୁ ବିବାହର ପବିତ୍ର ଉପାଦାନରୁ ପ୍ରେରିତ ମଙ୍ଗଳସୂତ୍ର ଡୋର୍‌ର ଏକ ସ୍ୱତନ୍ତ୍ର ପରିସର ରହିଛି । ଏହି ଷ୍ଟୋରରେ ପୁରୁଷଙ୍କ ପାଇଁ ଏକ ସ୍ୱତନ୍ତ୍ର ଗହଣା ଲାଇନ୍ ସହିତ ତନିସ୍କର ଏକ ଉତ୍ସର୍ଗୀକୃତ ବିବାହ ଅଳଙ୍କାର ସବ୍-ବ୍ରାଣ୍ଡ ରିଭାହର ଅଳଙ୍କାର ମଧ ରହିଛି । ବିବାହ ଭାରତର ବିଭିନ୍ନ ଅଂଚଳର ମହିଳାଙ୍କ ଫ୍ୟାଶନ୍ ପସନ୍ଦ ସହିତ ତାଳମେଳ ରକ୍ଷା କରିବା ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ବିବାହ ସପିଂ ପାଇଁ ଏକକ ଗନ୍ତବ୍ୟସ୍ଥଳ ଭାବରେ ବିକଶିତ ହୋଇଛି । ଉଦଘାଟନୀ ଅବସରରେ ତନିସ୍କ ସର୍କଲ ବିଜନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ କହିଛନ୍ତି ଯେ, ଓଡ଼ିଶାର ବାରିପଦାରେ ଆମର ତନିସ୍କ ସୋରୁମ୍ ର ଭବ୍ୟ ଉଦଘାଟନ ଘୋଷଣା କରି ଆମେ ଆନନ୍ଦିତ । ତନିସ୍କରେ ଗ୍ରାହକଙ୍କ ସନ୍ତୋଷ ସର୍ବୋଚ୍ଚ ଅଟେ ଏବଂ ଆମେ ଆମର ଅଳଙ୍କାରକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରିବାକୁ ଚେଷ୍ଟା କରୁଛୁ । ଏହି ଅଂଚଳରେ ଏକ ପ୍ରିୟ ବ୍ରାଣ୍ଡ ଭାବରେ ଆମେ ଆମର ନୂତନ ବାରିପଦା ସୋରୁମ୍ ଉନ୍ମୋଚନ କରିବାକୁ ଉତ୍ସାହିତ, ଯେଉଁଥିରେ ସୁନା, ହୀରା ଏବଂ ବିବାହ ଅଳଙ୍କାରର ଏକ ବିଶାଳ ପରିସର ପ୍ରଦାନ କରାଯାଇଛି । ଚମତ୍କାର ସୌନ୍ଦର୍ଯ୍ୟ ଓ ଜୀବନ୍ତ ରପଥରଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଉତ୍ସବ ସଂଗ୍ରହ ଏବଂ ବିବିଧ ହୀରା ବର୍ଗ ପର୍ଯ୍ୟନ୍ତ, ଆମର ସୋରୁମ୍ ପ୍ରତ୍ୟେକ ଶୈଳୀ ଏବଂ ଅବସରକୁ ପୂରଣ କରୁଛି । ଏହି ନୂତନ ଷ୍ଟୋର ଖୋଲିବା ଏକ ଅସାଧାରଣ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ତନିସ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି । ବାରିପଦାରେ ନିଜର ଉପସ୍ଥିତି ବିସ୍ତାର କରି ଆମେ ଗର୍ବ ଅନୁଭବ କରୁଛୁ ଏବଂ ଗ୍ରାହକମାନଙ୍କୁ ସ୍ୱାଗତ କରି ଆମର ସଦ୍ୟତମ ଷ୍ଟୋର ସୌନ୍ଦର୍ଯ୍ୟ ଅନୁସନ୍ଧାନ କରିବାକୁ ଚାହୁଁଛୁ ବୋଲି ପ୍ରକାଶ କରିଥିଲେ ।

SBI
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
 କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ: ସମ୍ବଲପୁର
କଚେରୀ ରୋଡ, ସମ୍ବଲପୁର-୭୬୮୦୦୧,
ଇ-ମେଲ: cmcredit3.aosam@sbi.co.in
ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି

ନିମ୍ନଲିଖିତ ଗାଡିଗୁଡିକ ସର୍ବସାଧାରଣରେ ନିଲାମ ବିକ୍ରୟ ଉଦ୍ଦେଶ୍ୟରେ ମୁଦ ଲଫାପାରେ ଇଚ୍ଛୁକ ନିଲାମଧାରୀଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି ।

**କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ : ଯୋଗାଯୋଗ ନଂ.: ୯୬୯୨୫୮୦୫୯୦**
**ନିଲାମ ସ୍ଥାନ : କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ: ସମ୍ବଲପୁର, କଚେରୀ ରୋଡ, ସମ୍ବଲପୁର-୭୬୮୦୦୧**
**ତାରିଖ ଏବଂ ସମୟ: ତା.୨୩.୦୯.୨୦୨୪ରିଖ, ଅପରାହ୍ନ ୩.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

| କ୍ର ନଂ. | ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡେଲ, ନିର୍ମାଣ ବର୍ଷ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ | ଷ୍ଟକ ୟାର୍ଡ |
|---|---|---|---|---|---|
| ୧. | ଋଣଗ୍ରହୀତା: ସମିତ୍ କୁମାର ନାଏକ, ସା: ବଡବାହାଲ, କୁସୁମି, କୁଚିଣ୍ଡା, ସମ୍ବଲପୁର, ପିନ୍ - ୭୬୮୨୨୨ | Preet Combine Harvester, 2019 | NA | ଟ.୧,୪୦,୦୦୦/- + ପ୍ରଯୁଜ୍ୟ ଜିଏସଟି | ବରାହଗୋଡା ପାର୍କିଂ ୟାର୍ଡ, ବରଗଡ |
| ୨. | ଋଣଗ୍ରହୀତା: ସନ୍ତୋଷ କୁମାର ସିଂହ, ସା: ବାହାମ, କବରାପାଲି, ସମ୍ବଲପୁର, ପିନ୍ - ୭୬୮୧୧୨ | Mahindra Swaraj, 2020 | NA | ଟ.୧,୪୦,୦୦୦/- + ପ୍ରଯୁଜ୍ୟ ଜିଏସଟି | ଗୋଠଓ୍ୱାଲ ପାର୍କିଂ ୟାର୍ଡ, ବରଗଡ |

**ଅମାନତ ଅର୍ଥରାଶି- ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର)ପ୍ରତ୍ୟେକ ଗାଡି ନିମନ୍ତେ (ବିନା ସୁଧରେ ଫେରସ୍ତ ଯୋଗ୍ୟ) ।**
ଇଚ୍ଛୁକ ନିଲାମଧାରୀ ଯେକୌଣସି କାର୍ଯ୍ୟଦିବସରେ ବ୍ୟାଙ୍କ ଅଧିକାରୀଙ୍କୁ ଯୋଗାଯୋଗ କରି **ପୂର୍ବାହ୍ନ ୧୦.୩୦ ଠାରୁ ଅପରାହ୍ନ ୪.୦୦ ଘଟିକା** ମଧ୍ୟରେ ଗାଡିକୁ ନିରୀକ୍ଷଣ କରିପାରିବେ । **"ଗାଡି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ । ସବିଶେଷ ବିବରଣୀ ନିମନ୍ତେ **କ୍ଷେତ୍ରୀୟ ପ୍ରବନ୍ଧକ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, ସମ୍ବଲପୁର**ଙ୍କୁ ଯୋଗାଯୋଗ କରିପାରିବେ । ଇଚ୍ଛୁକ ନିଲାମଧାରୀମାନେ ଅମାନତ ରାଶି ସହିତ ଯଥା ଯୋଗ୍ୟ ପୁରଣ ହୋଇଥିବା ଟେଣ୍ଡର ଫର୍ମ ମୁଦ ଲଫାପାରେ **ତା.୨୩.୦୯.୨୦୨୪ରିଖ ଅପରାହ୍ନ ୩.୦୦ଘଟିକା** ସୁଦ୍ଧା ଦାଖଲ କରିବେ । ସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ନିଲାମ ରାଶିର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ୭୫% ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ବ୍ୟାଙ୍କ ଚାଲାଣ / ଡିଡି ଦେୟ **ସମ୍ବଲପୁର** ସପକ୍ଷରେ **କ୍ଷେତ୍ରୀୟ ପ୍ରବନ୍ଧକ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, ସମ୍ବଲପୁର**ଙ୍କୁ ପୈଠ ଦର୍ଶାଇ ଦାଖଲ କରିବେ । ଅନ୍ୟଥା ଜମା କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡି ପୁନଃ ବିକ୍ରୟ କରାଯିବ । ଦ୍ରଷ୍ଟବ୍ୟ ଏହି କି, ବ୍ୟାଙ୍କ ନିଲାମ ହେଉଥିବା ଗାଡିର କୌଣସି ବକେୟା ଟିକସ / ପ୍ରିମିୟମ / ଅନ୍ୟ କୌଣସି ଦେୟ ନିମନ୍ତେ ଦାୟୀ ରହିବେ ନାହିଁ । ଗାଡିର ମାଲିକାନା ହସ୍ତାନ୍ତରଣ ଖର୍ଚ୍ଚ ଏବଂ ବୈଧାନିକ ଦେୟ (ରୋଡ୍ ଟ୍ୟାକ୍ସ, ଫିଟନେସ୍, ବୀମା) ଇତ୍ୟାଦି କ୍ରେତା ବହନ କରିବେ । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ଯେକୌଣସି ଗାଡିର କିମ୍ବା ସମସ୍ତ ଗାଡିର ନିଲାମ ବିକ୍ରୟ ପ୍ରକ୍ରିୟାକୁ ଗ୍ରହଣ / ବାତିଲ / ରଦ୍ଦ କରିବାର ନିଜସ୍ୱ ସ୍ୱତନ୍ତ୍ର ଅଧିକାର ସଂରକ୍ଷିତ ରଖିଛନ୍ତି ।
ଯଦି ତା.୨୦.୦୯.୨୦୨୪ରିଖ ସୁଦ୍ଧା ସମ୍ପୂର୍ଣ୍ଣ ବକେୟା ରାଶି ପୈଠ ନକରନ୍ତି ତେବେ ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ଉପର ଦର୍ଶିତ ତାରିଖରେ ଗାଡି ନିଲାମ ବିକ୍ରୟ ହେବାର ଏହା ଏକ ନୋଟିସ୍ ଅଟେ ।

**ତାରିଖ: ୦୬.୦୯.୨୦୨୪**
**ସ୍ଥାନ: ସମ୍ବଲପୁର**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, ସମ୍ବଲପୁର**

यूको बैंक
ୟୁକୋ ବ୍ୟାଙ୍କ
UCO BANK
ଆଞ୍ଚଳିକ କାର୍ଯ୍ୟାଳୟ:
ୟୁକୋ ବ୍ୟାଙ୍କ ବିଲ୍ଡିଂ, ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର, ପିନ୍-୭୫୧୦୦୯
ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି । ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୩.୦୯.୨୦୨୪ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାର ଗୁଡ଼ିକ **ତା.୨୪.୦୯.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟକୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର ସଂ. | ଶାଖାର ନାମ/ଆକାଉଣ୍ଟ ନାମ/ ଆକାଉଣ୍ଟ ନଂ | ଅନୁମୋଦିତ ରାଶି (ଟଙ୍କାରେ) | ଡକ୍ୟୁମେଣ୍ଟ ତାରିଖ | ଏନ୍‌ପିଏ ତାରିଖ | ବକେୟା ରାଶି (ଟଙ୍କାରେ) | ଓଜନ (ମୋଟ/ନେଟ) (ଗ୍ରାମରେ) | ଠିକଣା |
|---|---|---|---|---|---|---|---|
| ୧. | ଦଳାଇସାହି/ନଟବର ସାହୁ/ଆକାଉଣ୍ଟ ନଂ: ୩୨୭୬୦୬୧୦୦୨୦୫୮୬ | ୪୦,୦୦୦ | ୨୭.୦୯.୨୦୨୩ | ୨୯.୧୨.୨୦୨୩ | ଟ. ୪୦,୦୦୦+ ଲାଗୁ ହୋଇ ନ ଥିବା ସୁଧ | ୧୭.୨/୧୪ | ଦଳାଇସାହି, ପୋ: ମାଣିକଗଡ଼ |
| ୨. | ଦଳାଇସାହି/ଦୀପକ ମହାରଣା/ଆକାଉଣ୍ଟ ନଂ: ୩୨୭୬୦୬୧୦୦୧୯୨୩୮ | ୨୦,୩୦୦୦ | ୦୧.୦୫.୨୦୨୩ | ୦୭.୦୭.୨୦୨୪ | ଟ.୨୦,୩୦୦୦ + ଲାଗୁ ହୋଇ ନ ଥିବା ସୁଧ | ୭୦.୪/୬୦ | ହାଟସାହି, ପୋ: ମାଣିକଗଡ଼ |
| ୩. | ଦଳାଇସାହି/ରମଜାନ ଖାନ୍/ଆକାଉଣ୍ଟ ନଂ ୩୨୭୬୦୬୧୦୦୧୮୯୯୬ | ୭୫,୦୦୦ | ୦୫.୦୪.୨୦୨୩ | ୦୪.୦୭.୨୦୨୪ | ଟ. ୭୫,୦୦୦+ ଲାଗୁ ହୋଇ ନ ଥିବା ସୁଧ | ୨୨.୭/୨୨ | ଦଳାଇସାହି, ପୋ: ମାଣିକଗଡ଼ |
| ୪. | ଦଳାଇସାହି/ଅଶୋକ କୁମାର ବେହେରା /ଆକାଉଣ୍ଟ ନଂ ୩୨୭୬୦୬୧୦୦୧୭୨୭୨ | ୧,୭୩,୦୦୦ | ୦୨.୧୧.୨୦୨୨ | ୩୧.୦୭.୨୦୨୩ | ଟ. ୧,୭୩,୦୦୦ + ଲାଗୁ ହୋଇ ନ ଥିବା ସୁଧ | ୬୪.୩/୫୬ | କୁମୁଟି ସାହି, ପୋ: ମାଣିକଗଡ଼ |
| ୫. | ଦଳାଇସାହି/ରମେଶ କୁମାର ବଳବନ୍ତରାୟ/ ଆକାଉଣ୍ଟ ନଂ ୩୨୭୬୦୬୧୦୦୧୬୮୦୦ | ୩୯,୦୦୦ | ୨୦.୦୯.୨୦୨୨ | ୧୯.୧୨.୨୦୨୩ | ଟ. ୩୯,୦୦୦+ ଲାଗୁ ହୋଇ ନ ଥିବା ସୁଧ | ୧୩.୪/୧୨ | ଦଳାଇସାହି, ପୋ: ମାଣିକଗଡ଼ |
| ୬. | ଦଳାଇସାହି/ଶ୍ରାବଣୀ ମଲ୍ଲିକ/ଆକାଉଣ୍ଟ ନଂ ୩୨୭୬୦୬୧୦୦୧୯୪୦୫ | ୩୫,୦୦୦ | ୨୪.୦୫.୨୦୨୩ | ୨୯.୦୮.୨୦୨୪ | ଟ.୨୪,୭୫୯+ ଲାଗୁ ହୋଇ ନ ଥିବା ସୁଧ | ୧୩.୯/୧୩ | ଦଳାଇସାହି, ପୋ: ମାଣିକଗଡ଼ |
| ୭. | ଦଳାଇସାହି/ସାବିତ୍ରୀ ପ୍ରଧାନ/ଆକାଉଣ୍ଟ ନଂ ୩୨୭୬୦୬୧୦୦୨୧୬୪୪ | ୭୧,୦୦୦ | ୦୫.୦୧.୨୦୨୪ | ୨୯.୦୮.୨୦୨୪ | ଟ. ୭୨,୭୭୪+ ଲାଗୁ ହୋଇ ନ ଥିବା ସୁଧ | ୨୮.୨/୨୬.୨ | କୁମୁଟି ସାହି, ପୋ: ମାଣିକଗଡ଼ |
| ୮. | ଦଳାଇସାହି/ସୁଶାନ୍ତ କୁମାର ସ୍ୱାଇଁ/ଆକାଉଣ୍ଟ ନଂ ୩୨୭୬୦୬୧୦୦୨୨୩୭୫ | ୧,୧୦,୦୦୦ | ୧୪.୦୩.୨୦୨୪ | ୨୯.୦୬.୨୦୨୪ | ଟ. ୧୧୮୩୭ + ଲାଗୁ ହୋଇ ନ ଥିବା ସୁଧ | ୬୩.୩/ ୨୯ | କୁମୁଟି ସାହି, ପୋ: ମାଣିକଗଡ଼ |
| ୯. | ଦଳାଇସାହି/ଯୁଗଳ କିଶୋର ବିଶୋୟୀ | ୨୨,୦୦୦ | ୦୧.୦୫.୨୦୨୩ | ୨୯.୦୮.୨୦୨୪ | ଟ. ୨୧,୩୭୨+ ଲାଗୁ ହୋଇ ନ ଥିବା ସୁଧ | ୧୪.୫/୧୦ | କୁମୁଟି ସାହି, ପୋ: ମାଣିକଗଡ଼ |
| ୧୦. | ଦଳାଇସାହି/ରମଜାନ ଖାନ୍/ଆକାଉଣ୍ଟ ନଂ/୩୨୭୬୦୬୧୦୦୨୧୬୩୭ | ୬୦,୦୦୦ | ୦୪.୦୧.୨୦୨୪ | ୦୪.୦୭.୨୦୨୪ | ଟ. ୬୨,୭୪୩+ ଲାଗୁ ହୋଇ ନ ଥିବା ସୁଧ | ୪୫/୨୩ | ଦଳାଇସାହି, ପୋ: ମାଣିକଗଡ଼ |
| ୧୧. | ଫୁଲବାଣୀ/ତୁମ୍ବକୀ କହଁର/ଆକାଉଣ୍ଟ ନଂ ୦୮୧୩୦୬୧୦୦୨୨୩୧୩ | ୨୫,୦୦୦ | ୨୨.୦୭.୨୦୨୨ | ୨୦.୧୦.୨୦୨୩ | ଟ. ୨୮,୦୮୬ + ଲାଗୁ ହୋଇ ନ ଥିବା ସୁଧ | ୧୧.୩/୧୦ | ଟିକରବାଲି, ଗଣ୍ଡଗାଁ, ଫୁଲବାଣୀ |
| ୧୨. | ମୈତ୍ରୀବିହାର/ରଶ୍ମିତା ଦାଶ/ଆକାଉଣ୍ଟ ନଂ ୧୮୩୯୦୬୧୦୦୦୯୬୩୫ | ୩୩,୦୦୦ | ୧୨.୦୨.୨୦୧୯ | ୩୧.୦୫.୨୦୨୧ | ଟ. ୪୭,୮୭୭+ ଲାଗୁ ହୋଇ ନ ଥିବା ସୁଧ | ୨୯.୦୧/ ୨୮ | ଏଲ୍୧୩୯, ଫେଜ୍ ୩, ଏଚ୍‌ବି କଲୋନୀ, ଭୁମଭୁମା |
| ୧୩. | ପୋଖରୀପୁଟ/ପରମେଶ୍ୱର ପ୍ରଧାନ/ଆକାଉଣ୍ଟ ନଂ/ ୩୧୦୦୦୬୧୦୦୦୨୩୨୭ | ୪୫,୦୦୦ | ୨୧.୦୬.୨୦୧୭ | ୩୦.୦୯.୨୦୧୯ | ଟ. ୬୨,୬୩୮+ ଲାଗୁ ହୋଇ ନ ଥିବା ସୁଧ | ୩୨.୮୬/୨୮.୯ | ପାତ୍ରପଡ଼ା, ଭୁବନେଶ୍ୱର |
| ୧୪. | ପୋଖରୀପୁଟ/ମିହିର କୁମାର ମହାରଣା/ ଆକାଉଣ୍ଟ ନଂ ୩୧୦୦୦୬୧୦୦୦୪୪୦୧ | ୫,୯୦୦ | ୧୩.୦୬.୨୦୧୮ | ୩୧.୦୩୨୦୨୧ | ଟ. ୭୨୯୪.୨୮ + ଲାଗୁ ହୋଇ ନ ଥିବା ସୁଧ | ୩.୫/୩.୫ | ପୋଖରୀପୁଟ, ଏରୋଡ୍ରମ ଏରିଆ, ଭୁବନେଶ୍ୱର |
| ୧୫. | କୋଣାର୍କ/କେ. ବୀରଭଦ୍ର ରାଓ/ଆକାଉଣ୍ଟ ନଂ ୨୦୦୬୦୬୧୦୦୩୯୨୭୪ | ୧,୩୦,୦୦୦ | ୦୭.୦୬.୨୦୨୪ | ୨୯.୦୬.୨୦୨୪ | ଟ. ୧,୩୦,୦୦୦ + ଲାଗୁ ହୋଇ ନ ଥିବା ସୁଧ | ୩୨.୨/୩୦ | ନୋଳିଆ ସାହି, ପୋ: କୋଣାର୍କ, ପୁରୀ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମାବଳୀ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି :**
୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ବ୍ୟାଙ୍କର କୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାର ଯାଞ୍ଚ କରିପାରିବେ ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର **୨୫%** ଅମାନତ ରାଶି ରୂପେ ଜମା କରିବେ ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବ୍ୟାଜାପ୍ତି ହେବ ଏବଂ ନିଲାମ ତାରିଖ ଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୯.୨୦୨୪**
**କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

# ସୀମାରେ ଅଣ୍ଡା ଓ କୁକୁଡ଼ା ଗାଡ଼ି ଅଟକାଇଛି କୋଲକାତା ପୁଲିସ୍

ବାଲେଶ୍ୱର , (ସବ୍ୟୁ) :ପଶ୍ଚିମବଙ୍ଗ ସୀମାରେ ଅଟକିଛି ଅଣ୍ଡା ଓ କୁକୁଡା ଗାଡ଼ି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଅଣ୍ଡା ଓ କୁକୁଡା ବୋଝେଇ ଟ୍ରକ୍ ଗୁଡ଼ିକୁ ୨୪ ଘଣ୍ଟା ହେଲା କୋଲକାତା ପୁଲିସ୍ ଅଟକାଇ ରଖିଛି। ଯେଉଁଥିପାଇଁ ୭୦ରୁ ଅଧିକ ଟ୍ରକ୍ ଜାତୀୟ ରାଜପଥରେ ଛିଡ଼ା ହୋଇଛ। ଆଗକୁ ଯାଇପାରୁ ନାହିଁଛଆସାମ ଓ ଓଡ଼ିଶାର ପଡ଼ୋଶୀ ପଶ୍ଚିମବଙ୍ଗ ଅଣ୍ଡା ଏବଂ କୁକୁଡ଼ା ପାଇଁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତ। ପ୍ରତିଦିନ ଶହଶହ ଗାଡ଼ି ଓଡ଼ିଶା ଦେଇ ପଶ୍ଚିମବଙ୍ଗ ଓ ଆସାମ ଯିବା ଆସିବା କରିଥାଏ। ଗୁରୁବାର ସକାଳଠାରୁ ଆନ୍ଧ୍ରପ୍ରଦେଶରୁ ଆସିଥିବା ୭୦ ଅଧିକ ଅଣ୍ଡା ଓ କୁକୁଡ଼ା ବୋଝେଇ ଟ୍ରକକୁ ସୋନା କଣିଆ ଚେକ୍ ଗେଟ୍ ପାଖରେ ପଶ୍ଚିମବଙ୍ଗର ଦାନ୍ତୋନ ପୁଲିସ୍ ଅଟକାଇ ରଖିଛି। ଆଗକୁ ଯିବା ପାଇଁ ଦେଉନାହିଁଛ କାରଣ ପଚାରିଲେ ଓଡ଼ିଶାରେ ବାର୍ଡ ଫ୍ଲୁ ବ୍ୟାପିଥିବାରୁ ଅଣ୍ଡା ଓ କୁକୁଡ଼ା ଗାଡ଼ିକୁ ଆଗକୁ ଯିବା ପାଇଁ ଅନୁମତି ନାହିଁ।ପୁଲିସ୍ ନାଲି ଆଖି ପରେ ଉପାୟଶୂନ୍ୟ ହୋଇ ୨୪ ଘଣ୍ଟାରୁ ଅଧିକ ସମୟ ଧରି ରାସ୍ତା ପାର୍ଶ୍ୱରେ ଗାଡ଼ି ଗୁଡ଼ିକ ଅଟକି ରହିଛନ୍ତି। ଗାଡ଼ି ଚାଳକମାନେ ଅଖିଆ ଅପିଆ ରହିଛନ୍ତି। ଅନ୍ୟ ପକ୍ଷରେ ଦୀର୍ଘ ସମୟ ଧରି ଗାଡ଼ି ଛିଡ଼ା ହେଲେ କୁକୁଡ଼ା ମରିଯିବା ଓ ଅଣ୍ଡା ନଷ୍ଟ ହେବା ଭୟ ଘାରିଛି। ତେଣୁ ଶୀଘ୍ର ଅଣ୍ଡା ଓ କୁକୁଡା ଗାଡ଼ି ଛାଡ଼ିବାକୁ ଟ୍ରକ୍ ଡ୍ରାଇଭରମାନେ ପୁଲିସ୍କୁ ଅନୁରୋଧ କରିଛନ୍ତ। ତେବେ ଛୋଟ ଛୋଟ ଗାଡ଼ି ଅନ୍ୟ ରାସ୍ତାରେ ପଶ୍ଚିମବଙ୍ଗ ଭିତରେ ପଶିଥିବା ଜଣାପଡ଼ିଛି।

# ସୁଭଦ୍ରା ଯୋଜନା ଆବେଦନ ଏକ ନିରନ୍ତର ପ୍ରକ୍ରିୟା
# ବାଧ୍ୟତାମୂଳକ ନୁହେଁ ଆଧାର-ମୋବାଇଲ ଲିଙ୍କ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ଓ ଏହି ଯୋଜନାର ଆବେଦନ ନିମନ୍ତେ କୌଣସି ଯୋଗ୍ୟ ହିତାଧିକାରୀ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ଓ ଜିଲ୍ଲାରେ ଥିବା ଆନୁମାନିକ ଦଶ ଲକ୍ଷ ହିତାଧିକାରୀଙ୍କ ପାଇଁ ପର୍ଯ୍ୟାପ୍ତ ଫର୍ମ ବଣ୍ଟନ କରାଯାଉଛି। ସୁଭଦ୍ରା ଯୋଜନା ହିତାଧିକାରୀ ଦରଖାସ୍ତ ଫର୍ମ ଅଙ୍ଗନବାଡି କେନ୍ଦ୍ର ଓ ଅଙ୍ଗନବାଡି ଦିଦିଙ୍କ ଠାରୁ ଗ୍ରହଣ କରିପାରିବେ ଓ ଏହାକୁ ପୂରଣ ପରେ ହିତାଧିକାରୀ ନିଜ ଆଧାର କାର୍ଡ, ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ଆଦି ସମସ୍ତ କାଗଜପତ୍ର ନେଇ ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ଜନ ସେବା କେନ୍ଦ୍ରରେ ସୁଭଦ୍ରା ପୋର୍ଟାଲରେ ପଞ୍ଜୀକରଣ କରିବେ। ଏଥି ନିମନ୍ତେ ଇ-କେୱାଇସି ବ୍ୟବସ୍ଥା କରାଯାଇଛି। ହିତାଧିକାରୀଙ୍କ ଅନୁପସ୍ଥିତିରେ କୌଣସି ପ୍ରାମାଣିକିକରଣ କରାଯିବ ନାହିଁ। ଆବେଦନକାରୀଙ୍କୁ କୌଣସି ସ୍ତରରେ ଏଥି ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ସେହିଭଳି ନିଷ୍କ୍ରିୟ ଥିବା ଆଧାର କାର୍ଡଗୁଡିକରେ ଆବଶ୍ୟକ ପରିବର୍ତ୍ତନ ନିମନ୍ତେ ଆଧାର କେନ୍ଦ୍ରକୁ ଦାୟିତ୍ୱ ଦିଆଯାଇଛି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ବାଇଓମେଟ୍ରିକ ନବୀକରଣ ପାଇଁ ୧୦୦ ଟଙ୍କା ଓ ଡେମୋଗ୍ରାଫିକ୍ ନବୀକରଣ ପାଇଁ ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ଅନ୍ୟ କୌଣସି ସ୍ତରରେ ଅର୍ଥ ପଡ଼ିବ ନାହିଁ। ସେହିଭଳି ଜିଲାରେ ଅନେକ ସୁଭଦ୍ରା କ୍ୟାମ୍ପ ଓ ଆଧାର କ୍ୟାମ୍ପ ମଧ୍ୟ ଖୋଲା ଯାଇଛି ଓ ଆଧାରକୁ ମୋବାଇଲ ନମ୍ବର ସହିତ ସଂଯୋଗ କରାଯାଇନଥିଲେ ମଧ୍ୟ ମୋ ସେବା କେନ୍ଦ୍ର କିମ୍ବା ଜନ ସେବା କେନ୍ଦ୍ରରେ ସୁଭଦ୍ରା ଫର୍ମ ଦାଖଲ କରିବା ପାଇଁ ମୁହଁ କିମ୍ବା ଫିଙ୍ଗରପ୍ରିଣ୍ଟ ସ୍କାନିଂ ମାଧ୍ୟମରେ ଆଧାର ପ୍ରାମାଣିକୀକରଣ କରାଯାଇପାରିବ। ତେଣୁ ଶୁଭଦ୍ରା ଫର୍ମ ଜମା କରିବା ପାଇଁ ମୋବାଇଲ ନମ୍ବରକୁ ଆଧାର ସହ ଲିଙ୍କ କରିବା ପାଇଁ ତତ୍ପର ହେବାର ଆବଶ୍ୟକତା ନାହିଁ। ବୁଧବାରଠାରୁ ଇ-ପଞ୍ଜୀକରଣ ଆରମ୍ଭ ହୋଇଥିବା ଏହି ସୁଭଦ୍ରା ଯୋଜନା ଆବେଦନର କୌଣସି ଶେଷ ତାରିଖ ନାହିଁ । ଏନେଇ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଆବେଦନ ଫର୍ମ ଯୋଗାଇ ଦିଆଯାଇଛି। ଏଭଳି ସ୍ଥିତିରେ ବ୍ୟସ୍ତ ହୋଇ ଆବେଦନ କେନ୍ଦ୍ରରେ ଭିଡ଼ ନ ଜମାଇବା କିମ୍ବା କାହାରିକୁ ଅର୍ଥ ନ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ଓ କୌଣସି ସ୍ତରରେ ଆବେଦନ ପାଇଁ କେହି ଅର୍ଥ ନେଉଥିଲେ କିମ୍ବା ମାଗଣାରେ ପଞ୍ଜୀକରଣ ପାଇଁ ମନା କରୁଥିବା ସେବାକେନ୍ଦ୍ର ସମ୍ପର୍କରେ ସୂଚନା ଦେଲେ ସେମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅବଗତ କରିଛନ୍ତି। ସୁଭଦ୍ରା ଯୋଜନା ସମ୍ପର୍କିତ ସବିଶେଷ ସୂଚନା ସୁଭଦ୍ରା ପୋର୍ଟାଲରେ ଉପଲବ୍ଧ ରହିଛି ଏବଂ ଏହି ସମ୍ବନ୍ଧୀୟ ଅନ୍ୟ କୌଣସି ଅଭିଯୋଗ କିମ୍ବା ମତାମତ ପାଇଁ ସରକାରଙ୍କ ତରଫରୁ ଜାରି କରାଯାଇଥିବା ଟୋଲ ଫ୍ରି ନମ୍ବର ୧୪୬୭୮ ରେ ଯୋଗାଯୋଗ କରାଯାଇପାରିବ।

# ୭ ରୁ ୧୬ ଜିଲ୍ଲାରେ ବୁଲିବ ସୁଭଦ୍ରା ସଚେତନତା ରଥ

ଭଦ୍ରକ,(ସବ୍ୟୁ):ମହିଳା ସଶକ୍ତିକରଣ ନେଇ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯୁଗାନ୍ତକାରୀ ଯୋଜନା 'ସୁଭଦ୍ରା'ର କାର୍ଯ୍ୟକାରୀତା ଦିଗରେ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବା ସହିତ ଗଣମାଧ୍ୟମ ଜରିଆରେ ଏହି ଯୋଜନା ସମ୍ବନ୍ଧରେ ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ସାମ୍ବାଦିକ ସାକ୍ଷାତକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସୁଭଦ୍ରା ଯୋଜନାରେ ଜିଲ୍ଲା ପାଇଁ ନୋଡାଲ ଅଧିକାରୀ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଏହି ଜିଲ୍ଲା ସ୍ତରୀୟ ପ୍ରେସ୍‌ମିଟ୍‌ର ଆବାହକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସୁଭଦ୍ରା ଯୋଜନାର ଆଭିମୁଖ୍ୟ, ଜିଲ୍ଲାରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ପ୍ରସ୍ତୁତି, ମାଗଣାରେ ଫର୍ମ ବିତରଣ, ଆବେଦନ ପ୍ରକ୍ରିୟା, ଯୋଗ୍ୟ ହିତାଧିକାରୀ, ଅନ୍‌ଲାଇନ୍‌ରେ ଆବେଦନ ପାଇଁ ନିୟୋଜିତ ମୋ ସେବା କେନ୍ଦ୍ର, ଜନସେବାକେନ୍ଦ୍ର, ଆଧାର ସଂଯୋଗ ପାଇଁ ଚିହ୍ନଟ ଆଧାର କେନ୍ଦ୍ର ସମ୍ବନ୍ଧରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ତଥ୍ୟ ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକି ଏହି କାର୍ଯ୍ୟପାଇଁ ଭଦ୍ରକ ଜିଲ୍ଲାରେ ୧୦୮୬ଟି ଜନସେବା କେନ୍ଦ୍ର ୨୯୧ ଟି ମୋସେବା କେନ୍ଦ୍ର ୪୦ଟି ଆଧାର କେନ୍ଦ୍ର ଚିହ୍ନଟ କରାଯାଇଥିବା ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଇଁ ମୁଦ୍ରିତ ୬ ଲକ୍ଷ ଆବେଦନ ଫର୍ମରୁ ୪ ଲକ୍ଷ ବିତରଣ ସରିଥିବା ଏବଂ କୌଣସି ଜାଗାରେ ଫର୍ମର ଅଭାବ ନଥିବା କହିଥିଲେ। ଆବେଦନର କୌଣସି ନିର୍ଦ୍ଧାରିତ ଶେଷ ତାରିଖ ନାହିଁ। ଏଥିପାଇଁ ଆବେଦନ ପ୍ରକ୍ରିୟା ନିରନ୍ତର ଭାବେ ଚାଲୁ ରହିବ। ଆବେଦନକାରୀମାନେ ବ୍ୟତିବ୍ୟସ୍ତ ନ ହେବାକୁ ଗଣମାଧ୍ୟମ ଜରିଆରେ ଜିଲ୍ଲାପାଳ ଜଣାଇଛନ୍ତି। ଆଧାର-ମୋବାଇଲ ଲିଙ୍କ ହୋଇନଥିଲେ ମଧ୍ୟ ପଞ୍ଜିକରଣ କରିହେବ ବୋଲି ଜିଲ୍ଲାପାଳ ଜଣାଇଥିଲେ। ବାୟୋମେଟ୍ରିକ୍ ପଦ୍ଧତିରେ ଆଧାର ପ୍ରାମାଣିକରଣ କରାଯାଇପାରିବ। ଚଳିତମାସ ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଆଗମନ ଅବସରରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନର ଶୁଭାରମ୍ଭ କରାଯିବ। ମାର୍ଚ୍ଚ ୨୦୨୫ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଜିଲ୍ଲାର ୨୪୩୫ ଅଙ୍ଗନୱାଡ଼ି ଜରିଆରେ ଫର୍ମ ବିତରଣ କାର୍ଯ୍ୟ ଚାଲୁ ରହିଛି। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିଶୁଳ୍କ ହେଲ୍ପଲାଇନ୍ ୧୪୬୭୮ରେ ହିତାଧିକାରୀମାନେ ଯୋଗାଯୋଗ କରିପାରିବେ। ୭ରୁ ୧୬ ମଧ୍ୟରେ ଜିଲ୍ଲାରେ ବୁଲିବ ସୁଭଦ୍ରା ସଚେତନତା ରଥ। ହୋର୍ଡ଼ିଂ, ବ୍ୟାନର, ପୋଷ୍ଟର ଓ ୱାଲ ପେଣ୍ଟିଂ ଜରିଆରେ ପଞ୍ଚାୟତ, ବ୍ଲକ, ଜିଲ୍ଲା ସ୍ତରରେ ପ୍ରଚାର ପ୍ରସାର କରାଯିବା ନେଇ ମଧ୍ୟ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଉତ୍ସବରେ କରଞ୍ଜିଆରୁ ୩ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ



କରଞ୍ଜିଆ ,(ସବ୍ୟୁ) : ଗୁରୁ ଦିବସ ଅବସରରେ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତି ଆୟୋଜନରେ ସହିତ ସ୍ମୃତି ଭବନ ବାରିପଦା ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବରେ କରଞ୍ଜିଆ ବ୍ଲକର ୨ ଜଣ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଜଣେ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବର ମୁଖ୍ୟ ଅତିଥି ଭାବ ମୟୂରଭଞ୍ଜ ଲୋକସଭା ସାଂସଦ ନ ଚରଣ ମାଝୀ ଓ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦାନ କରି ଉତ୍ତୋରିୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ମଧ୍ୟରେ କାର୍ଯ୍ୟରତ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ୱାଡ ନମ୍ବର ଦୁଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରଡିଆ ଶିକ୍ଷୟିତ୍ରୀ ସୁପ୍ରିୟା ସାହୁ, ଘୋଷଦା ସିଆରସିସି ନିର୍ମଳ ଚନ୍ଦ୍ର ମାଝୀ ଓ ଅବସରପ୍ରାପ୍ତ ଶିକ୍ଷକ ଡମ୍ବରୁଧର ରଣସିଂ ରହିଛନ୍ତି।

# ଜିପିଏସ୍ ଲିଙ୍କ ଫେଲ, ଆବେଦନକାରୀ ରାତି ଉଜାଗର

ଆଗରପଡ଼ା,(ସବ୍ୟୁ):ବର୍ତ୍ତମାନ ସୁଭଦ୍ରା ଯୋଜନାରେ ଆବେଦନ କରିବା ପାଇଁ ଜନସେବା କେନ୍ଦ୍ର,ମୋ ସେବା କେନ୍ଦ୍ର,ବ୍ୟାଙ୍କ,ପୋଷ୍ଟ ଅଫିସ୍ ଗୁଡ଼ିକରେ ଲୋକମାନଙ୍କର ଅସମ୍ଭବ ପ୍ରକାର ଭିଡ଼ ହେଉଥିବାର ପରିଲକ୍ଷିତ ହେଉଛି। ମୋବାଇଲ ନମ୍ବର ସହ ଆଧାର ଲିଙ୍କ ହେଉବା ଆକାଉଣ୍ଟ ନମ୍ବର ଲିଙ୍କ୍ ପାଇଁ ହେଉ କିମ୍ବା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିବା ପାଇଁ ହେଉ,ପ୍ରତି ସ୍ଥାନରେ ଲୋକମାନେ ଘଣ୍ଟାଘଣ୍ଟା ଧରି ଲମ୍ବା ଲାଇନ୍‌ରେ ଠିଆହୋଇ ମଧ୍ୟ କାର୍ଯ୍ୟ ସଫଳ ହୋଇପାରୁନାହିଁ। ଏହାର ମୂଳ କାରଣ ଜିପିଏସ ଲିଙ୍କ୍ ଫେଲ ଓ ସ୍ଲୋ। ସବୁଠୁ ଆଶ୍ଚର୍ଯ୍ୟ କଥା ମୋ ସେବାକେନ୍ଦ୍ର ଓ ଜନ ସେବାକେନ୍ଦ୍ର ଆଦି ଗୁଡ଼ିକରେ ରାତି ଉଜାଗର ହୋଇ ବିଶେଷକରି ମହିଳାମାନେ ସୁଭଦ୍ରା ଯୋଜନାରେ ଆବେଦନ କରିବା ପାଇଁ ଲମ୍ବା ଲାଇନ୍‌ରେ ଠିଆ ହେବା ଦୃଶ୍ୟ ଆଗରପଡ଼ା ଅଂଚଳରେ ଦେଖିବାକୁ ମିଳୁଛି। ସରକାରୀସ୍ତରରେ ପ୍ରଣୟନ କରାଯାଉଥିବା ଯୋଜନା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ସୁଦ୍ଧା ଅନଲାଇନର ସୁବିଧା କିପରି ଆବେଦନକାରୀମାନେ ପାଇପାରିବେ ସେଥି ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ନିବେଦନ କରିଛନ୍ତି।

# ୩ ବଖରା ଜଳିଗଲା

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ବିଶୋଳ-ଶାସନ ଗ୍ରାମର ସହଦେବ ଯେନାଙ୍କ ୩ ବଖରା ଘର ଗତ ଗୁରୁବାର ରାତ୍ରରେ ଜଳିଯାଇଥିବା ଜଣାଯାଇଛି। ଘରଲୋକେ ଶୋଇଥିବା ସମୟରେ ରାତ୍ର ୧୧.୩୦ମି ବେଳେ ଅଗ୍ନିକାଣ୍ଡ ହୋଇଥିଲା। ଶୌଚପାଇଁ ପରିବାର ଲୋକେ ଉଠି ଘର ଜଳୁଥିବା ଦେଖିଥିଲେ। ସୂଚନା ପାଇ ଭଣ୍ଡାରିପୋଖରୀରୁ ଦମକଳବାହିନୀ ପହଞ୍ଚି ଅଗ୍ନିକୁ ଆୟତ୍ତ କରିଥିଲେ। ମାତ୍ର ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ଜଳିଯାଇଥିବା ଜଣାଯାଇଛି। ବିଦ୍ୟୁତ ସର୍ଟସର୍କିଟ ଅଗ୍ନିକାଣ୍ଡର କାରଣ ବୋଲି କୁହାଯାଉଛି।

# ଅଜଣା ଗାଡି ଧକ୍କାରେ ଡ୍ରାଇଭରଙ୍କ ମୃତ୍ୟୁ

ଢେଙ୍କିକୋଟ ,(ସବ୍ୟୁ) :ଢେଙ୍କିକୋଟ ମାର୍କେଟ ସଂଲଗ୍ନ ୨୦ ନମ୍ବର ଜାତିୟ ରାଜପଥ ଚକାଡୋଳା ପେଟ୍ରୋଲ୍ ପମ୍ପ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ସାନ୍ତରାପୁର ତଥା ଙ୍କେିକୋଟ ଅଂଚଳର ଜଣେ ଜଣାଶୁଣା ଡ୍ରାଇଭରର ମୃତ୍ୟୁ ହୋଇଯାଇଛି । ମୃତ ଡ୍ରାଇଭର ଜଣଙ୍କ ସାନ୍ତରାପୁର ଗ୍ରାମର ବସନ୍ତ ଦାସ ( ୫୫) । ଖବରପାଇ ଢେଙ୍କିକୋଟ ଫାଣ୍ଡି ଏଏସଆଇ ସୁରଥ ଦେହୁରି ଘଟଣା ସ୍ଥଳକୁଯାଇ ତଦନ୍ତ ଚାଲୁରଖିଛନ୍ତି । ତାଙ୍କର ମୃତ୍ୟୁ ଯୋଗୁଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଶିଆଳ ଆକ୍ରମଣରେ ମହିଳା ଗୁରୁତର

ପାଟଣା,(ସବ୍ୟୁ) : ଶିଆଳ ଆକ୍ରମଣରେ କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଧିନରେ ଥିବା ନିହୁଆଁ ଗ୍ରାମର ଦୁଇଜଣ ମହିଳା ଗୁରୁତର ହୋଇଛନ୍ତି। ନିହୁଆଁ ଗ୍ରାମର ୨ମହିଳା ବିଲ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ପାଖ ଜଙ୍ଗଲରୁ ଏକ ଶିଆଳ ବାହାରି ଆସି ପ୍ରଥମେ ଜଣଙ୍କୁ କାମୁଡି ଥିବା ବେଳେ ଅନ୍ୟଜଣେ ବିଲୁଆକୁ ଘଉଡାଇବା ପାଇଁ ଚେଷ୍ଟା କରିବା ବେଳେ ତାଙ୍କ ହାତକୁ ମଧ୍ୟ କାମୁଡି ପକାଇଥିଲା । ପଳରେ ଦୁଇଜଣ ଗୁରୁତର ହୋଇ ଥିଲେ।ସ୍ଥାନୀୟ ଲୋକ ଉଭୟ ଗୁରୁତର ମହିଳାଙ୍କୁ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ କରଞ୍ଜିଆ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।ଏହାପରେ ସ୍ଥାନୀୟ ଲୋକମାନେ ଶିଆଳକୁ ମାରି ଦେଇଥିବା ସୂଚନା ମିଳିଛି।

# ବିଭିନ୍ନ ବିଦ୍ୟାଳୟରେ ଗୁରୁ ଦିବସ ପାଳନ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ପୌରହିତ୍ୟରେ ଗୁରୁପୂଜନ ଓ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ବିଦ୍ୟାଳୟର ଗୁରୁମାନଙ୍କୁ ଛାତ୍ରଛାତ୍ରୀମାନେ ବନ୍ଦାପନା କରିଥିଲେ। ମଣିନାଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ ଭାରପ୍ରାପ୍ତ ଅଧକ୍ଷ ସମୀର କୁମାର ଚୌଧୁରୀଙ୍କ ପୌରହିତ୍ୟରେ ପାଳନ କରାଯାଇଥିଲା। ଏଥିରେ ଅଧ୍ୟାପକ ଅନାଦି ଚରଣ ସାହୁ, ଶ୍ୟାମାଶଙ୍କର ଦାଶ, ରବିନ୍ଦ୍ର କୁମାର ପାଢୀ, ଶତ୍ରୁଘ୍ନ ବେହେରା, ମିନତୀ ଓଝା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ମୀନକେତନ ବେଉରିଆ, ଶରତ ଚନ୍ଦ୍ର ମହାରଣା, ଶିକ୍ଷୟତ୍ରୀ ଆରୁଣି ବେହେରା ବକ୍ତବ୍ୟ ରଖି ଗୁରୁଦିବସର ତାପର୍ଯ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଶାରଦା ବିଦ୍ୟାମନ୍ଦିରରେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ, ଷୋଳମପୁର ଶିଶୁବିଦ୍ୟାମନ୍ଦିରରେ ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଗୁରୁଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବେତନଟୀ ,(ସବ୍ୟୁ) : ଶୁକ୍ରବାର ଅପରାହ୍ନରେ ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ଗ୍ରାମର ସନ୍ୟାସୀ ଦଳେଇଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ବୈଶିଙ୍ଗା ଗ୍ରାମର ସ୍ୱର୍ଗତ ଚୈତନ୍ୟ ଦଳେଇ ଙ୍କ ଜ୍ୟେଷ୍ଠ ପୁତ୍ର ସନ୍ୟାସୀ ତାଙ୍କ ସ୍ତ୍ରୀ ସତ୍ୟଭାମାଙ୍କ ସହିତ ନିଜ ଫାର୍ମ ହାଉସ୍‌ରେ ଘାସ କାଟୁଥିଲେ । ପୋଖରୀ ଗୋଟିଏ ପାର୍ଶ୍ୱରେ ସ୍ତ୍ରୀ ଘାସ କାଟୁ ଥିବା ବେଳେ ଅନ୍ୟ ପାର୍ଶ୍ୱରେ ସନ୍ୟାସୀ ଘାସ କାଟୁଥିଲେ। ନିକଟରେ ଲୁହା ବିଦ୍ୟୁତ୍ ଖୁଣ୍ଟି ନିକଟରେ ଘାସ କାଟୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଥିଲେ। ସ୍ତ୍ରୀ ଆସି ଦେଖନ୍ତି ସ୍ୱାମୀଙ୍କର ଏଭଳି ଅବସ୍ଥା ଦେଖି ସ୍ତ୍ରୀ ଘରକୁଆସି ଦୁଇ ପୁଅ ଏବଂ ଦିଅର ଦୁଇ ଜଣଙ୍କୁ କହିଥିଲେ।ସେମାନେ ସନ୍ୟାସୀଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ସନ୍ୟାସୀ ପରୋପକାରୀ , ମିଷ୍ଟଭାଷୀ, ଅମାୟିକ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ ।ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ବ୍ୟକ୍ତି ଡାକ୍ତରଖାନାରେ ରୁଣ୍ଡ ହୋଇଥିବାର ଦେଖିବାକୁ ମିଳିଥିଲା । ପାନୀୟଜଳ ବିଭାଗର ବୈଶିଙ୍ଗା ଗ୍ରାମପଞ୍ଚାୟତ ର ଏସିଏମ ଭାବେ କାର୍ଯ୍ୟ କରି ଆସୁଥିଲେ ।

# ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲେଶ୍ୱର,(ସବ୍ୟୁ) :ବିଭିନ୍ନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନେ ୩୦ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରି ଦୁଃଖ, ଯନ୍ତ୍ରଣା ଓ ଅଭାବ ଭିତରେ ମୃତ୍ୟୁକୁ ଅପେକ୍ଷାକରି ରହିଥିବା ବେଳେ ସରକାର ସେମାନଙ୍କ ପ୍ରତି ଧ୍ୟାନ ଦେଉ ନାହାଁନ୍ତି । ଯାହାଫଳରେ ଉଭୟ ଗ୍ରାମାଞ୍ଚଳ ଓ ସହରରେ ମହାବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରି ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଦେଶକୁ ଉପହାର ଦେଇଥିବା ବେଳେ ଅଦ୍ୟାବଧି ସେମାନେ କୌଣସି ସୁଫଳ ପାଇପାରୁ ନାହାଁନ୍ତି। ପୂର୍ବ ବି.ଜେ.ଡ଼ି. ସରକାର ୨୦୦୮, ୨୦୦୯, ୨୦୧୭ ଅର୍ଡର ମାଧ୍ୟମରେ ସେମାନଙ୍କୁ ବାରମ୍ବାର ପ୍ରତାରିତ କରିଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଅବସର ପରେ ଗୋଟିଏ ଟଙ୍କା ଗ୍ରାଚୁଇଟି କିମ୍ବା ପେନସନ୍ ପାଇଲୁ ନାହିଁ । ଫଳରେ ପେନସନ୍ ପାଇଁ ଆମେ ସବୁ ଉଚ୍ଚନ୍ୟାୟାଳୟରେ ଦ୍ୱାରସ୍ଥ ହେଲୁ । ୨୦୨୪ ନିର୍ବାଚନ ପୂର୍ବରୁ ଭୟଭୀତ ବି.ଜେ.ଡ଼ି. ସରକାର ୧୩.୦୩. ୨୦୨୪ ତାରିଖରେ ୧୦୭୦୭ ଅର୍ଡର ମାଧ୍ୟମରେ ଅଧ୍ୟାପକଙ୍କୁ ଦଶ ଲକ୍ଷ ଓ ଅଣଶିକ୍ଷକଙ୍କୁ ପାଞ୍ଚ ଲକ୍ଷ ଏକକାଳିନୀ ସୁବିଧା ଦେବାପାଇଁ କଲେଜରୁ କାଗଜପତ୍ର ମଗାଇ ନେଲେ। ହେଲେ ଉଚ୍ଚନ୍ୟାୟାଳୟ ପୁନର୍ବାର ୨୧.୦୩. ୨୦୨୪ ରିଖରେ ରାୟ ଦେଲେ ସରକାର ଏପରି ସାହାଯ୍ୟ ରାଶି ଦେଇପାରିବେ ନାହିଁ । ତିନିମାସ ମଧ୍ୟରେ ଧାରାବାହିକ ଭାବେ ପେନସନ୍ ଦେବାକୁ ହେବ । ଏହା ଭିତରେ ଅନେକ ଅଧ୍ୟାପକ ଓ କର୍ମଚାରୀ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ଆରପାରିକୁ ଚାଲିଗଲେଣି । ବଞ୍ଚିଥିବା ଆମେମାନେ ମଧୁମେହ, କ୍ୟାନ୍‌ସର, ରକ୍ତଚାପ ରୋଗରେ ଶିକାର ହୋଇ ଖାଦ୍ୟ, ଔଷଧ ଓ ବସ୍ତ୍ର ପାଇଁ ସଂଗ୍ରାମ କରୁଛୁ । ଏହା ଗୁରୁବର୍ଗଙ୍କ ପାଇଁ ଅଭିଶାପ ସଦୃଶ୍ୟ ।ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଶିଶିର କୁମାର କର, ରାମଚନ୍ଦ୍ର ନାୟକ, ଗଧାଧର ରାଉତ ପ୍ରମୁଖ ସ୍ୱାକ୍ଷର କରିଥିବା ଜଣାପଡ଼ିଛି।

# କର୍ମଚାରୀ ଅଭାବ ଆଧାର ସଂଶୋଧନ ପାଇଁ ଡାକଘରେ ଭିଡ

ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣାରେ ଥିବା ଉପ ଡାକଘରେ କର୍ମଚାରୀ ଅଭାବ ଯୋଗୁଁ ଉପଭୋକ୍ତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ମୋହନ ସରକାରଙ୍କ ସୁଭଦ୍ରା ଯୋଜନାରେ ସାମିଲ ହେବାପାଇଁ ଆଧାର କାର୍ଡ ସଂଶୋଧନ ଏବଂ ମୋବାଇଲ ନମ୍ବର ଲିଙ୍କ୍ କରିବା ଆବଶ୍ୟକ ହେଉଥିବାରୁ ଗୁରୁବାର ଦିନ ପାଟଣା ଡାକଘରେ ଶହଶହ ମହିଳାଙ୍କ ଲମ୍ବା ଧାଡିରେ ଛିଡା ହୋଇଥିବାର ଦେଖିବାକୁ ମିଳଥିଲା।ଆଧାର କାର୍ଡ ଲିଙ୍କ୍ ପାଇଁ ସକାଳ ସାଢ଼େ ୫ଟାରୁ ।ରୁ ମହିଳାମାନେ ନିଜନିଜର କାମ ଧନ୍ଦା ଛାଡି ଛୋଟ ପିଲାଙ୍କୁ ଧରି ଦିନ ସାରା ଭୋକ ଉପାସରେ ଲାଇନ ଲଗାଉ ଥିବା କହିଛନ୍ତି।ଡାକଘର ପୂର୍ବାହ୍ନ ୧୦ଟାରେ ଖୋଲିଥିଲେ ମଧ୍ୟ ଆଧାର ସଂଶୋଧନ କରିବା ପାଇଁ ଦିନ ୨ ଟାରେ ଆରମ୍ଭ ହେଉଥିବା ମହିଳା ମାନେ କହିଛନ୍ତି। ଏହି ଡାକଘରେ କର୍ମଚାରୀ ଅଭାବ ଯୋଗୁଁ ଏହିପରି ଅସୁବିଧା ହେଉଛି।

# ଗଣେଶ ପୂଜା ନେଇ ପ୍ରଶାସନିକ ବୈଠକ : ଅକ୍ଟୋବର ୬ ରୁ ୧୦ ଭସାଣି

ଭଦ୍ରକ,(ସବ୍ୟୁ):। ପ୍ରସିଦ୍ଧ ଗଣେଶ ପୂଜୋତ୍ସବ ବର୍ଷ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ବିଗତ ଦିନରେ ଯେପରି ଶାନ୍ତି ଶୃଙ୍ଖଳାର ସହିତ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଗଣେଶ ପୂଜା ଓ ଭସାଣି ପାଳିତ ହୋଇଆସିଛି ଚଳିତ ବର୍ଷ ମଧ୍ୟ ସେହିପରି ଭାଇଚାରାର ସଂସ୍କୃତି ବଜାୟ ରଖି ଉତ୍ତମ ବାତାବରଣ ମଧ୍ୟରେ ଗଣେଶ ପୂଜା ଉତ୍ସବ ପାଳନ ଓ ଭସାଣି ଯାତ୍ରା ସମସ୍ତଙ୍କ ସହଯୋଗ ମଧ୍ୟରେ ଅନୁଷ୍ଠିତ ହେବା ନେଇ ଜିଲ୍ଲାପାଳ ପ୍ରକାଶ କରିଥିଲେ। ସେପ୍ଟେମ୍ବର ମାସ ୭ ତାରିଖ ଶନିବାର ଦିନ ପାଳିତ ହେବାକୁ ଥିବା ଗଣେଶ ପୂଜା ଦିନ ଠାରୁ ଭଦ୍ରକର ପ୍ରସିଦ୍ଧ ବୁଢ଼ା ଗଣେଶ, ପିଲା ଗଣେଶ, କାଞ୍ଚନ ଗଣେଶ, ଟୋକା ଗଣେଶ ଓ ଛୁଆ ଗଣେଶଙ୍କ ପୂଜା ଆରମ୍ଭ ହୋଇ ପ୍ରାୟ ଏକମାସ ପର୍ଯ୍ୟନ୍ତ ମଣ୍ଡପରେ ପୂଜା ଉତ୍ସବ ଅନୁଷ୍ଠିତ ହେବା ନେଇ ବୈଠକରେ ଉପସ୍ଥିତ ସଂପୃକ୍ତ ପୂଜା କମିଟିର ସଭାପତି, ସମ୍ପାଦକ ପ୍ରକାଶ କରିଥିଲେ। ଭସାଣିରେ ପାରମ୍ପରିକ ବାଦ୍ୟ ବ୍ୟବହାର କରାଯିବାନେଇ ପୂଜା କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ନ୍ୟାୟାଳୟର ମାର୍ଗ ଦର୍ଶିକା ଅନୁଯାୟୀ ଶବ୍ଦ ବ୍ୟବସ୍ଥାରେ ନିୟନ୍ତ୍ରଣ ରଖିବାକୁ ଏସ୍.ପି. ପରାମର୍ଶ ପ୍ରଦାନ କରିଥିଲେ। ଅକ୍ଟୋବର ୬ ରେ ବୁଢ଼ା ଗଣେଶଙ୍କ ଭସାଣିରୁ ସମସ୍ତ ଗଣେଶ ମେଢ଼ର କ୍ରମାନୁଯାୟୀ ଭସାଣି ଯାତ୍ରା ଆରମ୍ଭ ହେବ। ୭ ରେ ପିଲା ଗଣେଶ, ୮ ରେ ଟୋକା ଗଣେଶ ୯ ରେ କାଞ୍ଚନ ଗଣେଶ ଏବଂ ୧୦ ରେ ଛୁଆ ଗଣେଶଙ୍କ ଭସାଣି ହେବା ନେଇ କାର୍ଯ୍ୟସୂଚୀ ବୈଠକରେ ଅନୁମୋଦିତ ହେଲା। ପୂଜା ସମୟରେ ଆବଶ୍ୟକ ପୋଲିସ୍ ମୂତୟନ, ଜନ ଗହଳି ଓ ଟ୍ରାଫିକ୍ ନିୟନ୍ତ୍ରଣ, ପୋଲିସ୍, ପେଟ୍ରୋଲିଂ, ବିଦ୍ୟୁତ୍ ଓ ଅଗ୍ନି ନିରାପତ୍ତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପ୍ରତି ମଣ୍ଡପରେ ସି.ସି.ଟିଭି କ୍ୟାମେରା, ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା, ପୂଜାମଣ୍ଡପରେ ନିୟୋଜିତ ସ୍ୱେଚ୍ଛାସେବକ ମାନଙ୍କ ପାଇଁ ପରିଚୟ ପତ୍ର, ପରିଷ୍କାର ପରିଚ୍ଛନ୍ନତା, ରାସ୍ତା ଆଲୋକି କରଣ, କଳସ ବୁଢ଼ା ଘାଟ ପରିଷ୍କାର ଆଦି ସମ୍ବନ୍ଧରେ ଟିକିନିଖି ସମୀକ୍ଷା କରାଯାଇ ଆବଶ୍ୟକ ମତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଦ୍ୱାରା ଜାରି ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ପୂଜା ପାର୍ବଣ ସମୟରେ ବାସିଫୁଲ, ପତ୍ର, ଫଳ ଆଦି ସହ ମୂର୍ତ୍ତି ବିସର୍ଜନ ପ୍ରାକୃତିକ ଜଳାଶୟରେ ନ ପକାଇବା ପାଇଁ ପ୍ରଶାସନ ତରଫରୁ ସଚେତନତା ସୃଷ୍ଟି କରାଯିବ। ମୂର୍ତ୍ତି ବିସର୍ଜନ ପାଇଁ କୃତ୍ରିମ ଜଳାଶୟ ବ୍ୟବସ୍ଥା କରିବାକୁ ପରୀକ୍ଷା ନିରୀକ୍ଷା କରିବା ଆଦି ଦିଗରେ ମଧ୍ୟ ଆଲୋଚନା କରାଯାଇ ଆବଶ୍ୟକ ଅନୁଯାୟୀ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ସଂପୃକ୍ତ ପୋଲିସ୍ ଓ ବିଭାଗୀୟ ଅଧିକାରୀ, ଶାନ୍ତି କମିଟିର ସଦସ୍ୟ, ସଂପୃକ୍ତ ୫ଟି ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ମତାମତ ରଖିଥିଲେ। ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇଦ ବଜା ଅନାଥ ଆଶ୍ରମରେ ଗୁରୁ ଦିବସ ପାଳିତ

କେନ୍ଦୁଝର ,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବାଇଦ ବଜା ଠାରେ ଅନୁଷ୍ଠିତ ଅନାଥ ଆଶ୍ରମ ଠାରେ ଗୁରୁ ଦିବସ ଆନୁଷ୍ଠାନିକ ଭାବେ ପାଳନ ହୋଇଯାଇଛି। ସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ରମାନେ ଉପସ୍ଥିତ ରହିଥିବା ଦେଖାଯାଇଥିଲା। ସ୍କୁଲ ଛାତ୍ରମାନେ ଏହି ଅବସରରେ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ବନ୍ଦାପନା କରିଥିଲେ। ଉକ୍ତ ଉତ୍ସବରେ ସ୍କୁଲର ପରିଚାଳନା ସଭାପତି ରାମଚନ୍ଦ୍ର ପାତ୍ର ଉପସ୍ଥିତ ରହି ସମସ୍ତ ଶିକ୍ଷକ ଓ ଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ହେରିଟେଜରେ ଗୁରୁ ଦିବସ




ଠାକୁରମୁଣ୍ଡା,(ସବ୍ୟୁ) :ଠାକୁରମୁଣ୍ଡାର ହେରିଟେଜ ଇଂଲିଶ ମିଡିୟମ ସ୍କୁଲରେ ଗୁରୁ ଦିବସ ପାଳିତ ହୋଇଯାଇଛି ।ଗୁରୁଦିବସ ଅବସରରେ ନିର୍ଦ୍ଦେଶକ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଚକ୍ରଧର ଦାସ ଯୋଗଦେଇ ଗୁରୁହିଁ ସାକ୍ଷାତ ଈଶ୍ୱର ବୋଲି ମତ ରଖିଥିଲେ ।ସଭାପତି ଗୁରୁ ଭକ୍ତିର ଶକ୍ତି ସମ୍ପର୍କରେ ମତ ରଖି ଛାତ୍ର ଛାତ୍ରୀଙ୍କୁ ପିତା, ମାତା ଏବଂ ଶିକ୍ଷକ ଏ ୩ ଜଣଙ୍କୁ ପୂଜିବା ପାଇଁ ପରାମର୍ଶ ଦେଇଥିଲେ । ଅଭିଭାବକ ସଂଘ ସଭାପତି ଲକ୍ଷ୍ମଣ ପୂର୍ତ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଇଂଲିଶ ମିଡିୟମ ସ୍କୁଲରେ ସୁଦ୍ଧା ଯେପରି ପରମ୍ପରାକୁ ଗୁରୁତ୍ୱ ଦିଆଯାଉଛି ତାହା ଭଲ ଶିକ୍ଷାର ଅନ୍ତର୍ଭୁକ୍ତ ଏବଂ ଆଗାମୀ ଦିନ ପାଇଁ ଭଲ ସୂଚନା ବୋଲି କହିଥିଲେ । ଗୁରୁ ଦିବସ ଅବସରରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ୧୦ ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଟିପିଏନଓଡିଏଲର ଉତ୍ତର ଓଡ଼ିଶାରେ ସୋଲାର ରୁଫଟପ ସଚେତନତା ଅଭିଯାନ



ବାଲେଶ୍ୱର,(ସବ୍ୟୁ) : ଉତ୍ତର ଓଡ଼ିଶାର ଘର ଓ ବ୍ୟବସାୟ ମଧ୍ୟରେ ଛାତ ଉପରେ ସୌର ଶକ୍ତି ସମାଧାନ ସ୍ଥାପନ କରିବାର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଏକ ମହତ୍ତ୍ୱାକାଂକ୍ଷୀ ଜନ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହା ଅଞ୍ଚଳର ପର୍ଯ୍ୟାପ୍ତ ସୌର ସମ୍ବଳ ଉପଯୋଗ କରି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି (ପିଏମଏସଜିଏମବିୱାଇ)ର ଲାଭ ଉପରେ ଆଲୋକପାତ କରୁଛି ଏବଂ ରାଜ୍ୟର ଅକ୍ଷୟ ଶକ୍ତି ନୀତି ସହିତ ଯୋଡ଼ି ହୋଇଛି ଯାହା ଅକ୍ଷୟ ଶକ୍ତି ପ୍ରତି ଟାଟା ପାୱାରର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି । ଏହି ଅଭିଯାନରେ ଉଭୟ ବାସିନ୍ଦା, ବାଣିଜ୍ୟିକ ଏବଂ ଶିଳ୍ପ ଗ୍ରାହକମାନଙ୍କୁ ସୌର ଶକ୍ତି ବ୍ୟବହାର କରିବାର ଆର୍ଥିକ ଏବଂ ପରିବେଶଗତ ଲାଭ ବିଷୟରେ ସଚେତନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ୧-୨ କିଲୋୱାଟ୍ ସିଷ୍ଟମ ପାଇଁ କିଲୋୱାଟ୍ ପିଛା ୩୦,୦୦୦ ଟଙ୍କାରୁ ଆରମ୍ଭ କରି ୩ କିଲୋୱାଟ୍ ଏବଂ ତା ଠାରୁ ଅଧିକ ସିଷ୍ଟମ୍ ପାଇଁ ୭୮,୦୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ସବସିଡି ପ୍ରଦାନ କରାଯାଉଛି। ଏହି ଅଭିଯାନକୁ ଟିପିଏନଓଡିଏଲର ସିଇଓ ଦ୍ୱିଜାଦାସ ବସକ ଏବଂ ଟାଟା ପାୱାରର ଜାତୀୟ ଅକ୍ଷୟ ଶକ୍ତି ମୁଖ୍ୟ କୌଶିକ ସାନ୍ୟାଲ ଉଦ୍ଘାଟନ କରିଥିଲେ। ଉନ୍ମୋଚନ ଉତ୍ସବରେ ସୌର ଶକ୍ତି ଗ୍ରହଣ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ ଅନେକ ଉପଭୋକ୍ତାଙ୍କୁ ଗ୍ରିନ ଚାମ୍ପିଅନ ଭାବେ ସମ୍ମାନିତ କରାଯାଇଥିଲା। ଟିପିଏନଓଡିଏଲ ରାଜ୍ୟର ସାମର୍ଥ୍ୟକୁ ଉପଯୋଗ କରି ସୌର ଶକ୍ତିକୁ ଏହାର ୨୧ ଲକ୍ଷ ଉପଭୋକ୍ତାଙ୍କ ପାଇଁ ସୁଲଭ କରିବାକୁ ଲକ୍ଷ୍ୟ ରଖୁଛି । ଟିପିଏନଓଡିଏଲର ସିଇଓ ଦ୍ୱିଜାଦାସ ବସକ କହିଛନ୍ତି ଯେ, ଟିପିଏନଓଡିଏଲରେ ଆମେ ବିଶ୍ୱାସ କରୁ ଯେ ସୌରଶକ୍ତି ସ୍ଥିର, ଆତ୍ମନିର୍ଭରଶୀଳ ଗୋଷ୍ଠୀ ଗଠନର ଚାବିକାଠି ଏବଂ ଆମେ ଏହି ପରିବର୍ତ୍ତନର ନେତୃତ୍ୱ ନେଇ ଗର୍ବ ଅନୁଭବ କରୁଛୁ। ଏହି ମାଇକ୍ରୋଗ୍ରିଡର ଉଦ୍ଦେଶ୍ୟ ହେଉଛି ଗୋଷ୍ଠୀକୁ ବିଶ୍ୱସନୀୟ ଏବଂ ସ୍ଥାୟୀ ବିଜୁଳି ଯୋଗାଇବା । ସେମାନେ ପୂର୍ବରୁ ଅଣ ଅକ୍ଷୟ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳ ଥିଲେ। ଏହି ପଦକ୍ଷେପଗୁଡ଼ିକ ଉଭୟ ସ୍ଥାନୀୟ ସଂରକ୍ଷଣ ଲକ୍ଷ୍ୟ ଏବଂ ଭାରତର ବ୍ୟାପକ ଅକ୍ଷୟ ଶକ୍ତି ଲକ୍ଷ୍ୟ ସହିତ ସମନ୍ୱିତ । ଏହି ଅଭିଯାନ ମାଧ୍ୟମରେ, ଟିପିଏନଓଡିଏଲ ସୋଲାର ରୁଫଟପ ସମାଧାନ ଗ୍ରହଣ କରିବାର ଲାଭ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛି । ୨ ଗିଗାୱାଟରୁ ଅଧିକ ସ୍ଥାପିତ ରୁଫଟପ ସୌର କ୍ଷମତା ଏବଂ ୧୩ ପ୍ରତିଶତ ବଜାରରେ ଅଗ୍ରଣୀ ଅଂଶ ସହିତ ଟାଟା ପାୱାର ସୋଲାର କ୍ରମାଗତ ୯ ବର୍ଷ ଧରି ଛାତ ଉପରେ ସୌର ଇପିସି ବ୍ୟବସାୟରେ ପ୍ରମୁଖ ସଂସ୍ଥା ହୋଇରହିଛି । ଏହି ନୀତିରେ ୨୦୩୦ ସୁଦ୍ଧା ୧୦ ଗିଗାୱାଟ ଅକ୍ଷୟ ଶକ୍ତି ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ସୌର ଶକ୍ତିର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରି ଏହି ଅଭିଯାନ ବାସିନ୍ଦା ଏବଂ ବ୍ୟବସାୟୀମାନଙ୍କୁ ସେମାନଙ୍କର କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବାକୁ ଏବଂ ଭାରତର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ସମର୍ଥନ କରିବାକୁ ଉତ୍ସାହିତ କରୁଛି।ଏହି ସ୍କିମରେ ଆବେଦନ କରି ଗ୍ରାହକମାନେ ଏହାର ଲାଭ ଉଠାଇପାରିବେ।

# ଶୁଦ୍ଧିକ୍ରିୟା ପାଇଁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା




ଖଇରା,(ସବ୍ୟୁ) : ଗତ ଜୁଲାଇ ୨୬ ତାରିଖ ବାଙ୍ଗାଲୋର ଠାରେ ଖଇରା ବ୍ଲକ ଅଧିନ ଜଳଙ୍ଗ ଗଣ୍ଡିବେଡ ଗ୍ରାମର ଅମୂଲ୍ୟ ଦାସ(୨୮)ଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିଲା। ଅମୂଲ୍ୟ ଘରର ଏକ ମାତ୍ର ରୋଜଗାରିଆ ପୁଅ ହୋଇ ଥିବାବେଳେ ବାପାଙ୍କ ଦେହାନ୍ତ ହୋଇ ସାରିଥିଲା। ଘରେ ମା, ସ୍ତ୍ରୀ ଓ ୧୦ ମାସର ଶିଶୁ ଅମୂଲ୍ୟ ଉପରେ ନିର୍ଭର କରି ଜୀବନ କାଟୁଥିବା ବେଳେ ତାର ମୃତ୍ୟୁ ପରେ ପରିବାରରେ ହା ହା କାର ଖେଳି ଯାଇଥିଲା। ଅର୍ଥ ଅଭାବରୁ ଅମୂଲ୍ୟର ମୃତ୍ୟୁ ପରେ ତାର ପରିବାର ବର୍ଗ ମର ଶରୀରକୁ ଓଡିଶା ଅଣିବାକୁ ସକ୍ଷମ ନଥିଲେ। ଅନ୍ୟପଟେ ଅମୂଲ୍ୟର ସୁଦ୍ଧିକ୍ରିୟା କରିବା ଲାଗି ଘର ଲୋକ ସ୍ଥାନୀୟ ବାସିନ୍ଦାଙ୍କ ସହାୟତା ଲୋଡିଥିଲେ। ଗ୍ରାମବାସୀ ପ୍ରଫୁଲ୍ଲ ଦାସ ଏନେଇ ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ସାମାଜିକ ସଂଗଠନ ଆପଣ ଏକା ନୁହନ୍ତି ଟ୍ରଷ୍ଟକୁ ଜଣାଇଥିଲେ। ଟ୍ରଷ୍ଟର ସଭାପତି ଅଜୟ ମହାନ୍ତି, ସମ୍ପାଦକ ଶୁଶାନ୍ତ କୁମାର ବେହେରା, କୋଷାଧକ୍ଷ ଦିବ୍ୟସିଂ ମହାନ୍ତି, ଉପଦେଷ୍ଟା ଶିବାନନ୍ଦ ପାଢୀଙ୍କ ତତ୍ତ୍ୱାବଧାନରେ ସଦସ୍ୟ ପରମେଶ୍ୱର ସାହୁ, ଧନଞ୍ଜୟ ପଣ୍ଡା, ବଳରାମ ସାହୁ, ରଶ୍ମିରଞ୍ଜନ ମିର୍ଦ୍ଧା, ନିହାର ରଞ୍ଜନ ସିଅଳ ଓ ମାୟାନିଧି ଦାସ ପ୍ରମୁଖ ଉପସ୍ଥିତ ରହି ଅମୂଲ୍ୟଙ୍କ ସୁଦ୍ଧିକ୍ରିୟା ନିମିତ ଆର୍ଥିକ ସହାୟତା, ଡାଲିଚାଉଳ ଓ ପନିପରିବା ଆଦି ସହାୟତା ଆକାରରେ ପ୍ରଦାନ କରିଛନ୍ତି।



ବକ୍ରତୁଣ୍ଡ ମହାକାୟ
ସୂର୍ଯ୍ୟକୋଟି ସମପ୍ରଭ ।
ନିର୍ବିଘ୍ନମ୍ କୁରୁ ମେ ଦେବ
ସର୍ବକାର୍ଯ୍ୟେଷୁ ସର୍ବଦା ।

(ଶ୍ରୀମଭଗବଦ୍ ଗୀତା ୮/୨୨)

–ଜ୍ଞାନବିଜ୍ଞାନଯୋଗଃ–

( ଶ୍ରୀଭଗବାନୁବାଚ )

**ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।**
**ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ॥୨୨॥**

(ଭକ୍ତ ଈଶ୍ୱରପ୍ରାପ୍ତିର ଅନ୍ତରଙ୍ଗ ଉପାୟ ବୋଲି ପୂର୍ବରୁ କୁହାଯାଇଛି, ଏଠାରେ ପୁନରାୟ ସେହି କଥା କୁହାଯାଉଛି)– ହେ ପାର୍ଥ ! ଯାହାଙ୍କଠାରେ ପ୍ରାଣୀମାନେ ଅବସ୍ଥିତ ଏବଂ ଯେ ଏହି ନିଖିଳ ବିଶ୍ୱ ବ୍ୟାପି ରହିଅଛନ୍ତି, ସେହି ଶ୍ରେଷ୍ଠ ପୁରୁଷ (ମୁଁ) ଏକାନ୍ତ ଭକ୍ତିଦ୍ୱାରା ପ୍ରାପ୍ୟ ॥୨୨॥


# ବିଲ୍ ଅପରାଜିତା

## ସମ୍ପାଦକୀୟ

କୋଲକାତା ହସ୍ପିଟାଲରେ ଜଣେ ତାଲିମପ୍ରାପ୍ତ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ, ହତ୍ୟା ଘଟଣା ସାରା ଦେଶକୁ ଦୋହଲାଇ ଦେବା ପରେ, ଏଭଳି ଲଜ୍ଜାକର ଓ ଘୃଣ୍ୟ ଘଟଣା କିପରି ଆଜିର ସମାଜରେ ନ ଘଟିବ, ସେ ନେଇ ଆମେ ପୁଣି ସଚେତନ ହେଇଛେ, ଅଣ୍ଟା ଭିଡ଼ିଛେ । ଘଟଣାର ପରବର୍ତ୍ତୀ ଅବସ୍ଥାରେ, ସାରା ଦେଶର ଜନତା ଯେପରି ଭାବରେ ଏକାଠି ହେଇ, ଏହି ଘଟଣା ବିରୋଧରେ ପ୍ରତିବାଦ କରିବା ପାଇଁ ଆଗେଇ ଆସିଲେ, ଆନ୍ଦୋଳନ କଲେ, ତାହା ନିଶ୍ଚିତ ଭାବରେ ଖୁବ୍ ପ୍ରେରଣାଦାୟକ । ସାରା ଦେଶବାସୀ ପ୍ରତିବାଦ ଓ ଆନ୍ଦୋଳନ ମାଧ୍ୟମରେ ଏଭଳି ଘଟଣା ବିରୋଧରେ କ୍ଷୋଭ ଓ କ୍ରୋଧ ପ୍ରକାଶ କଲେ । ଏପରି ଘୃଣ୍ୟ ଅପରାଧ ଯିଏ ବି କରିଛି ବା ତାକୁ ଯିଏ ସହଯୋଗ କରିଛନ୍ତି ସମସ୍ତଙ୍କୁ ଉଦାହରଣ ସୃଷ୍ଟି କରିବା ଭଳି ଦଣ୍ଡ ଦିଆଯିବା ଦରକାର ବୋଲି ଆମେ ଆମର ପ୍ରତିବାଦ ଓ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କୁ ସୂଚାଇ ଦେଲୁ । ସବୁ ରାଜନୈତିକ ଦଳ (ସରକାରରେ ଥିବା ଓ ନ ଥିବା) ମଧ୍ୟ ସମାନ ସ୍ୱରରେ, ନିଜ ନିଜର ମତ ଉପସ୍ଥାପନ କଲେ । ଫଳସ୍ୱରୂପ, ତଦନ୍ତ ଜୋରଦାର ହେଲା, କୋଲକାତା ପୁଲିସ ଓ ସି ବି ଆଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏବଂ ଆଶା କରିବା ଦୋଷୀ ଖୁବ୍ ଶୀଘ୍ର ଦଣ୍ଡ ପାଇବେ ଏବଂ ତାଙ୍କୁ ଉଦାହରଣ ସୃଷ୍ଟି କଲା ଭଳିଆ ଦଣ୍ଡ ଦିଆଯିବ । କୋଲକାତାରେ ତାଲିମପ୍ରାପ୍ତ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ନେଇ ସାରା ଦେଶରେ ଯେଉଁଭଳି ଭାବରେ ପ୍ରତିକ୍ରିୟା ପ୍ରକାଶ ପାଇଲା, ତାହା ମମତା ବାନାର୍ଜୀ ସରକାରଙ୍କ ପାରିବାପଣିଆକୁ ନେଇ ସାଧାରଣ ଜନତା ସନ୍ଦେହ ପ୍ରକାଶ କରିଥିଲେ ଏବଂ ପଶ୍ଚିମବଙ୍ଗରେ ଆଇନ୍‌ଶୃଙ୍ଖଳା କିଛି ନାହିଁ ବୋଲି ସାଧାରଣରେ ପ୍ରତୀତ ହେଇଥିଲା । ବିବ୍ରତ ହେଇ ମମତା ସରକାର, ଏ ନେଇ ଆଇନ କଡାକଡି କରିବା ପାଇଁ ପ୍ରସ୍ତାବ ରଖିଲେ । ବଳାତ୍କାର ଏବଂ ଯୌନ ଅପରାଧ ବିରୋଧରେ ଆଇନକୁ ଦୃଢ କରିବାକୁ ଲକ୍ଷ୍ୟ ରଖି ପଶ୍ଚିମବଙ୍ଗ ବିଧାନସଭା ସର୍ବସମ୍ମତି କ୍ରମେ 'ଆପାରାଜିତା' ବିଲ୍ ପାରିତ କରିଛି ଏବଂ ବିଧାନସଭାରେ ଏହା ସର୍ବସମ୍ମତି କ୍ରମେ ଗୃହୀତ ହେଇଛି । ଅପରାଜିତା ନାରୀ ଓ ଶିଶୁ ବିଲ (ପଶ୍ଚିମବଙ୍ଗ ଫୌଜଦାରୀ ଆଇନ ସଂଶୋଧନ) ୨୦୨୪,କୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କଲେ । ଏହିଭଳି ଗୁରୁତର ଅପରାଧର ସମାଧାନ ପାଇଁ କେନ୍ଦ୍ରୀୟ ଆଇନ ସଂଶୋଧନ କରିବାରେ ପଶ୍ଚିମବଙ୍ଗ ପ୍ରଥମ ରାଜ୍ୟ ହେଇପାରିଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ଏହି ବିଲ୍‌କୁ ଐତିହାସିକ ଏବଂ ମଡେଲ୍ ବୋଲି କହି ଏହାକୁ ୩୧ ବର୍ଷ ବୟସ୍କା ପୀଡିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । 'ଅପାରାଜିତା ମହିଳା ଏବଂ ଶିଶୁ ବିଲ୍ (ପଶ୍ଚିମବଙ୍ଗର ଅପରାଧିକ ଆଇନ ଏବଂ ସଂଶୋଧନ) ୨୦୨୪' ରେ ବଳାତ୍କାର, ହତ୍ୟା ତଥା ଅନ୍ୟାନ୍ୟ ଯୌନ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡ ପ୍ରବର୍ତ୍ତନ ନେଇ ପ୍ରସ୍ତାବ ଦିଆଯାଇଛି, ଯାହା ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏହି ପ୍ରସ୍ତାବ ଅନୁସାରେ, POCSO ଆକ୍ଟର ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି । ବଳାତ୍କାରକାରୀଙ୍କ ପାଇଁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଛି । ଯଦି ସେମାନଙ୍କର କାର୍ଯ୍ୟକଳାପ ପୀଡିତାର ମୃତ୍ୟୁ ଘଟାଏ କିମ୍ବା ମସ୍ତିଷ୍କ ଗୁରୁତର କ୍ଷତିପ୍ରାପ୍ତ ହୁଏ, ଏହି ବିଲ୍ ଅନୁଯାୟୀ ଏକ ଅପରାଜିତା ଟାସ୍କ ଫୋର୍ସ ଗଠନ କରାଯିବ ଯେଉଁଥିରେ ପ୍ରାଥମିକ ରିପୋର୍ଟର ୨୧ ଦିନ ମଧ୍ୟରେ ଦଣ୍ଡ ଦିଆଯିବା ନେଇ ପ୍ରସ୍ତାବ ରଖାଯାଇଛି । ଏହିପରି ଅନେକ ପ୍ରସ୍ତାବ ରଖାଯାଇଛି ଯାହା ମହିଳା ଡାକ୍ତର, ନର୍ସ ଏବଂ ସବୁ କ୍ଷେତ୍ରରେ ମହିଳାଙ୍କୁ ସୁରକ୍ଷିତ କରିବ ବୋଲି ଆଶା କରାଯାଉଛି । ଏହି ପ୍ରସ୍ତାବିତ ଆଇନରେ ତ୍ୱରିତ ତଦନ୍ତ, ନ୍ୟାୟ ପ୍ରଦାନ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ଯାହା ନିଶ୍ଚୟ ଭାବରେ ଗୋଟିଏ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଏହି ଦୁଷ୍କର୍ମ ଓ ହତ୍ୟାକୁ ନେଇ ପରୋକ୍ଷରେ ରାଜନୀତି ହେବା, ଅନେକଙ୍କୁ ଦୁଃଖ ଦେଇଥିବ ନିଶ୍ଚୟ । ଏଭଳି ଦୁଃଖଦ ଘଟଣାରେ ରାଜନୀତି ଦଳଗୁଡିକ ପରସ୍ପର ଉପରକୁ କାଦୁଅ ପିଙ୍ଗାପିଙ୍ଗି ହେବା ଆବଶ୍ୟକ ନ ଥିଲା, ବରଂ ସମସ୍ତେ ଘଟଣାର ପରଦିନଠାରୁ, ନିଷ୍ଠାର ସହ ଘଟଣାର ତଦନ୍ତ ଓ ଦଣ୍ଡବିଧାନ ଉପରେ ଗୁରୁତ୍ୱ ଦେବାର ଥିଲା । ବିଧାନସଭାରେ, ଏହି ବିଲ୍ ପାରିତ ହେବା ଦ୍ୱାରା, ମମତା ଓ ତାଙ୍କ ସରକାରଙ୍କ ଉପରେ ହେଉଥିବା ଆକ୍ରମଣକୁ ମମତା ଉଚିତ ଜବାବ ଦେଇ ପାରିଛନ୍ତି ବୋଲି ରାଜନୀତି ବିଶେଷଜ୍ଞଙ୍କ ମତ । ଏହାଦ୍ୱାରା ଜନ ଅସନ୍ତୋଷ ମଧ୍ୟ କିଛି ପରିମାଣରେ ପ୍ରଶମିତ ହେଇପାରିଛି । ମମତାଙ୍କ ଲୋକପ୍ରିୟତା ଉପରେ, ଏହି ଘଟଣା ବେଶ୍ କ୍ଷତି ପହଞ୍ଚାଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଉଥିଲା ଏବଂ ଏହି ବିଲ୍ ସେହି ଆଶଙ୍କାକୁ ହ୍ରାସ କରିପାରିଛି । ଏହି ପୃଷ୍ଠଭୂମି ବିରୁଦ୍ଧରେ, ବିଲ୍ ଶ୍ରୀମତୀ ବାନାର୍ଜୀଙ୍କୁ ମହିଳାଙ୍କ ପ୍ରତି ହେଉଥିବା ଅପରାଧ ଉପରେ ଦୃଢ ଆଭିମୁଖ୍ୟ ଗ୍ରହଣ କରିବାକୁ, ପଶ୍ଚିମବଙ୍ଗର ମୁଖ୍ୟ ଭାବରେ ନିଜର ଲୋକପ୍ରିୟତା ବଢାଇବା ପାଇଁ ସହାୟକ ହେବା ନେଇ କିଛି ବ୍ୟକ୍ତି ମତ ଦିଅନ୍ତି । ଏହି ବିଲ୍ ବିରୋଧୀଙ୍କୁ ମଧ୍ୟ ଅଡୁଆରେ ପକାଇ ଦେଇଛି ଏବଂ ସରକାରଙ୍କ ଏହି ବିଲ୍‌କୁ ସମର୍ଥନ କରିବାକୁ ବାଧ କରିଛି, ନଚେତ୍ ବିରୋଧୀଙ୍କୁ ମହିଳା ବିରୋଧୀ ଭାବରେ ଲୋକେ ପ୍ରତ୍ୟାଖ୍ୟାନ କରିବେ । ଏହି କାରଣରୁ ପ୍ରସ୍ତାବଟି ବିଧାନସଭାରେ ସର୍ବସମ୍ମତିକ୍ରମେ ଗ୍ରହଣ ହେଇଯାଇଥିଲା ଏବଂ ଏହା ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ମୁହାଁମୁହିଁ ହେବା ପାଇଁ ମଞ୍ଚ ସ୍ଥିର କରିଛି, ଏବଂ ଏହି ବିଲ୍ ଉପରେ ରାଷ୍ଟ୍ରପତିଙ୍କ ସହମତି ମାଗିବାର ସମ୍ଭାବନା ରହିଛି । ୨୦୧୯ରେ ଆନ୍ଧ୍ରପ୍ରଦେଶରେ ମହିଳାଙ୍କ ପ୍ରତି ନିର୍ଦ୍ଦିଷ୍ଟ କେତେକ ଅପରାଧ ପାଇଁ କଠୋର ଦଣ୍ଡବିଧାନ କରିବାକୁ ଏକ ବିଲ୍ ପାରିତ ହୋଇଥିଲା ଏବଂ ୨୦୨୦ ମସିହାରେ ମହାରାଷ୍ଟ୍ର ମଧ୍ୟ ମହିଳାଙ୍କ ପ୍ରତି ହୋଇଥିବା ଅପରାଧ ପାଇଁ ଦଣ୍ଡବିଧାନ ବଢାଇବାକୁ ଚାହିଁଥିଲା, କିନ୍ତୁ କୌଣସିଟି ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ନଥିଲା । ତେବେ ବିଲ୍ ଉପରେ ରାଜନୈତିକ ଯୁଦ୍ଧ ଲମ୍ବା ଏବଂ ତିକ୍ତ ହେବ ବୋଲି ଆଶା କରାଯାଏ । ଏହାର ପ୍ରଭାବ ଜନତାଙ୍କ ଉପରେ କଣ ପଡିବ, ନ ପଡିବ, ତାହା ବିତର୍କର ବିଷୟ । କିନ୍ତୁ ସାମାଜିକ ଅପରାଧର ଏକ ବିଷାକ୍ତ କକଟେଲ ହେଉଛି ଆଇନର କାର୍ଯ୍ୟକାରିତା ଏବଂ ପ୍ରଶାସନିକ ଉଦାସୀନତା ଯାହା ଦ୍ୱାରା ମହିଳାଙ୍କ ପ୍ରତି ଅପରାଧ ବଢିଚାଲିଛି । ଏହିପରି ଅପରାଧର ବିଚାର ପାଇଁ ଆଇନ ପୂର୍ବରୁ ବିଦ୍ୟମାନ ଅଛି, ଯାହା ଦରକାର ତାହା ହେଉଛି ସେଗୁଡିକର ନିରପେକ୍ଷ ଓ ତ୍ୱରିତ ତଦନ୍ତ ଏବଂ ତୁରନ୍ତ ବିଚାର । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭଳି ଘୃଣ୍ୟ ଘଟଣା କିପରି ନ ଘଟିବ, ସେଥିପାଇଁ ସବୁ ସ୍ତରରେ, ସଚେତନତା କରାଯିବା ଦରକାର । ଲିଙ୍ଗଗତ ସମାନତା ଆଣିବା ପାଇଁ ସବୁ ସ୍ତରରେ ପ୍ରୟାସ କରାଯିବା ଦରକାର ଏବଂ ବିଶେଷ ଭାବରେ ପରିବାର ମଧ୍ୟରେ ମଧ୍ୟ, ଏ ନେଇ ଧ୍ୟାନ ଦିଆଯିବା ଦରକାର । ମୋଟାମୋଟି ଭାବରେ, ଲିଙ୍ଗଗତ ହିଂସା ବିରୋଧରେ ସାମାଜିକ ସ୍ତରରେ ଗୋଟିଏ ସକାରାତ୍ମକ ଆନ୍ଦୋଳନ ସୃଷ୍ଟି କରାଯିବା ଆବଶ୍ୟକ, ଯାହା ଦୁଷ୍କର୍ମ, ହତ୍ୟା ଓ ଯୌନ ଅପରାଧ ପରି ଘୃଣ୍ୟ ଅପରାଧକୁ ନିୟନ୍ତ୍ରଣରେ ଆଣିବାକୁ ସାହାଯ୍ୟ କରିବ ।

# ନିଆରା କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ

## ହିମାଂଶୁ ଶେଖର ଆଚାର୍ଯ୍ୟ



**୨୧ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ**

ସେଦିନ ସିନା ବାଇମୁଣ୍ଡି ମର୍କତ କେଶରୀଙ୍କ ପାଖରେ ହାତପାତି ଗୁହାରୀ କରି କହିଥିଲେ– 'ରହି ରହି କହେ ହେ ବୀର କେଶରୀ ରାଜ୍ୟ ଜିଣୁଛ ଯାଇ, ଦେଖିଚ କି ଥରେ ଏହି କଟକର ଭାଗ୍ୟ ଯାଉଛି କାହିଁ ?' ସେତେବେଳେ ମର୍କତ କେଶରୀ ରାଜ୍ୟ ଜୟ କଥା ଭୁଲି କଟକ ସହରର ସୁରକ୍ଷା ପାଇଁ ପ୍ରୟାସ ଆରମ୍ଭ କରିଥିଲେ । କିନ୍ତୁ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଥିଲେ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ । କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଙ୍ଗ୍ ବନ୍ଧ ନିର୍ମାଣରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସନୀୟ । ବିଶେଷ କରି ଏହା ହେଉଛି କଟକବାସୀଙ୍କ ପ୍ରତି ବସନ୍ତ ବିଶ୍ୱାଳଙ୍କ ସର୍ବଶ୍ରେଷ୍ଠ ଅବଦାନ । ସେଥିପାଇଁ ଆଧୁନିକ ଓଡିଶାର ମର୍କତ କେଶରୀ ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଖାଲି ସେତିକି ନୁହେଁ ବହୁମୁଖୀ ଦଖତାର ଅଧିକାରୀ ଥିଲେ ଓଡ଼ିଶାର ଅନ୍ୟତମ ବରପୁତ୍ର, କିମ୍ବଦନ୍ତୀ ପୁରୁଷ ତଥା କର୍ମଯାଗୀ ବସନ୍ତ କୁମାର ବିଶ୍ୱାଳ । ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଓ ସାଲିସ୍ ବିହୀନ ଜନନେତା ଭାବେ ସେ ଯେତିକି ପରିଚିତ ଥିଲେ, ଜଣେ ଦକ୍ଷ ସଂଗଠକ ଏବଂ ସାହିତ୍ୟ ଓ ସଂସ୍କୃତିର ମୁଖ୍ୟ ପୃଷ୍ଠପୋଷକ ଭାବେ ସେତିକି ବିଦିତ ଥିଲେ । ଏପରିକି ତାଙ୍କ ଦକ୍ଷତା, କାର୍ଯ୍ୟକୁଶଳତା ଓ ରାଜ୍ୟସରକାରରେ ତାଙ୍କର ଅଖଣ୍ଡ ପ୍ରଭାବ ଯୋଗୁଁ ସେତେବେଳେ ତାଙ୍କୁ ସମସ୍ତେ 'ସୁପର ଚିଫ୍ ମିନିଷ୍ଟର' ବୋଲି କହୁଥିଲେ । ସେ ପ୍ରମାଣ କରି ଯାଇଛନ୍ତି ବ୍ୟକ୍ତି ସମକାଳର କିନ୍ତୁ ବ୍ୟକ୍ତିତ୍ୱ ଚିରକାଳର ।

ଏକ ନିଆରା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବସନ୍ତ ବିଶ୍ୱାଳ । ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ । ତାଙ୍କୁ ସ୍ମରଣ କଲେ ଓଡ଼ିଶା ରାଜନୀତି, ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତି ପଟ୍ଟରେ ଉଙ୍କିମାରେ । ତାଙ୍କ ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁଁ ତାଙ୍କ ମନ୍ତ୍ରୀତ୍ୱ କାଳ ଓଡ଼ିଶା ପାଇଁ ଏକ ସୁବର୍ଣ୍ଣ ଯୁଗ ଥିଲା କହିଲେ ଭୁଲ୍ ହେବନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ବର୍ଷ, ମାସ, ଦିନ, ନୁହେଁ କର୍ମ ହିଁ ଥିଲା ତାଙ୍କ ଜୀବନର ମାନଦଣ୍ଡ । ଏହାକୁ ସେ ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଥିଲେ ପ୍ରତିଟି କାର୍ଯ୍ୟରେ । ସେଇଥିପାଇଁ ଥରେ ସେ ଯେଉଁ କାମରେ ହାତ ଦେଉଥିଲେ, ତାହାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ କରୁଥିଲେ ଓ ସେଥିରୁ କେହି ତାଙ୍କୁ ନିବୃତ୍ତ କରିପାରୁନଥିଲେ । ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଏକାଧାରରେ ସେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞ, ସୁସଂଗଠକ, ଦୀନଦୁଃଖୀ ଦରିଦ୍ରଙ୍କ ଦରଦୀ ନେତା, ସାହିତ୍ୟ ଓ ସଂସ୍କୃତି ପ୍ରସାର–ପ୍ରଚାରର ମୁଖ୍ୟ ପୁରୋଧା ସର୍ବୋପରି ଶିଳ୍ପ ବିକାଶର ଅନନ୍ୟ ବିନ୍ଧାଣୀ ।

ବସନ୍ତ ବିଶ୍ୱାଳଙ୍କର ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୭୭ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ପ୍ରାୟ ତିନିଦଶନ୍ଧି ଧରି ସେ ଓଡ଼ିଶାର ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୭୭ ମସିହାରୁ ୧୯୮୮ ମସିହା ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଥିଲେ ସେ । ୧୯୮୦, ୧୯୯୦ ଓ ୧୯୯୫ ମସିହାରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ତିନି ତିନିଥର ନିର୍ବାଚିତ ହେବାର ସୌଭାଗ୍ୟ ଲାଭ କରିଥିଲେ । ଯେଉଁ ନିର୍ବାଚନ ମଣ୍ଡଳୀରୁ ତାଙ୍କ ପୁର୍ବରୁ ନିଶାମଣି ଖୁଣ୍ଟିଆଙ୍କ ଠାରୁ ଆରମ୍ଭ କରି ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ପରି ବିଶିଷ୍ଟ ଜନନାୟକମାନେ ପ୍ରତିନିଧିତ୍ୱ କରିଥିଲେ । ୧୯୮୦ରୁ ୧୯୮୫ ଓ ପରେ ୧୯୯୫ରୁ ୨୦୦୦ ମସିହାରେ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ସରକାରରେ ଗୃହ, ନଗର ଉନ୍ନୟନ, ଅର୍ଥ, ଜଳସମ୍ପଦ, ଯୋଜନା ଓ ସମନ୍ୱୟ, ସଂସଦୀୟ ବ୍ୟାପାର, ସମବାୟ ଓ କୃଷି ମନ୍ତ୍ରୀ ଭାବେ କାର୍ଯ୍ୟକରି ରାଜ୍ୟରେ ନିର୍ମାଣର ଯୁଗ ଆରମ୍ଭ କରିଥିଲେ । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ୧୯୯୫ରୁ ୧୯୯୯ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ । ପ୍ରଶାସନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିବାବେଳେ ବସନ୍ତ କୁମାର ବିଶ୍ୱାଳ ଏହି ନବଗଠିତ ଜିଲ୍ଲାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ଏଥି ସହିତ କଟକ, ଭୁବନେଶ୍ୱର ଓ ରାଉରକେଲା ଆଦି ସହରର ଭିତ୍ତିଭୂମିର ବିକାଶ ସହ ଏହାର ଶ୍ରୀବୃଦ୍ଧି ସାଧନ ପାଇଁ ତାଙ୍କର ସମୟୋଚିତ ପଦକ୍ଷେପ ଏବେବି ଉଦାହରଣୀୟ ହୋଇ ରହିଛି । ତାଙ୍କ ମନ୍ତ୍ରୀତ୍ୱ ସମୟରେ ଓଡ଼ିଶା ଯେପରି ପ୍ରଗତି ପଥରେ ଆଗେଇ ପାରିବ ସେଥିପାଇଁ ସେ ସଦା ସଜାଗ ଥିଲେ ଏବଂ ଓଡ଼ିଶାର ସାମଗ୍ରିକ ବିକାଶରେ ତାଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା ।

ସେହିପରି ଓଡ଼ିଶାର ସାମଗ୍ରିକ ବିକାଶ କଥା ଚିନ୍ତା କରୁଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ତିର୍ତ୍ତୋଲ ଓ ଜଗତସିଂହପୁର ଜିଲ୍ଲାକୁ କିପରି ଆଗୁଆ କରାଯାଇପାରିବ ସେଥିପାଇଁ ସେ ସଦା ଚେଷ୍ଟିତ ଥିଲେ ।

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଗାଁ ଗଣ୍ଡା ଓ ଗଳିକନ୍ଦିର ମାଟି କାଦୁଅ ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରି ସେ ଗମନାଗମନକୁ ସୁଗମ ଓ ସହଜ କରିଥିଲେ । ଖାଲି ସେତିକି ନୁହେଁ, ନଦୀ ନାଳ ଘେରା ବିଚ୍ଛିନ୍ନ ଗ୍ରାମଗୁଡିକୁ ସଂଯୋଗୀକରଣ ପାଇଁ ସେ ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ କରି ବିକାଶର ବାଟ ଫିଟାଇଥିଲେ । ଏଥିସହିତ ତିର୍ତ୍ତୋଲରେ ସୂତା ମିଲ୍ ଓ ରାହାମାରେ ଲୁଗାବୁଣା ମିଲ୍ ପ୍ରତିଷ୍ଠା କରି ବେକାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହ ଜିଲ୍ଲାରେ ଶିଳ୍ପ ବିକାଶର ମୂଳଦୁଆ ପକାଇଥିଲେ । ଏଥିସହିତ ଶିକ୍ଷାର ବିସ୍ତାର ପାଇଁ ତିର୍ତ୍ତୋଲର ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଓ ରାହାମାର ସାରଳା ମହାବିଦ୍ୟାଳୟର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ସେହିପରି ନବଗଠିତ ଜଗତସିଂହପୁର ଜିଲ୍ଲାର ପ୍ରଗତିର ସେ ହିଁ ମୁଖ୍ୟନାୟକ ଥିଲେ । ଜଗତସିଂହପୁରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ପ୍ରସାରଣ, ଆବାସିକ କାର୍ଯ୍ୟାଳୟ ନିର୍ମାଣ, ସର୍କିଟ ହାଉସର ପ୍ରତିଷ୍ଠା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ଗୃହ ନିର୍ମାଣ ତାଙ୍କ ଦୂରଦୃଷ୍ଟି ସଂପନ୍ନ ଆଭିମୁଖ୍ୟର ପରିଚୟ ଦିଏ । ସେଥିପାଇଁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଜନସାଧାରଣ ଓ ଜିଲ୍ଲାବାସୀ ତାଙ୍କ ପାଖରେ ସଦା ଋଣୀ ହୋଇ ରହିବେ ।

ଜଣେ ଦକ୍ଷ ସଂଗଠକ ଭାବେ ବସନ୍ତ କୁମାର ବିଶ୍ୱାଳଙ୍କର ନିଆରା ପରିଚୟ ଥିଲା । ୧୯୭୭ ମସିହାରେ ଓଡ଼ିଶା ପ୍ରଦେଶ କମିଟିର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ଏହି ପଦବୀରେ ଦୀର୍ଘ ୧୧ବର୍ଷ ଧରି (୧୯୭୭–୧୯୮୮) କାର୍ଯ୍ୟକରି ସେ ନିଜର ଅତୁଳନୀୟ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ଏଥିସହିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି,ଓଡ଼ିଶା ରାଜ୍ୟ ସମବାୟ ସଂଘର ସଭାପତି(୧୯୮୬–୧୯୯୦), ରାଷ୍ଟ୍ରଭାଷା ପ୍ରଚାର ସମବାୟ ସମିତି ସଭାପତି, ଓଡ଼ିଶା ଅଲମ୍ପିକ ଓ ହକି ଆସୋସିଏସନ୍‌ର ସଭାପତି,ଭାରତୀୟ କୃଷି ସଙ୍ଘ ଉପସଭାପତି, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ୍‌ସ ସଭାପତି, ସର୍ବଭାରତୀୟ ଭାରତ ସ୍କାଉଟସ ଓ ଗାଇଡସ ଉପ–ସଭାପତି,ସାରଳା ସାହିତ୍ୟ ସଂସଦ ସଭାପତି, ଉତ୍କଳ ଗୋମଙ୍ଗଳ ସମିତିର ସଭାପତି ଭାବେ ସେ ବଭିନ୍ନ ସମୟରେ କାର୍ଯ୍ୟକରି ନିଜର କର୍ମପଟୁତା ଓ ଦକ୍ଷତାର ସ୍ୱାକ୍ଷର ଛାଡିଯାଇଛନ୍ତି ।

ରାଜନୀତି ଓ ସଂଗଠନ ଭିତରେ ଥାଇ ବି ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାରେ ବ୍ରତୀ ଥିଲେ ବସନ୍ତ ବିଶ୍ୱାଳ । ଏ ମାଟିର ମହାକବି ସାରଳା ଦାସଙ୍କ ସ୍ମୃତିରକ୍ଷା ଓ ସାରଳା ସାହିତ୍ୟର ପ୍ରସାର ପ୍ରଚାର ପାଇଁ ସେ ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଥିଲେ । କଟକରେ ନିର୍ମିତ ସାରଳା ଭବନ ତାହାର ଜ୍ୱଳନ୍ତ ଉଦାହରଣ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ପ୍ରଥମ ରଙ୍ଗୀନ ଦୈନିକ ସମ୍ବାଦ ପତ୍ର 'ସମୟ' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

୧୯୩୬ ମସିହାରୁ ୨୦୦୩ ମସିହା– ଏହାହିଁ ଥିଲା ତାଙ୍କ ଦୀର୍ଘ ୬୭ ବର୍ଷର ଜୀବନଯାତ୍ରା । ବସନ୍ତ ବିଶ୍ୱାଳ ଆଉ ନାହାଁନ୍ତି ସତ, କିନ୍ତୁ ତାଙ୍କ କୀର୍ତ୍ତି ରହିଯାଇଛି । ଏ ଦୁନିଆରେ ଧନ ଓ ଜୀବନ ଅପେକ୍ଷା ଯଶ ହିଁ ଅଧିକ ମୂଲ୍ୟବାନ । ଏହି ଯୋଗଜନ୍ମା ବରପୁତ୍ର ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡ଼ିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇରହିବେ ।


**ଜଗତସିଂହପୁର**
**ମୋ–୯୯୩୭୧୫୧୦୫୨**


# ଜୀବନ ଦର୍ଶନର ପର୍ବ : ନୂଆଁଖାଇ

## ଲଳିତ ମୋହନ ମିଶ୍ର

**ମାର୍ଗଶୀର ମାସରେ କୃଷ୍ଣ ପକ୍ଷ ଅଷ୍ଟମୀ ଦିନ ଶିମ୍ବ, କଖାରୁ, ବିରି, ଝୁଡଙ୍ଗ, ମୂଳା ଇତ୍ୟାଦିକୁ ପୂଜା କରି ଦେବତାଙ୍କୁ ଅର୍ପଣ କରିସାରିବା ପରେ ଖିଆଯାଇଥାଏ । ଫାଲଗୁନ ପୂର୍ଣ୍ଣିମା ଦିନ ଆମ୍ବକୁ ଦେବତାଙ୍କ ପାଖରେ ପୂଜା କରି ସେହିଦିନ ଠାରୁ ଖିଆଯାଏ । ଚୈତ୍ର ପୂର୍ଣ୍ଣିମା ପୂର୍ବରୁ ଯେଉଁ ମଙ୍ଗଳବାର ପଡେ ସେହି ମଙ୍ଗଳବାର ଦିନ କାନ୍ଦୁଲ, ମହୁଲ, ଚାହାଁର ଇତ୍ୟାଦି ଫଳକୁ ଭାଜିକରି ଦେବାଦେବୀଙ୍କୁ ଅର୍ପଣ କରିବା ପରେ ଖିଆଯାଇଥାଏ ।**

ଜୀବନକୁ କୌଣସି ଶବ୍ଦ ବା ବ୍ୟାଖ୍ୟା ଦ୍ୱାରା ବର୍ଣ୍ଣନା କରିବା ଅସମ୍ଭବ । ଜୀବନକୁ ବର୍ଣ୍ଣନା କରିବା ଅନାବଶ୍ୟକ ବରଂ ଅନୁଭବ କରିବା ଅତ୍ୟାବଶ୍ୟକ । ଏହା ଆମ ସମସ୍ତଙ୍କୁ ନିଜ ଭିତରେ ବାନ୍ଧି ରଖିଛି । ଓଡ଼ିଶାର ବିଶେଷ କରି ପଶ୍ଚିମ ଓଡ଼ିଶାର ଏହା ଏକ ଗଣ ପର୍ବ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି 'ନୂଆଁଖାଇ' ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷରେ ନୂଆଖାଇ ପର୍ବ ପାଳନ କରାଯିବାର ବିଧି ରହିଥିବାବେଳେ... ମହିମା ଧର୍ମାବଲମ୍ବୀମାନେ ଶ୍ରାବଣ ପୂର୍ଣ୍ଣିମା ପରଦିନ ଭାଦ୍ରବ କୃଷ୍ଣ ପ୍ରତିପଦା ତିଥିରେ ଏବଂ କଳାହାଣ୍ଡି ଜିଲ୍ଲାର କେସିଙ୍ଗାର ପଥର୍ଲା ଅଞ୍ଚଳରେ ସପ୍ତପୁରୀ ଅମାବାସ୍ୟା ପରଦିନ... ପ୍ରତିପଦା ତିଥିରେ ନବାନ୍ନ ଭକ୍ଷଣ କରିବାର ପରମ୍ପରା ଚାଲିଆସୁଛି ।

ସେହିପରି କଳାହାଣ୍ଡି ଜିଲ୍ଲାରେ ଶ୍ରାବଣ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଦୀପାବଳି ପରଦିନ ଗିରିଗୋବର୍ଦ୍ଧନ ପୂଜା ଦିନ ପର୍ଯ୍ୟନ୍ତ ନୂଆଖାଇ ପର୍ବ ପାଳନ କରିବାର ପରମ୍ପରା ଚଳିଆସିଛି । ନୂଆଖାଇ ପର୍ବର ପୂର୍ବ ଓ ପର ଦିନର ଯେଉଁ ଲୋକ ବିଶ୍ୱାସ, ବ୍ୟବସ୍ଥା ଏବଂ ଲୋକ ପ୍ରଥା ପ୍ରଚଳିତ ହୋଇ ଆସୁଛି... ତାହା ହିଁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ବର୍ଷ ପ୍ରାରମ୍ଭରେ ଉତ୍ପାଦିତ ଶସ୍ୟର ଅନ୍ନକୁ... ବିଶେଷ କରି ବର୍ଷର ଅମଳ ପ୍ରାରମ୍ଭରୁ ଉତ୍ପାଦିତ ହେଉଥିବା ଧାନରୁ ଯେଉଁ ଅନ୍ନ ବାହାରେ ସେହି ଅନ୍ନକୁ ନିଜ ଇଷ୍ଟ ଦେବାଦେବୀଙ୍କ ପାଦପଦ୍ମରେ ଅର୍ପଣ କରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ସଙ୍ଗେ ସଙ୍ଗେ କର୍ମ ଓ ବିରାମ ମଧ୍ୟରେ ପ୍ରାଚୀନ ଜୀବନର ଇତିହାସ ଓ ଦର୍ଶନ ହେଉଛି ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ।

ପଶ୍ଚିମ ଓଡ଼ିଶା ଅଞ୍ଚଳବାସୀ ମୁଖ୍ୟତଃ କୃଷିଜୀବୀ । ଅଧିକ ଫସଲ ଉତ୍ପାଦନ କରିବା ପାଇଁ ସେମାନେ ମାଟି ମାଆକୁ ପୂଜା କରି ବିଭିନ୍ନ କୃଷିଭିତ୍ତିକ ପର୍ବ ପାଳନ କରି ଆସୁଛନ୍ତି, ଯାହାକି ଆଜି ପ୍ରତ୍ୟେକ ଓଡ଼ିଆ ଜନମାନସରେ ସେହି ପରମ୍ପରା ସ୍ଥାନ ପାଇ ସାରିଛି ଓ ପ୍ରଚଳିତ ହୋଇ ଆସୁଛି । କୃଷିକୁ ମୁଖ୍ୟ ଜୀବିକା ଓ ଅନ୍ନକୁ ବ୍ରହ୍ମ ରୂପେ ବହୁ ପୂର୍ବରୁ ପରିକଳ୍ପନା କରାଯାଇଛି । ଗଙ୍ଗାଧର ମେହେରଙ୍କ ଭାଷାରେ – କୃଷି ସିନା ସଂସାରେ ସଭ୍ୟତାର ଚୂଳ,କୃଷି ଏକା ସକଳ ଜୀବିକାର ମୂଳ । ପ୍ରତିଟି ମଣିଷ ଅନ୍ନରୁ ଜାତ, ଅନ୍ନ ଜୀବନ ଧାରଣର ମାଧ୍ୟମ ଓ ଆନନ୍ଦର ବାର୍ତ୍ତାବହ । ବେଦ ଉପନିଷଦରେ ମଧ୍ୟ ଅନ୍ନକୁ ବ୍ରହ୍ମ ଈଶ୍ୱର ଭାବେ ବର୍ଣ୍ଣନା କରାଯାଇଛି ।

ପଶ୍ଚିମ ଓଡ଼ିଶାର ଅଧିବାସୀ ଓ ଲୋକ ସମାଜ ପ୍ରକୃତି ସହିତ ଏକ ନିବିଡ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରି ବଞ୍ଚି ଆସୁଥିବାରୁ କେବଳ ଧାନ ହିଁ ନୂଆ ମଧ୍ୟରେ ସୀମିତ ନ ରହି ପ୍ରତିଟି ଶସ୍ୟର ନୂଆ ଫସଲକୁ ନିଜ ଇଷ୍ଟ ଦେବାଦେବୀଙ୍କୁ ପୂଜା କରିବା ପରେ ହିଁ ନିଜେ ବ୍ୟବହାର କରିଥାଏ । ଠିକ୍ ସେହିପରି ଶ୍ରାବଣ ମାସରେ ମାଣ୍ଡିଆ ନୂଆଖିଆ ଓ ଗୁର୍ଜୀ ନୂଆଖିଆ,ଦଶହରା ଶୁକ୍ଳ ଦଶମୀ ଦିନ ବାଲିଗଜା ସମୟରେ ମକା ମଞ୍ଜିର ଗଜାକରି ପୂଜା କରିବା ପରେ ମକା ଖାଇବା ପରମ୍ପରା ଥିଲା । ଦଶହରା ଅଷ୍ଟମୀ ଦିନ ପୁଅ ଜିଉନ୍ତିଆ ଓଷାକରି ସାରିବା ପରେ କମଳା ଜାତୀୟ ଫଳ ପୂଜା କରି ସାରିବା ପରେ ସେହି ଫଳ ସବୁ ଖାଇବା ପଶ୍ଚିମ ଓଡ଼ିଶାର ଏକ ମୁଖ୍ୟ ପ୍ରଥା । ମାର୍ଗଶୀର ମାସରେ କୃଷ୍ଣ ପକ୍ଷ ଅଷ୍ଟମୀ ଦିନ ଶିମ୍ବ, କଖାରୁ, ବିରି, ଝୁଡଙ୍ଗ, ମୂଳା ଇତ୍ୟାଦିକୁ ପୂଜା କରି ଦେବତାଙ୍କୁ ଅର୍ପଣ କରିସାରିବା ପରେ ଖିଆଯାଇଥାଏ । ଫାଲଗୁନ ପୂର୍ଣ୍ଣିମା ଦିନ ଆମ୍ବକୁ ଦେବତାଙ୍କ ପାଖରେ ପୂଜା କରି ସେହିଦିନ ଠାରୁ ଖିଆଯାଏ । ଚୈତ୍ର ପୂର୍ଣ୍ଣିମା ପୂର୍ବରୁ ଯେଉଁ ମଙ୍ଗଳବାର ପଡେ ସେହି ମଙ୍ଗଳବାର ଦିନ କାନ୍ଦୁଲ, ମହୁଲ, ଚାହାଁର ଇତ୍ୟାଦି ଫଳକୁ ଭାଜିକରି ଦେବାଦେବୀଙ୍କୁ ଅର୍ପଣ କରିବା ପରେ ଖିଆଯାଇଥାଏ । ଏହା ପୂର୍ବରୁ ମହୁଲକୁ ରନ୍ଧା ମଧ୍ୟ ଯାଇନଥାଏ । ଏଥିରୁ ସ୍ପଷ୍ଟ ଜଣାପଡେ ଯେ,ମଣିଷ ଯେତେସବୁ ଶସ୍ୟ ଉତ୍ପାଦନ କରେ ସେସବୁକୁ ପ୍ରଥମେ ନିଜ ଦେବାଦେବୀଙ୍କୁ ଅର୍ପଣ କରିବା ପରେ ହିଁ ନିଜେ ଭକ୍ଷଣ କରିଥାଏ । ହେଲେ ଆଜିକାଲିର ଏହି ପରିବେଶଗତ ଅସନ୍ତୁଳନ ଜନିତ ଆଧୁନିକ ମଣିଷ ଠିକ୍ ସମୟ ପୂର୍ବରୁ ମଧ୍ୟ ଚାଷ କରି ଅମଳ କରି ପାରୁଛି ଏବଂ ବେଳେ ବେଳେ କୌଣସି ପ୍ରକାରେ ସମୟରେ ମଧ୍ୟ ସବୁ କିଛି ହୋଇପାରୁଛି, ତେଣୁ କ୍ରମଶଃ ଏହାର ଗୁରୁତ୍ୱ କମିବାରେ ଲାଗିଛି । ଏତେସବୁ ଘଟଣା ପରେ ମଧ୍ୟ ମୁଖ୍ୟତଃ ଧାନ ଚାଷ ପ୍ରାୟତଃ ପରିବେଶ ଗତ ଅସନ୍ତୁଳିତଜନିତ ଚାଷ କରିବାର ସମୟ ସାଙ୍ଗକୁ ଅମଳ କରିବାର ସମୟ ବଳୁଥିଲେ ହେଁ ଆଜି ମଧ୍ୟ ସେହି ପ୍ରାଚୀନ ପରମ୍ପରା ଅନୁଯାୟୀ ଏହି ଅଞ୍ଚଳବାସୀ ଭାଦ୍ରବ ଶୁକ୍ଳ ପକ୍ଷରେ ନୂଆଖାଇ ପର୍ବ ମହା ଧୂମଧାମରେ ପାଳନ କରି ଆସୁଛନ୍ତି । ତେଣୁ ଏହା ହିଁ ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ ବା ଗଣ ପର୍ବ 'ନୂଆଁଖାଇ' ।

ନୂଆଖାଇର ପ୍ରାକ୍ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ ନିର୍ଦ୍ଦିଷ୍ଟ ଦିନର କିଛି ଦିନ ପୂର୍ବରୁ । ନୂଆଖାଇ ଦିନ ପ୍ରାୟତଃ ସମସ୍ତଙ୍କ ଘରେ ସମସ୍ତେ ନୂଆ ବସ୍ତ୍ରର ବ୍ୟବସ୍ଥା କରିଥାନ୍ତି । ଯେତେ ଦୂରରେ ଥିଲେ ମଧ୍ୟ ନିଜର ମାଟିକୁ ଫେରି ସପରିବାର ସହ ନୂଆ ଖାଇବାର ଯୋଜନା ହୋଇଥାଏ । ଘରର ଶୁଦ୍ଧତା ପାଇଁ ସଫାସୁତୁରା, ଲିପା ପୋଛା କରାଯାଇ ପୁରୁଣା ବ୍ୟଥା, ବେଦନା, ଦୁଃଖ, ରୋଗବ୍ୟାଧି ସବୁ ଭୁଲି ଏକ ନୂତନ ଚିନ୍ତା ଚେତନାରେ ନୂଆ ଜୀବନ ବଞ୍ଚିବାର ପ୍ରୟାସ କରାଯାଇଥାଏ । ନୂଆଖାଇ ବେଳକୁ ପ୍ରାୟତଃ ଡିପ ଜମିରେ ଧାନ ଫସଲ ହୋଇଥାଏ ।

ତେଣୁ ଗ୍ରାମର ପୂଜକ ଜମିରୁ ଧାନ ଛିଣ୍ଡାଇ ଆଣି ଗ୍ରାମ ଦେବାଦେବୀଙ୍କ ପାଖରେ ଅର୍ପଣ କରି ସାରିଥାଏ । ଧାନ ମଞ୍ଜି ମିଳି ନ ପାରିଲେ ଧାନ ଫୁଲକୁ ମଧ୍ୟ ପୂଜାକରି ନୂଆଖାଇ ପର୍ବ ପାଳନ କରିବାର ବିଶ୍ୱାସ ରହିଛି । ଗ୍ରାମଦେବତାଙ୍କୁ ଅର୍ପଣ କରିବା ପରେ ଜନସାଧାରଣ ନିଜ ନିଜର ସାଧ୍ୟମତେ ନୂଆବସ୍ତ୍ର ପରିଧାନ କରି ନବନିର୍ମିତ ଚୁଲିରେ ନୂଆହାଣ୍ଡିରେ ଧାନ ପକାଇ ଚୂଡା ଭାଜିଥାନ୍ତି । ସେହି ନୂତନ ଚୁଡାରେ ଗାଈ ଘିଅ, କ୍ଷୀର, ନଡିଆ, କଦଳୀ, ଗୁଡ ଆଦି ମିଶ୍ରଣ କରାଯାଇ ପ୍ରସାଦ ବା ନବାନ୍ନ ପ୍ରସ୍ତୁତ କରାଯାଇଥାଏ । ନୂଆଖାଇରେ ସର୍ବଶୁଦ୍ଧି ଓ ଦେବାଦେବୀଙ୍କ ମାନ୍ୟତା ପ୍ରାପ୍ତକୁ କୁରେଇପତ୍ର ପୂର୍ବରୁ ସଂଗ୍ରହ କରି ରଖାଯାଇଥାଏ ଏବଂ ସେହି କୁରେଇ ପତ୍ରରେ ହିଁ ଘରର ମୁଖିଆ ସମସ୍ତଙ୍କୁ ନବାନ୍ନ ବଣ୍ଟନ କରିଥାନ୍ତି । ପ୍ରଥମେ ଇଷ୍ଟ ଦେବାଦେବୀଙ୍କ ପାଖରେ ନୂଆ ଧାନର ବେଣୀ କରି ଝୁଲାଇ ଦିଆଯାଇଥାଏ ଏବଂ ଇଷ୍ଟ ଦେବାଦେବୀ ଓ ପୂର୍ବପୁରୁଷଙ୍କୁ ନବାନ୍ନ ଅର୍ପଣ କରିସାରିବ ସାରିବା ପରେ ପ୍ରତ୍ୟେକ ବ୍ୟକ୍ତି ସାନରୁ ବଡ ଯାଏ ସମସ୍ତେ ନିଜ ନିଜ ମୁଣ୍ଡରେ ଲଗାଇ ନବାନ୍ନ ପ୍ରସାଦ ଭକ୍ଷଣ କରିଥାନ୍ତି ।

ନବାନ୍ନ ଭକ୍ଷଣ ଦିନ ପ୍ରତ୍ୟୁଷରେ ପରିବାରର ପ୍ରତ୍ୟେକ ସଦସ୍ୟ ଶୁଦ୍ଧପୁତ ମନରେ ନୂଆ ବସ୍ତ୍ର ପରିଧାନ କରି ପ୍ରଥମେ ସମସ୍ତ ପ୍ରଥାନୁସାରେ ନୂଆଖାଇ ସାରିବା ପରେ ଇଷ୍ଟଦେବୀ ଓ ପରେ ପରିବାରର ଛୋଟରୁ ବଡ ପର୍ଯ୍ୟାୟଭିତ୍ତିକ ଜୁହାର ପର୍ବ ଆରମ୍ଭ ହୋଇଥାଏ । ବଡମାନେ ସୁଖ ଶାନ୍ତିରେ ବର୍ଷଟିର ଶୁଭକାମନା ପୂର୍ବକ ସାନମାନଙ୍କୁ ଆଶୀର୍ବାଦ ଦେଇଥାନ୍ତି । ପରିବାର ମଧ୍ୟରେ ଯିଏ ଯାହାର ସାଧ୍ୟ ମତେ ବିଭିନ୍ନ ପ୍ରକାର ପିଠାପଣା, ମଣ୍ଡାପିଠା, ଖିରୀପୁରୀ, ତରକାରୀ ଇତ୍ୟାଦି କରି ଏକ ଜାକଜମକରେ ନୂଆଁଖାଇ ପର୍ବଟିରେ ପରିବାରର ସମସ୍ତ ସଦସ୍ୟ ଓ ବନ୍ଧୁବାନ୍ଧବ ଗହଣରେ ଏକାଠି ଭୋଜନ କରିଥାନ୍ତି । ତା'ପରେ ଆରମ୍ଭ ହୋଇଥାଏ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ । ମନ୍ଦିର ଗ୍ରାମ ବା ସହରରେ ନୂଆଖାଇ ଜୁହାର ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି ଦିନ ଯେତେ ଯାହା ଶତ୍ରୁଭାବ ଥିଲେ ସୁଦ୍ଧା ନୂଆଖାଇ ଜୁହାର ଭେଟ ହୋଇଗଲେ ସବୁ କଟିଯାଇ ବନ୍ଧୁଭାବ ଜାଗ୍ରତ ହୋଇଥାଏ ବୋଲି ଜନସାଧାରଣରେ ବିଶ୍ୱାସ ରହିଛି ।


**କୁରାଳ, ନୟାଗଡ଼,**
**ମୋ–୯୪୩୭୯୮୫୮୬୬**



ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆପଣଙ୍କ...

ଜଗନ୍ନାଥଙ୍କ କୃପାରୁ ଆଶା କରୁଛୁ, ଆପଣମାନେ ସେଠାରେ ଭଲ ପ୍ରଦର୍ଶନ କରିବେ ବୋଲି ସେ କହିଥିଲେ ।

ଏହି ୧୫ ଜଣିଆ ପ୍ରତିଯୋଗୀଙ୍କ ମଧ୍ୟରୁ ବରୁଣ ସାହୁ, ରାଜେନ୍ଦ୍ର ବିନ୍ଧାଣୀ, କାମିନୀ କୁମାରୀ ରାମ, ଦିଶା ଦର୍ଶିନୀ ଏବଂ ଅମରେଶ ସାହୁଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ୍ ଏବଂ ନିର୍ଦ୍ଦେଶକ ରଶ୍ମିତା ପଣ୍ଡା ଉପସ୍ଥିତ ଥିଲେ ।

## ମମତାଙ୍କ...

ତେଣୁ ବାଧ୍ୟ ହୋଇ ବିଜେପିରେ ମିଶିଲେ । ତାଙ୍କୁ ଦଳ ପକ୍ଷରୁ ମଧ୍ୟ ଅଣଦେଖା କରାଯାଉଥିଲା । ଦଳ ତାଙ୍କର ସେବା ଆବଶ୍ୟକ କରୁନଥିଲା । ତେବେ ତାଙ୍କୁ ରାଜ୍ୟସଭାକୁ ପଠାଇ ଥିବାରୁ ସେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ୨୦୨୬ରେ ଶେଷ ହୋଇଥାନ୍ତା । କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ସେ ଇସ୍ତଫା ଦେଇଛନ୍ତି । ପୂର୍ବରୁ ମମତା ମହାନ୍ତ ବିଜେଡି ଓ ରାଜ୍ୟସଭା ପଦରୁ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ । ଉପନିର୍ବାଚନରେ ବିଜେପି ପୁଣି ତାଙ୍କୁ ରାଜ୍ୟସଭାକୁ ପଠାଇଥିଲା । ସୁଜିତ୍ କୁମାରଙ୍କ କ୍ଷେତ୍ରରେ ଅନୁରୂପ ରଣନୀତି ଗ୍ରହଣ କରାଯାଇପାରେ ବୋଲି କୁହାଯାଉଛି । ବିଜେଡି ଛାଡୁଥିବା ନେଇ ଦଳ ପକ୍ଷରୁ ମଧ୍ୟ ତାଙ୍କୁ ତୀବ୍ର ସମାଲୋଚନା କରାଯାଇଛି ।

## ମାମଲା...

ଭଙ୍ଗ ନୋଟିସ ଆଣିବାକୁ ଚାହୁଁଛୁ ବୋଲି ଶ୍ରୀ ରାୟ କହିଥିଲେ।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ପୁଣି ଥରେ ରାଜ୍ୟରେ ପ୍ରତିହିଂସା ପରାୟଣ ରାଜନୀତି ମୁଣ୍ଡ ଟେକୁଛି। ଭିନ୍ନ ମତକୁ ଚାପି ଦେବାକୁ ଅପଚେଷ୍ଟା କରାଯାଇଛି। ଏହା ନିନ୍ଦନୀୟ। ଜନୈକ ଛାତ୍ରଙ୍କ ଅଭିଯୋଗକୁ ନେଇ ଚାନ୍ଦବାଲି ବିଧାୟକଙ୍କ ବିରୋଧରେ ମିଥ୍ୟା ମକଦ୍ଦମା କରି ମାରଣାସ୍ତ୍ର ଆଇନର ଧାରା ଲଗାଯାଇଛି। ହେଲେ ଅଭିଯୋଗକାରୀ ଛାତ୍ରଙ୍କ ଏତଲାରେ ପରସ୍ପର ବିରୋଧୀ କଥା ଉଲ୍ଲେଖ ରହିଛି। ଗୋଟିଏ ସ୍ଥାନରେ ସେ ଦର୍ଶାଇଛନ୍ତି, ଆସାମୀମାନେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିବାରୁ ସେ କ୍ୟାମ୍ପସ ହଷ୍ଟେଲରେ ପହଞ୍ଚିଥିଲେ। ପୁଣି ଉଲ୍ଲେଖ କରିଛନ୍ତି, ଆସାମୀମାନେ ମୁଣ୍ଡରେ ବନ୍ଧୁକ ଲଗାଇଲେ। ଯଦି ସେ ପଳାଇଥିଲେ, ବନ୍ଧୁକ କେମିତି ଲଗାଇଲେ? ଏହା ପଛରେ ରାଜନୈତିକ ଅଭିସନ୍ଧି ରହିଛି। ଏତେ ଅସହିଷ୍ଣୁତା ଓ ପ୍ରତିଶୋଧ ପରାୟଣତା କାହିଁକି? ବିତର୍କ ଆହ୍ୱାନ ପରେ ଯେଉଁମାନେ ରାସ୍ତାକୁ ଗଲେ, ସେମାନେ କ'ଣ ଅପରାଧ କଲେ? ଘଟଣାର ନିରପେକ୍ଷ ତଦନ୍ତ ହେଉ।

ଏହାପରେ ବିଜେଡି ସଭ୍ୟମାନେ ଗୃହ ମଧ୍ୟକୁ ଆସି ହଟ୍ଟଗୋଳ କରିଥିଲେ। 'ମିଥ୍ୟା ମାମଲା ପ୍ରତ୍ୟାହାର ଆମର ଦାବି'... ନାରା ଦେଇଥିଲେ। ଏହି ସମୟରେ ଶାସକ ଦଳ ପକ୍ଷରୁ ବିଧାୟକ ଇରାଶିଷ ଆଚାର୍ଯ୍ୟ ପାଲଟା ଜବାବ ଦେଇଥିଲେ। ଶ୍ରୀ ଆଚାର୍ଯ୍ୟ କହିଥିଲେ, କୌଣସି ଘଟଣା ଘଟିଲେ, ଏତଲା ହୁଏ। ଏହି ଘଟଣାରେ କେବଳ ଏତଲା ହୋଇଛି। ଚାର୍ଜସିଟ୍ ଦାଖଲ ହୋଇନି କି ତଦନ୍ତ ସରିନି। ଏତେ ପ୍ରତିକ୍ରିୟାଶୀଳ କ'ଣ ପାଇଁ? ବ୍ୟୋମକେଶ ରାୟ କାହିଁକି ସେଠାକୁ ଯାଇଥିଲେ? ସେ ଘଟଣାସ୍ଥଳରେ ଉପସ୍ଥିତି ଥିଲେ କି ନାହିଁ? ସେ କଥା ସ୍ପଷ୍ଟ କରନ୍ତୁ। ବିଜେଡି ବିଧାୟକ ଏତଲା କଥା କହୁଛନ୍ତି। ହେଲେ ତାଙ୍କ ସରକାର ସମୟରେ ଆନ୍ଦୋଳନ କଲେ ବିନା ଏତଲାରେ ଗିରଫ କରାଯାଉଥିଲା।

ଶ୍ରୀ ଆଚାର୍ଯ୍ୟ କହିଲେ, ରେଭେନ୍ସା ତାଙ୍କ ଶାସନ କାଳରେ ଭୂୟାଁ ଆନ୍ଦୋଳନକୁ ନିଷ୍ଠୁର ଭାବେ ଦମନ କରିଥିଲେ। ୭ଜଣଙ୍କୁ ଫାଶୀ, ୨୧ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡ ହୋଇଥିଲା। ପଡ଼ିଶା ବିପର୍ଯ୍ୟୟ ଗ୍ୟାଜେଟ ଦେଖନ୍ତୁ, ନଅଙ୍କ ଦୁର୍ଭିକ୍ଷ ପାଇଁ ଦାୟୀ କିଏ? ତାଙ୍କ ପାଇଁ ୩୦ ଲକ୍ଷ ଲୋକ ମରିଥିଲେ। ଏଭଳି ଲୋକଙ୍କ ସପକ୍ଷରେ ଏଠି ଯୁକ୍ତି ରଖିବା ପରିତାପର ବିଷୟ। ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ ୩୦ ଲକ୍ଷ ଲୋକଙ୍କ ମୃତ୍ୟୁ ପାଇଁ ରେଭେନ୍ସାଙ୍କୁ ଦାୟୀ କରିଥିଲେ। ଯେବେ ରୋମ ଜଳୁଥିଲା, ତା'ର ଶାସକ ବଂଶୀବାଦନ କରୁଥିଲା। ଠିକ୍ ସେମିତି ନଅଙ୍କ ଦୁର୍ଭିକ୍ଷବେଳେ ସେ ୭୦ ଦିନ ଛୁଟିରେ ଯାଇଥିଲେ। ଖାଦ୍ୟଶସ୍ୟ ମହଜୁଦ ଅଛି ବୋଲି ରିପୋର୍ଟ ଦେଇଥିଲେ। ଏଥିପାଇଁ ଏତେ ଲୋକଙ୍କ ମୃତ୍ୟୁ ହେଲା। ଆପଣମାନେ ଭାବୁଛନ୍ତି, ପୁଣି ତାମିଲ ଆସିବେ, ଶାସନ କରିବେ। ସେଇ ପ୍ରେମରେ ରେଭେନ୍ସାଙ୍କୁ ଭଲ ପାଇବା ଆରମ୍ଭ କରିଛନ୍ତି। ବିତର୍କ ଗଣତନ୍ତ୍ରର ପରିଚୟ। ଯଦି ଦମ୍ ଅଛି, ବିତର୍କକୁ ଆସନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଆହ୍ୱାନ ଦେଇଥିଲେ।

ଏପଟେ ବିଜେଡି ସଦସ୍ୟମାନେ ସ୍ଲୋଗାନବାଜି ଚଳାଇଥିଲେ ଗଣତନ୍ତର କଣ୍ଠରୋଧ ଚଳିବ ନାହିଁ, ଅସହିଷ୍ଣୁ ସରକାର ହାଏ ହାଏ...। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୧ଟା ୫୮ ମିନିଟରୁ ୧୨ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୧୨ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେଲାବେଳକୁ ବିଜେଡି ସହ କଂଗ୍ରେସ ସଭ୍ୟମାନେ ମଧ୍ୟ ରେଭେନ୍ସା ପ୍ରସଙ୍ଗ ନେଇ ପ୍ରତିବାଦ ଚଳାଇଥିବା ଦେଖିବାକୁ ମିଳିଥିଲା। ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ତଳେ ଛିଡ଼ା ହୋଇଥିଲେ। ମିଥ୍ୟା ମାମଲା ପ୍ରତ୍ୟାହାର ଆମର ଦାବି...ନାରାବାଜିରେ ଗୃହ କମ୍ପୁଥିଲା। ବାଚସ୍ପତିଙ୍କ ପୋଡ଼ିୟମ ସାମ୍ନାରେ ଚେୟାର ରଖି ଛିଡ଼ା ହୋଇ ପ୍ରତିବାଦ କରୁଥିଲେ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଶାରଦା ପ୍ରସନ୍ନ ଜେନା। ରୋମାଞ୍ଚ ନିଜ ଗାମୁଛା ପରଦା ଭଳି ବାଚସ୍ପତିଙ୍କ ଆଖି ସାମ୍ନାରେ ଦେଖାଉଥିବାବେଳେ ସୁରକ୍ଷା କର୍ମୀ ଏହାକୁ ଟାଣି ନେଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ୧୨ଟା ୩୪ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ ।

## ପାଇଖାନା...

ଜରୁରୀକାଳୀନ ସେବା ୧୧୨ କୁ ସୂଚନା ଦେବା ସହ ବାରଙ୍ଗ ଅଗ୍ନିଶମ ଓ ବାରଙ୍ଗ ପୋଲିସ କୁ ଖବର ଦେଇଥିଲେ । ଖବରପାଇ ଅଗ୍ନିଶମ ଓ ପୋଲିସ ଘଟଣାସ୍ଥଳରେ ପହଁଚି ପାଇଖାନାଟାଙ୍କି ଭିତରେ ଫସିଥିବା ତିନିଜଣ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡ଼ିକାଲ ଭର୍ତି କରିଥିଲେ। ମେଡ଼ିକାଲରେ ଶ୍ରମିକମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ଶ୍ରମିକମାନେ ହେଉଛନ୍ତି ପଶ୍ଚିମବଙ୍ଗର ଦିନେଶ ସରକାର ଓ ଅବୁ ତାଇରୁଲ ବୋଲି ଜଣାପଡିଥିବା ବେଳେ ଅନ୍ୟ ଜଣକ ପରିଚୟ ମିଳିପାରିନାହିଁ । ଏହି ଘଟଣାପରେ ପୋଲିସ ଠିକାଦାର ଓ ସୁପର ଭାଇଜରଙ୍କୁ ଡାକି ଘଟଣା ଘଟିବାର କାରଣ,କର୍ମଚାରୀଙ୍କ ସେଫ୍ଟି ପାଇଁ କିକି ବ୍ୟବସ୍ଥା ରହିଛି ସେ ବିଷୟରେ ପଚାରି ବୁଝୁଛନ୍ତିଛଏଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଥିବା ବେଳେ ପୋଲିସ ଠିକାଦାର ଓ ସୁପର ଭାଇଜର ଙ୍କୁଘଟଣାସ୍ଥଳରେ ପହଁଚି କିଭଳି ଏହି ଘଟଣା ଘଟିଲା ଏବଂ ସେଫ୍ଟି ପାଇଁ ବ୍ୟବସ୍ଥା କଣ କରାଯାଇଥିଲା କି ନାହିଁ ସେ ନେଇ ଠିକାଦାର ଓ ସୁପର ଭାଇଜରଙ୍କୁ ପଚରା ଉଚରା କରୁଛି ବାରଙ୍ଗ ପୋଲିସ ।

## ସୁଭଦ୍ରା...

ବୈଠକରେ ସୁଭଦ୍ରା ଯୋଜନା ସଂପର୍କିତ ସୂଚନା, ଶିକ୍ଷା ଓ ଯୋଗାଯୋଗ(ଆଇଇସି) ଉପରେ ଗୁରୁତ୍ୱ ଦିଆଯାଇଥିଲା । ୧୭ ତାରିଖରେ ସୁଭଦ୍ରା ଯୋଜନା ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ । ଏହି କାର୍ଯ୍ୟକ୍ରମରେ ପଂଚାୟତ, ବ୍ଲକ, ଜିଲ୍ଲା, ପୌରାଂଚଳ, ମହାନଗର ନିଗମ ସ୍ତରରେ ପ୍ରଦର୍ଶନ ହେବା ନିମନ୍ତେ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା ।

ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ସୂଚନା ପ୍ରଦାନ ଓ ସଚେତନ କରିବା ପାଇଁ ସଚେତନତା ରଥ ସେପ୍ଟେମ୍ବର ୭ ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ସଚେତନତା ରଥ କେଉଁ ରାସ୍ତାରେ ପରିଭ୍ରମଣ କରିବ, ତାହାର ନକ୍ସା ଅଂଚଳର ଜନପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କୁ ଜଣାଯିବ, ଫଳରେ ଜନପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ । ଏହି ସଚେତନତା ଭ୍ୟାନ ପରିକ୍ରମା ପାଇଁ ବ୍ଲକ, ଜିଲ୍ଲା ସହିତ କେବଳ ଭ୍ୟାନ ପାଇଁ ଜଣେ ଜଣେ ନୋଡାଲ ଅଧିକାରୀ ଦାୟିତ୍ୱରେ ରହିବେ । ସବୁ କମନ ସର୍ଭିସ୍ ସେଣ୍ଟର ଏବଂ ମୋ ସେବା କେନ୍ଦ୍ରରେ ସୂଚନା ପ୍ରଚାର ପତ୍ର ଉପଲବ୍ଧ ହେବା ସହିତ ପୋଷ୍ଟର,ବ୍ୟାନର ଆଦି ଲଗାଯିବ । ଏଥିପାଇଁ ଜିଲ୍ଲାପାଳମାନଙ୍କୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ରଗୁଡ଼ିକ ଯେପରି ଶୃଙ୍ଖଳିତ ଭାବେ ପରିଚାଳିତ ହେବ, ଅତ୍ୟଧିକ ଜନ ଗହଳି ହେବ ନାହିଁ, ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି । କୌଣସି ଅପରେଟରମାନଙ୍କୁ ଫର୍ମ ଦାଖଲ ପାଇଁ ଆବେଦନକାରୀଙ୍କୁ ଟଙ୍କା ଦେବାକୁ ପଡିବ ନାହିଁ ।

ସେପ୍ଟେମ୍ବର ୧୭ ତାରିଖରେ ଏହି ଯୋଜନାର ପ୍ରଥମ କିସ୍ତି ହିତାଧିକାରୀଙ୍କୁ ପ୍ରଦାନର ଶୁଭାରମ୍ଭ କରାଯିବାକୁ ଥିବାରୁ ଏଥିପାଇଁ ଅଦ୍ୟାବଧି କେତେ ଫର୍ମ ବିତରଣ କରାଯାଇଛି, କେତେ ସଂଗୃହିତ ହୋଇ ପୋର୍ଟାଲରେ ଅପଲୋଡ୍ କରାଯାଇଛି , ତାହାର ସମୀକ୍ଷା କରାଯାଇଥିଲା । ସଂଗୃହିତ ଫର୍ମ ଗ୍ରାମ ପଂଚାୟତଓ୍ୱାରୀ ଅଲଗା ଅଲଗା କରାଯାଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନ୍ୟାଦେଶ ପର୍ଯ୍ୟନ୍ତ ରହିବ । ଅଦ୍ୟାବଧି ରାଜ୍ୟରେ ପ୍ରାୟ ୪୦ ହଜାର କମନ ସର୍ଭିସ୍ ସେଣ୍ଟର ଏବଂ ମୋ ସେବା କେନ୍ଦ୍ରରେ ଶିବିର କରାଯାଇ ଫର୍ମ ସଂଗ୍ରହ କରାଯାଉଛି । ସମସ୍ତ କେନ୍ଦ୍ରର ତଦାରଖ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟ ପକ୍ଷରେ ନକଲି ୱେବ୍‌ସାଇଟ୍‌ରେ ଯେପରି ଆବେଦନକାରୀ ଆବେଦନ ନ କରନ୍ତି, ତାହାକୁ ନିଶ୍ଚିତ କରିବା ସହିତ ଏହା ଜଣା ପଡିଲେ ତୁରନ୍ତ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଅଧିକାରୀଙ୍କୁ ସୁଭଦ୍ରା ଯୋଜନା ସଂପର୍କିତ ଏକ୍ସ (ଟ୍ୱିଟର), ଇନଷ୍ଟାଗ୍ରାମ, ଫେସବୁକ ଏବଂ ୟୁଟ୍ୟୁବରେ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ଫଲୋ କରିବା ସହିତ ପ୍ରକୃତ ତଥ୍ୟ ଅନୁସରଣ କରିବା , ଜିଲ୍ଲାସ୍ତରରେ, ବ୍ଲକ ଓ ବିଭିନ୍ନ ସ୍ତରରେ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଗଣମାଧ୍ୟମ ଜରିଆରେ ଜନସାଧାରଣ ତଥା ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ସଠିକ ସୂଚନା ପ୍ରଦାନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ଆହୁରି ମଧ୍ୟ ଏହି ବୈଠକରେ ଆଗାମୀ ସେପ୍ଟେମ୍ବର ୧୭ ତାରିଖରୁ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହେଉଥିବାରୁ ଏ ସଂପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସବିଶେଷ ସୂଚନା ପ୍ରଦାନ କରିବା ସହିତ ସଂପୃକ୍ତ ସମସ୍ତ ବିଭାଗର ସହଯୋଗ ପାଇଁ ଆବଶ୍ୟକ ସୂଚନା ଦେଇଥିଲେ । 'ସ୍ୱଚ୍ଛତା ହିଁ ସେବା' ପକ୍ଷ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହା ଅକ୍ଟୋବର ୨ ତାରିଖରେ 'ସ୍ୱଚ୍ଛ ଭାରତ ଦିବସ' ଉପଲକ୍ଷେ 'ସ୍ୱାଭିମାନ ସ୍ୱଚ୍ଛତା– ସଂସ୍କାର ସ୍ୱଚ୍ଛତା' ଥିମ ଉପରେ ପର୍ଯ୍ୟବସିତ ହେବା ସଂପର୍କରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢୀ ସୂଚନା ପ୍ରଦାନକରିଥିଲେ ।

## କଂଗ୍ରେସରେ...

ପ୍ରତିବାଦକୁ ସମର୍ଥନ କରିଥିଲା । ବିଜେପି ସାଂସଦମାନେ ସେମାନେ ଲେଖିଥିବା ଚିଠିକୁ ଅଣଦେଖା କରିଥିଲେ । ଆମେ ସ୍ୱର ଉତ୍ତୋଳନ କରୁଥିବାରୁ ତା'ର ମୂଲ୍ୟ ଦେବାକୁ ପଡିଲା ।ହେଲେ ଦେଶର ଝିଅକୁ ଦେଶବାସୀମାନେ ସମର୍ଥନ କରିଥିଲେ । ତେବେ ଆଶା କରାଯାଉଛି ଯେ ଭିନେଶ ହରିୟାଣାର ଜୁଲାନା ନିର୍ବାଚନ ମଣ୍ଡଳିରୁ ପ୍ରାର୍ଥୀ ହୋଇପାରନ୍ତି । ସେହିଭଳି ବଜରଙ୍ଗଙ୍କୁ ମଧ୍ୟ ବଦଲି ଆସନରୁ ପ୍ରାର୍ଥୀ କରାଯାଇପାରେ । କଂଗ୍ରେସରେ ଯୋଗଦେବାପରେ ଭିନେଶ ରେଳବାଇରେ ସେ କରିଥିବା ଓଏସ୍‌ଡି ଚାକିରିରୁ ଇସ୍ତଫା ଦେଇଛନ୍ତି । କୃଷକମାନେ ତାଙ୍କୁ ସମର୍ଥନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି ।

## ଅକ୍ଟୋବର ୫ ଓ ୬ରେ କଣ୍ଟେଶ୍ୱରୀ ହାଇସ୍କୁଲର ଶତବାର୍ଷିକ ସମାରୋହ



ଭୁବନେଶ୍ୱର (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଶାଳିଅଞ୍ଚର କଣ୍ଟେଶ୍ୱରୀ ଉନ୍ନୀତ ୟୁଜିୟୁପି ବିଦ୍ୟାଳୟର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି । ଆସନ୍ତା ଅକ୍ଟୋବର ୫ ଏବଂ ୬ ତାରିଖ ଦୁଇଦିନ ଧରି ଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ବାୟାବାବା ମନ୍ଦିର ନିକଟ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି । ରାଜକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ବିଦ୍ୟାଳୟର ପରିସରରେ ତିନିଜଣ ପୂର୍ବତନ ଶିକ୍ଷକଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେବ । ଏଥିସହିତ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜିତ ହେବ ଛ ଏହି ଅବସରରେ ବିଦ୍ୟାଳୟ ସଂପର୍କିତ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଇବ । ବୃକ୍ଷରୋପଣ କରାଯିବା ସହିତ ବିଭିନ୍ନ ଉଲ୍ଲେଖନୀୟ କ୍ଷେତ୍ରରେ ସଫଳତା ପାଇଁ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ । ଶାଳିଅଞ୍ଚି ନିବାସୀ ଲଣ୍ଡନରେ ଅବସ୍ଥାପିତ ସ୍ୱନାମଧନ୍ୟ ଡାକ୍ତର ସହଦେବ ସ୍ୱାଇଁ ଏହି ସମାରୋହରେ ଯୋଗଦେବେ । ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଏକ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି । ପୀତାମ୍ବର ପରିଡ଼ା, ପାଣ୍ଡବ ପ୍ରଧାନ, ପଞ୍ଚାନନ ସ୍ୱାଇଁ, ଚତୁର୍ଭୁଜ ରାଉତ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ହୃଦାନନ୍ଦ ମଲ୍ଲିକ, ଗୋଲେଖ ସିଂହ, ଗୁଣଧର ସାମଲ ଏବଂ ହିମାଂଶୁ ଶେଖର ରାଉତ ଏହି କମିଟିରେ ରହିଛନ୍ତି । ଆରମ୍ଭରେ କମିଟିର ବରିଷ୍ଠ କର୍ମକର୍ତ୍ତା ସଂଜୟ ମଲ୍ଲିକ (ଟିଟୁ)ଙ୍କ ପାଇଁ ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ କଟକ, ଭୁବନେଶ୍ୱରରେ ରହୁଥିବା ବ୍ୟକ୍ତିମାନେ ଯୋଗଦେଇଥିବା ବେଳେ ଶାଳିଅଞ୍ଚରୁ ବହୁ ବ୍ୟକ୍ତି ସାମିଲ ହୋଇଥିଲେ ।

## ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଘରେ ଭିଜିଲାନ୍ସ : ୭ ସ୍ଥାନରେ ଚଢ଼ାଉ

କେନ୍ଦୁଝର (ସ୍ୱପ୍ର) :ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ କାରାଗାରର ଅଧୀକ୍ଷକ (ଜେଲ ସୁପରିଣ୍ଟେଣ୍ଡେଣ୍ଟ)ସତ୍ୟପ୍ରକାଶ ସ୍ୱାଇଁଙ୍କ କେନ୍ଦୁଝର ସରକାରୀ ବାସଭବନରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ତାଙ୍କର କେନ୍ଦୁଝର ଅଫିସ୍ , ବାସଭବନ, ଭଦ୍ରକ ପୈତୃକ ବାସଭବନ, ଭୂବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ନିଜ ଘର ଓ ଶ୍ୱଶୁର ଘର ଜାଗମରା ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଛି। ଭୁବନେଶ୍ୱରରୁ ଏକ ଟିମ ସହ କେନ୍ଦୁଝର ଭିଜିଲାନ୍ସ ସହାୟତାରେ ଚଢ଼ାଉ ଜାରି ରହିଛି। ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ ଶ୍ରୀ ସ୍ୱାଇଁଙ୍କ ବିରୁଦ୍ଧରେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଏକ ମାମଲା ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହୋଇଥିଲା ।କୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ଚଢ଼ାଉ ଜାରି ରହିଛି ।


**AFFIDAVIT**

I Anju Agarwal Wife of Deepak Agarwal resident of At- Banka Bazar, Po- Chandni chowk, Ps- Lalbag,Cuttack, Odisha, Pin code 753002 Declare by this Affidavit No- 28237, Date- 06/09/2024,that now onwards I shall be known as Anju Agrawal for all Future purposes.

**AFFIDAVIT**

I, Radharani Patra, W/o- Alok Kumar Senapati, Resident of F-501, Nageswar Residency, Nandan Vihar, Kalarahanga, Bhubaneswar, Khordha, Odisha-751024 declare by this affidavit No. 322 Date- 10.02.2024 that now onwards I shall be known as **P Radharani Patra** for all future purpose.

**ଦ.ପୂ. ରେଳବାଇ - ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ. ଇଏଲ-ସିଓଏନ-କେଜିପି-ଏସଆରସି-ଓ୍ୱାଇଡି-୨୪-୦୪, ତାରିଖ : ୦୫.୦୯.୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (କନ) ଦ.ପୂ. ରେଳବାଇ, ଖଡଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡରକୁ ୱେବସାଇଟ୍ **www.ireps.gov.in** ରେ ଅପଲୋଡ କରାଯାଇଛି । ଇ–ଟେଣ୍ଡର ନିର୍ଦ୍ଧାରିତ ତାରିଖରେ ୧୨.୦୦ ଘଣ୍ଟା ସମୟରେ ବନ୍ଦ ହେବ । କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ : ଖଡଗପୁର ଡିଭିଜନରେ ସଙ୍କ୍ରେଲ–ସାନ୍ତ୍ରାଗାଛି ଲିଙ୍କ ଲାଇନ କାର୍ଯ୍ୟ ସଂକ୍ରାନ୍ତରେ ୨୫ କେଭି ଓଏଚଇ, ପିଏସଆଇର ବଳକା କାର୍ଯ୍ୟ ଏବଂ ଇଲେକ୍ଟ୍ରିକାଲ ଜେନେରାଲ ସର୍ଭିସେସ କାର୍ଯ୍ୟ ପାଇଁ ଯୋଗାଣ, ନିର୍ମାଣ, ପରୀକ୍ଷା ଓ କାର୍ଯ୍ୟକ୍ଷମ କରିବା । **ମୂଲ୍ୟ :** ଟ. ୬,୬୧,୫୯,୬୭୬/– । **ଇଏମଡି :** ଟ. ୪,୮୦,୮୦୦/– । **ସମାପ୍ତି ମିଆଦ :** ୦୬ (ଛଅ) ମାସ । **ନିର୍ଦ୍ଧାରିତ ତାରିଖ :** ୩୦–୦୯–୨୦୨୪ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡର ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ/ତଥ୍ୟ/ସୂଚନା ପାଇଁ ୱେବସାଇଟ୍ **www.ireps.gov.in** ଦେଖିପାରିବେ ଏବଂ ସେମାନଙ୍କର ବିଡଗୁଡିକୁ ଅନଲାଇନରେ ଦାଖଲ କରିବେ । କୌଣସି ପରିସ୍ଥିତିରେ ଏହିସବୁ ଆଇଟେମ ପାଇଁ ମାନୁଆଲ ଟେଣ୍ଡର ଗୁଡିକୁ ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ :** ଇଚ୍ଛୁକ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ପାଇଁ ନିୟମିତ ରୂପେ **www.ireps.gov.in** ଦେଖି ପାରିବେ । (PR-568)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
CAD-1064
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୬୯ **ବିଜ୍ଞାପନ** ତା : ୦୨.୦୯.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ଶ୍ରୀ ପ୍ରମଥ କୁମାର ପ୍ରଧାନ<br>ପିତା–ସ୍ୱର୍ଗତ ବାଞ୍ଛାନିଧି ପ୍ରଧାନ<br>କ୍ୱାର୍ଟର ନଂ–ପି.ଟି.ଏନ୍/୬୬<br>(ନିଉ ପିଏଣ୍ଟି କଲୋନୀ)<br>ସେକ୍ଟର–୬, ରାଉରକେଲା<br>ପୋ/ଥାନା–ରାଉରକେଲା<br>ଜିଲ୍ଲା–ସୁନ୍ଦରଗଡ଼ | ଏମ୍‌ଆଇଜି–୨/୩୭୯<br>(MIG-II/379)<br>ଛେଣ୍ଡ<br>ତୃତୀୟ ପର୍ଯ୍ୟାୟ<br>ରାଉରକେଲା | ୧. ବବିତା ପ୍ରଧାନ (ସ୍ତ୍ରୀ)<br>୨. ବିକାଶ କୁମାର ପ୍ରଧାନ (ବି.ପୁତ୍ର)<br>୩. ମୌସମି ପ୍ରଧାନ (ବି.କନ୍ୟା)<br>୪.ସୁରୁବାଲି ପ୍ରଧାନ (ବିଧବା ମା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0255/2425

**ହୋମି ଭାଭା ବିଜ୍ଞାନ ଶିକ୍ଷା କେନ୍ଦ୍ର**
ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ
**ନେସ୍‌ନ୍ୟାଲ ଅଲମ୍ପିଆର୍ଡ ପ୍ରୋଗ୍ରାମ ୨୦୨୪-୨୫**
ଆଷ୍ଟ୍ରୋନୋମି, ବାୟୋଲୋଜି, କେମିଷ୍ଟ୍ରି, ଫିଜିକ୍ସ,
ଜୁନିଅର ସାଇନ୍ସରେ

ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀ **ଇଣ୍ଡିଆନ୍ ଆସୋସିଏସନ ଅଫ୍ ଫିଜିକ୍ସ ଟିଚର୍ସ (ଆଇଏପିଟି)** ଦ୍ୱାରା **ନଭେମ୍ବର ୨୩ ଓ ୨୪, ୨୦୨୪**ରେ ଆୟୋଜିତ ହେବାକୁ ଥିବା **ନେସ୍‌ନ୍ୟାଲ ଷ୍ଟାଣ୍ଡାର୍ଡ ଏକ୍ସାମିନେସନ (ଏନଏସଇଏସ)** (ବିଜ୍ଞାନ ବିଷୟବସ୍ତୁ ପାଇଁ) କରେସ୍ପଣ୍ଡିଙ୍ଗ୍ ଭାଗ ନେବା ଆବଶ୍ୟକ ।

**୨୦୨୫ର କରେସ୍ପଣ୍ଡିଙ୍ଗ୍ ଇଣ୍ଟରନ୍ୟାସନାଲ ଅଲମ୍ପିୟାର୍ଡରେ ଅଂଶ ଗ୍ରହଣ** ଦିଗରେ ଏନଏସଇର ଯୋଗ୍ୟତା ପ୍ରଥମ ପଦକ୍ଷେପ ଅଟେ ।

ଏନରୋଲ୍ ହେବାକୁ :
**ଏନ୍‌ଏସଇଏସ୍** : https://www.iapt.org.in (ଅଗଷ୍ଟ ୨୧–ସେପ୍ଟେମ୍ବର ୧୪, ୨୦୨୪)
ସବିଶେଷ ବିବରଣୀ ପାଇଁ : https://olympiads.hbcse.tifr.res.in
https://www.iapt.org.in
CBC-48143/12/0009/2425

**ଜିଲ୍ଲାପରିଷଦ, ଜଗତସିଂହପୁର**
**OFFICE OF THE ZILLA PARISHAD, JAGATSINGHPUR**
At/P.O.-Saanra, Via-Nalibar, Jagatsinghpur, PIN- 754104
Phone No.06724-231091 E-Mail ori-djagatsinghpur@nic.in
Panchayati Raj
Letter No. 3613 Date. 05.09.24

**ADVERTISEMENT**

**Invitation of application for recruitment to the post of Gram Rozgar Sevak (GRS) under MGNREGS in the District of Jagatsinghpur**

**CAD-1052 :** Applications are invited from the eligible candidates to fill up 172 nos.of post of Gram Rozgar Sevak (GRS) to be engaged in different Gram Panchayats in Jagatsinghpur District on contractual basis under MGNREGA. The newly engaged GRS will get a consolidated monthly remuneration of Rs. 7,000/-. After successfully working for more than 1 year & less than 6 years they will get 8500/- per month. They will get 8880/- per month after successfully working for more than 6 years. The last date for submission of application is 09.10.2024. The detailed advertisement having no. of vacancies, remuneration ,age, eligibility criteria and other terms & conditions is available in the District Official Website (**www.jagatsinghpur.odisha.gov.in**).

Sd/- Collector-cum-DPC
Zilla Parishad, Jagatsinghpur
OIPR : 19249/11/0004/2425

E-mail:- eerw_kuchinda@yahoo.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION. KUCHINDA**
O-248
**"e" Procurement Notice for Building Works**
**Identification No Online Tender /01/ RWD, Kuchinda / 2024-25.**

1. Name of the work : Building Works
2. Total Number of Works : 3 Nos.
3. Class of Contractor : B, C & D Class of Contractor
4. Period of Completion : 04 and 06 calendar months
5. Availability of Tender online For bidding : Dt.11.09.2024 to Dt.23.09.2024
6. Last date & time of seeking tender clarification : Dt.21.09.2024 at 5.00 A.M
7. Date & time of opening of tender : Dt.24.09.2024 at 11.00 A.M

- Other details can be seen from Detailed notice inviting Tenders, available in website www.tenderodisha.gov.in
- Corrigendum if any shall only be published in the above website.

Sd/- Superintending Engineer
Rural Works Division
Kuchinda
OIPR : 25151/11/0001/2425

**Office of the Superintending Engineer,**
**Baisinga Canal Division, Laxmiposi, PIN-757107, Dist. - Mayurbhanj**
Email ID : sebaisinga2022@gmail.com
A-277
**TENDER CALL NOTICE NO.07/2024-25 OF SE. BCD, LAXMIPOSI**

| | | |
|---|---|---|
| 1 | No. of Work | Total 10 nos. of work |
| 2 | Tender Amount | Rs. 1,65,665.00 to Rs. 4,96,685.00 |
| 3 | E.M.D. | Rs.1700.00 to Rs. 5000.00 |
| 4 | Period of Completion | 01 (One) Month from the date of issue of work order. |
| 5 | Class of Contractor | Registered Manpower /Agencies / Registered Contractor having labour license/ Service Providers / Registered Firm/ Agencies/Consultancy having drawing and design experiences / "D" Class or "C" Class |
| 6 | Date & Time of availability of bid document in the office of the undersigned | From 06.09.2024 to 17.09.2024 during office hour. |
| 7 | Last date/time for receipt of bid in the office of the undersigned | Upto 5.00 PM of 17.09.2024 |
| 8 | Date of opening of bid | 18.09.2024 at 11.30AM |
| 9 | Name & Address of the O.I. Q | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

Sd/- Superintending Engineer,
Baisinga Canal Division, Laxmiposi
OIPR : 32281/11/0004/2425

**GOVERNMENT OF ODISHA : OFFICE OF THE SUPERINTENDING ENGINEER,**
**UPPER KOLAB IRRIGATION DIVISION,**
**BORIGUMMA, DIST: KORAPUT.**
A-272
**e-Procurement Notice**
**Bid Identification No. SEUKID-01/2024-25 Dated: 04.09.2024**

Bid Documents consisting of work, Estimated Cost, Cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in** .

1. Name of the Work : Civil Works
2. No. of Works : 1 No
3. Estimated Cost : Rs.99.81 Lakhs
4. Period of completion : Four calendar months
5. Date & Time of Bidding : From 11.00 hours of 09.09.2024 Up to 17.00 hours of 24.09.2024
6. Last date & time for receipt of bids in portal : **24.09.2024** up to 17.00 hours.
7. Bids received online shall be opened on : 11.00 hours of **25.09.2024**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the www.tendersodisha.gov.in.**

Sd/- Superintending Engineer,
Upper Kolab Irrigation Division,
Borigumma (K)
OIPR : 32482/11/0003/2425

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
Letter No. 3361 / Dt. 04.09.2024
A-274
**GOVERNMENT OF ODISHA e-Procurement Notice**
**Bid Identification No. on line SECMID- 05 /2024-25**
eemidcuttack@yahoo.co.in

1. Name of work : Improvement & Renovation of MIPs in MI Sub-Division Athagrh
2. Total Number of work : 09 (Nine) nos.
3. Estimated cost : Varies from Rs. 11.98 to 47.24 lakhs
4. Tender paper Cost(Online) : Varies from Rs.6,000/-
5. Bid Security *(Online)* : As per DTCN
6. Period of Completion : As per DTCN
7. Availability of Bid Document : From 11.09.2024,10.00 AM to 24.09.2024,5.00 PM in website (**www.tendersorissa.gov.in**)
8. Last date & Time of receipt : 24.09.2024 at 5.00 PM through online Bid through online
9. Date of opening of Bid documents : 25.09.2024 - at 11.00 A.M in the office of the SE, M.I. Division, Cuttack.
10. Date of Lottery, if required : 08.10.2024 at 12.00 Noon in the office of the SE, M.I. Division, Cuttack
11. Name and address of the OIT : Superintending Engineer, M.I. Division, Cuttack. P.O :- Nayabazar, Cuttack. Phone :-0671-2443622, PINCODE :- 753004

Further details can be seen from the Government of Odisha Web-Site **www.tendersorissa.gov.in**

Sd/- Superintending Engineer
M.I. Division, Cuttack
OIPR : 32121/11/0006/2425

**OFFICE OF THE ENGINEER-IN-CHIEF,**
**RURAL WATER SUPPLY & SANITATION,**
**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**
Tel: 0674-2395734, FAX: 0674-2394946, e-mail: cerwssodisha@,gmail.com
No. 9640 Dt. 05.09.2024
O-261
**Request for Proposal (RFP)**
**Bid Identification No. EIC/RWS&S/ 04/2024-25**

**Request for Proposal (RFP) for Hiring of Agency to provide Manpower support to Rural Sanitation Work in 35 RWSS Divisions, Panchayati Raj & Drinking Water Department, Government of Odisha**

The Engineer-in-Chief, RWS&S, Odisha, Bhubaneswar, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP) for Hiring of Agency to provide Manpower support to Rural Sanitation Work in 35 RWSS Divisions, Panchayati Raj & Drinking Water Department, Government of Odisha.

The eligibility criteria for selection of Agencies/Firms are provided below:

(a) The bidder should be registered for minimum period of 3 years under the Indian Companies Act 1956/ Societies Registration Act/ Trust Act/ Any other Relevant Act in India;
(b) The bidder should have an Average Annual Turnover of atleast 10 crore during the last three Financial Years i.e. FY 2021-22, FY 2022-23 and FY 2023-24 (Supported by duly audited balance sheet and statutory auditor certificate);
(c) The bidder should have successfully undertaken at least either of the following Similar Assignment" Project of value specified herein during the last five financial years as on the last date of submission for International/National/ State level Govt./ Corporate Sector Programs
- One project of similar nature not less than the amount of Rs. 4 crores or
- Two projects of similar nature not less than the amount of Rs. 2.50 crores each

(d) The bidder/ firm/ any partners of the firm should not be blacklisted by any Government or any other organization in respect of any assignment or behaviour.
(e) The bidder should have never been indicted by any court of law or any regulatory body or any State/ Central Government agencies.

Interested Agency/ Firms may download the RFP document from Government of Odisha Website i.e. **https://odisha.gov.in/ https:Apanchayat.odisha.gov.in** from 12.09.2024 to 02.10.2024 up to 5:00 PM.

A pre-bid meeting shall be conducted on 11:30 hours dated 17.09.2024 at Office of the Engineer-in-Chief, Rural Water Supply & Sanitation, Jal o Parimal Bhawan, Unit-V, Bhubaneswar-751001, Odisha. Interested bidders may send their queries to **cerwssodisha@gmail.com** and attend the said pre-bid meeting. The Authority reserves the right to accept or reject any/all RFP without assigning any reason thereof.

Further details can be seen from the e-procurement portal **https://odisha.gov.in/https://panchayat.odisha.gov.in**

Sd/- Engineer-in-Chief, RWSS
OIPR : 25003/11/0007/2425



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ୧୭୫ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର, (ସବ୍ୟୁ): ଅର୍ଥଯୋଗାଣ ଓ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ସରକାରୀ, ଘରୋଇ ବ୍ୟାଙ୍କଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅର୍ଥନୀତିକୁ ପ୍ରଭାବିତ କରିଥାଏ ଛ ତୃଣମୂଳସ୍ତରରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ଔଦ୍ୟୋଗିକ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ତତ୍ପର ହେବାର ଆବଶ୍ୟକତା ରହିଛି । ବିଭିନ୍ନ ସମୟରେ ଋଣ ପ୍ରଦାନ ପ୍ରକ୍ରିୟାରେ ଜଟିଳତା ଓ ବିଳମ୍ବ ହେତୁ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଏବଂ ପରୋକ୍ଷରେ ଏହା ରାଜ୍ୟର ପ୍ରଗତିରେ ଅନ୍ତରାୟ ହୋଇଥାଏ । ଏଣୁ ସ୍ୱଚ୍ଛ ଓ ସରଳ ପ୍ରକ୍ରିୟା ଅବଲମ୍ବନପୂର୍ବକ ଯୋଗ୍ୟ ଆବେଦନକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ପ୍ରଦାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ କହିଥିଲେ ।

ଶୁକ୍ରବାର ଅନୁଷ୍ଠିତ ୧୭୫ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ଗର୍ଗ କହିଲେ ଯେ ବ୍ୟାଙ୍କିଂ ପଦ୍ଧତିକୁ ଅଧିକ ମାତ୍ରାରେ ଡିଜିଟାଇଜେସନ୍ ଓ ସୁରକ୍ଷିତ କରିବାର ଆବଶ୍ୟକତା ରହିଛି ଛ ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ହୋଇଥିବାରୁ ଅର୍ଥନୀତିକୁ ସଶକ୍ତ କରିବାକୁ ହେଲେ ସେମାନଙ୍କୁ ସଂପୃକ୍ତି ବିଶେଷ ଗୁରୁତ୍ୱ ରଖେ । ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଡିଜିଟାଲ୍-ସାକ୍ଷର କରିବାକୁ ପଡ଼ିବ । ପୂର୍ବବର୍ଷ ତୁଳନାରେ ବାର୍ଷିକ ଋଣ ଯୋଜନାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୧୦୦.୯୮% ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟର ୧୦୩.୩୩% ହାସଲ କରାଯାଇପାରିଛି ଏବଂ ଓଡ଼ିଶାରେ ବାର୍ଷିକ ମୁଣ୍ଡପିଛା ଋଣ ବୋଝ କମିଛି । ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେଉଥିବା ପରିପ୍ରେକ୍ଷୀରେ ଏହା ପୂର୍ବରୁ ଓଡ଼ିଶାକୁ ଏକ ଅଗ୍ରଣୀ ଆର୍ଥିକ ଶକ୍ତିରେ ପରିଣତ କରିବା ଲକ୍ଷ୍ୟ ନେଇ ସରକାର ଅନେକ ମହତ୍ତ୍ୱାକାଂକ୍ଷୀ ଯୋଜନା ପ୍ରଣୟନ କରୁଛନ୍ତି । ଏଗୁଡ଼ିକର ସଫଳ ରୂପାୟନ ସହ ରାଜ୍ୟକୁ ସମୃଦ୍ଧ କରିବା ଦିଗରେ ବ୍ୟାଙ୍କମାନେ ଅର୍ଥପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ । ବୈଠକରେ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ର, ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ କୁମାର ନିବୃତ୍ତି କାମ୍ବଲେ, ମହାପ୍ରବନ୍ଧକ ଗୌତମ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଓ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କର ପ୍ରତିନିଧି ଯୋଗଦେଇଥିଲେ ।




## ଦୁଇ ବାଇକ୍ ଧକ୍କା: ୩ ଗୁରୁତର

ନୂଆଗାଁ ,(ସବ୍ୟୁ) : ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ୫୭ନଂ ଜାତୀୟ ରାଜପଥ କୋରଡ଼ା ଉଠାଣି ସାହି ଠାରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ହୋଇ ୩ଜଣ ଗୁରୁତର ହୋଇଥିବା ଜଣାପଡିଛି । ଶୁକ୍ରବାର ଅପରାହ୍ନ ଗୋଟାଏ ବେଳେ କୋରଡ଼ା ଠାରେ ଜଗନ୍ନାଥ ପ୍ରସାଦ ଗ୍ରାମର ରାଜେନ୍ଦ୍ର ପ୍ରଧାନ(୬୪) ଓ ଜ୍ୟୋସ୍ନାରାଣୀ ପ୍ରଧାନ(୫୪) ଏକ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ବାଇକରେ ଜିନ୍ଦଲ ରଥ ନାମକ ଜଣେ ବ୍ୟକ୍ତି ଗାଡି ଧକା କରିଥିଲେ । ଉଭୟ ଗାଡିରେ ବସିଥିବା ୩ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ନୂଆଗାଁ ଦମକଳ ଗାଡ଼ିରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଗୁରୁଦିବସ

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ପବିତ୍ର ଗୁରୁଦିବସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ ପାଳିତ ହୋଇଛି । ଏହି ଉପଲକ୍ଷେ ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଉଦଘାଟନ କରିବା ସହ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏବଂ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅଧ୍ୟାପକ, ଅଧ୍ୟାପିକାଙ୍କୁ ଶୁଭେଚ୍ଛା ଜଣାଇ ଡ. ରଥ କହିଲେ ଆଦ୍ୟଗୁରୁ ପିତାମାତାଙ୍କ ପରେ ପିଲାମାନଙ୍କୁ ଭଲ ମଣିଷ କରି ଗଢିତୋଳିବା ଦିଗରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ । କେବଳ ବରିଷ୍ଠ ନୁହଁନ୍ତି ସାନମାନଙ୍କ ଠାରୁ ମଧ୍ୟ ଅନେକ କଥା ଶିକ୍ଷା ମିଳିଥାଏ । ପିତାମାତା, ଶିକ୍ଷକ ଓ ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଭାବ ରଖି ସାଧନା ପଥରେ ଆଗେଇବାକୁ ଛାତ୍ରଛାତ୍ରୀଙ୍କୁ ସେ ଦିଗଦର୍ଶନ ଦେଇଥିଲେ । ଡ୍ରିମ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ମଲ୍ଲିକ ପୌରହିତ୍ୟ କରିଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଫେସର ବାବୁରାମ ନାୟକ, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ପ୍ରମୁଖ ଗୁରୁ ଦିବସର ଅନୁଚିନ୍ତା ସଂପର୍କରେ କହିଥିଲେ । ଜୟଶ୍ରୀ ଅଡିଟୋରିୟମରେ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନଗୋ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ ପ୍ରମୁଖ ଯୋଗଦେଇ ଗୁରୁଦିବସର ଅନୁଚିନ୍ତା ଉପରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷ ଡ. ଗୋପୀ ଡି ଉତ୍ସବରେ ପୌରହିତ୍ୟ ଏବଂ ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗୁରୁ ଓ ଗୁରୁଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ଶ୍ରୀତା ଭୋଳ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇଥିଲେ ।




# କୃଷ୍ଣସ୍ତୁ ଭଗବାନ ସ୍ୱୟଂଶୀର୍ଷକ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାକ୍ତନ ଅଧିକାରୀମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରିଚ୍ୟୁଆଲ ମିଶନର ମାସିକ ଆଲୋଚନାଚକ୍ର ଡାକ୍ତର ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ନୂଆପଲ୍ଲୀସ୍ଥ ରାମକୃଷ୍ଣ ମଠସ ଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜନ୍ମାଷ୍ଟମୀ ପାଳନଅବସରରେ ଆଲୋଚନା କରିଦେବକୀ ବସୁଦେବଙ୍କ ପୁତ୍ର ଶ୍ରୀକୃଷ୍ଣ କାହିଁକି ଭଗବାନ ଏବଂ ଆମେ ସମସ୍ତେ କାହିଁକିକୃଷ୍ଣସ୍ତୁ ଭଗବାନ କହୁ ତାହା ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ରମୋଦ ଚନ୍ଦ୍ର ମିଶ୍ର ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ ଓ ଜଗନ୍ନାଥ ଦାସଙ୍କ ଭାଗବତ ଦଶମସ୍କନ୍ଦ ପାଠ କରିବାକୁ ଆହ୍ୱାନ ଦେଇଥିଲେ, ପ୍ରାରମ୍ଭରେ ସଂପାଦକ ପରମେଶ୍ୱରମିଶ୍ର ସ୍ୱଚ୍ଛ ଗତ ଭାଷଣ ପ୍ରଦାନ କରିଥିଲେ, ଶ୍ରୀଜଗନ୍ନାଥସହସ୍ରନାମ ପାଠ କରାଯାଇଥିଲା, ବିଜୟ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ, ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଜୟ କୁମାରବରାଳ, ଦୈତାରୀ ସେଠୀ, ବିଜୟ କୁମାର ଦାସ, ପୀତାମ୍ବର ରଥ, ପ୍ରବୋଧ କୁମାର ମହାନ୍ତି, ଶିବନାରାୟଣ ପଣ୍ଡା, ଆଦି ପରିଚାଳନା କରିଥିଲେ ।




## ରାଜ୍ୟରେ ହେବ ଟେକ୍ସଟାଇଲ, ମେଗା ଫିଡ କ୍ରାକର ପ୍ଲାଣ୍ଟ

ଭୁବନେଶ୍ୱର(ସବ୍ୟୁ): ଭଦ୍ରକରେ ପ୍ରତିଷ୍ଠା ହେବ ଟେକ୍ସଟାଇଲ ପ୍ଲାଣ୍ଟ । ପାରାଦ୍ୱୀପରେ ହେବ ମେଗା ଫିଡ କ୍ରାକର ପ୍ଲାଣ୍ଟ । ପ୍ଲାଣ୍ଟର ବାୟୋ ପ୍ରଡକ୍ଟ ଭଦ୍ରକ ଟେକ୍ସଟାଇଲ ପାର୍କରେ ବ୍ୟବହାର କରାଯିବ । ଆଇଓସିଏଲ ସହ ମିଳିତ ଭାବେ ଏହି କାମ ହେବ । ଏନେଇ ବିଧାନସଭାରେ ବିବୃତ୍ତି ରଖିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ।

ସେ କହିଛନ୍ତି, ଅଧିକ ସଂଖ୍ୟକ ଏମଏସଏମଇ ପାର୍କ ରାଜ୍ୟରେ ପ୍ରତିଷ୍ଠା ହେବ । ଏମଏସଏମଇ ୟୁନିଟ ବଢିଲେ ହିଁ ନିଯୁକ୍ତି ସୁଯୋଗ ବଢିବ । ଓଡ଼ିଶାରେ ଅନେକ ବୃହତ ଶିଳ୍ପ ରହିଛି । ବଜେଟରେ ଇଣ୍ଡଷ୍ଟ୍ରିଆଲ ପାର୍କ ଖୋଲିବାର ବ୍ୟବସ୍ଥା ଅଛି । ଏମଏସଏମଇ ନୀତି ୨୦୨୨ ଅନୁସାରେ ଶିକ୍ଷିତ ଯନ୍ତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କାମ ଚାଲିଛି । ଯୁବତୀ ଯେପରି ଅଧିକ ରୋଜଗାର ପାଇବେ ସେ ନେଇ ରାଜ୍ୟ ସରକାର କାମ କରୁଛନ୍ତି ।

ସୁଦକ୍ଷ୍ୟା ଯୋଜନାରେ ସେମାନଙ୍କ ଶିକ୍ଷା ଓ ବୈଷୟିକ ତାଲିମ ବ୍ୟବସ୍ଥା କରାଯାଇଛି । ସେମାନଙ୍କୁ ଛାତ୍ରୀବାସରେ ରଖି ବୃତ୍ତି ଦିଆଯାଉଛି । ଏହାକୁ ପୋଷ୍ଟ ମାଟ୍ରିକ ବୃତ୍ତି ଆକାରରେ ଦିଆଯାଉଛି । ସ୍କିଲ ଡେଭଲପମେଣ୍ଟ ସେଣ୍ଟରକୁ ବି ଏହି ଦାୟିତ୍ୱ ଦିଆଯାଇଛି ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

# ସରକାରୀ ଦଳର ଅସହିଷ୍ଣୁତା ସବୁ ସୀମା ଟପିଛି : ବିଜେଡ଼ି

ଭୁବନେଶ୍ୱର (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗରେ ରାଜ୍ୟ ସରକାର ତଥା ବିଜେପି ଦଳ ଯେଉଁଭଳି ଭାବେ ବିରୋଧୀ ଦଳଙ୍କ ପାଟି ବନ୍ଦ କରିବାକୁ ମିଛର ସାହାରା ନେଉଛି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଶଙ୍ଖଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା । ଗଣତନ୍ତ୍ରରେ ସହନଶୀଳତା ଏକାନ୍ତ ଆବଶ୍ୟକଛ ଆଜି ବିଧାନସଭାରେ ବିରୋଧୀ ଦଳ ରେଭେନ୍ସାର ନାଁ ପରିବର୍ତ୍ତନକୁ ବିରୋଧ କରିବା ସହ ଏହା ଉପରେ ସରକାରୀ ଦଳଠାରୁ କୈଫିୟତ ମାଗିଛନ୍ତି । କିନ୍ତୁ ସରକାରୀ ଦଳ ଏପର୍ଯ୍ୟନ୍ତ ନିରବ ରହିବା ଆଶ୍ଚର୍ଯ୍ୟ କରିଛି । ରେଭେନ୍ସା ବିବାଦ ପ୍ରସଙ୍ଗରେ ରାଜ୍ୟର ସବୁ ବର୍ଗର ବ୍ୟକ୍ତି ଯଥା ଛାତ୍ର ଛାତ୍ରୀ, ପୁରାତନ ଛାତ୍ର ସଙ୍ଘ, ବୁଦ୍ଧିଜୀବୀ ଓ ନାଗରିକ ସମାଜ କେନ୍ଦ୍ର ଶିକ୍ଷମନ୍ତ୍ରୀଙ୍କ ଦ୍ୱାରା ଦିଆ ଯାଇଥିବା ନାମ ପରିବର୍ତ୍ତନ ପ୍ରସ୍ତାବ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଗୋଟିଏ ଦାୟିତ୍ୱ ସମ୍ପର୍ଣ୍ଣ ରାଜନୈତିକ ଦଳ ହିସାବରେ ବିଜେଡି ମଧ୍ୟ ଏହାକୁ ବିରୋଧ କରିଛି । କିନ୍ତୁ ଅସହିଷ୍ଣୁତାର ଚରମ ସୀମା ଭାବେ ବିଜେଡିର ତିନିଜଣ ନେତାଙ୍କ ବିରୋଧରେ ଆର୍ମ୍ସ ଆକ୍ଟର ୨୭ ଧାରା ଅନୁଯାୟୀ ଥାନାରେ ଏଫଆଇଆର ରୁଜୁ କରିଛି ବିଜେପି । ଯାହା ପ୍ରତିହିଂସା ରାଜନୀତିର ନିଛକ ଉଦାହରଣ ବୋଲି ଶ୍ରୀ ବେହେରା କହିଥିଲେ । ଏହି ଘଟଣାରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ଏବଂ ଆନ୍ଦୋଳନକାରୀଙ୍କ ହାତରେ ଯଦି ମାରଣାସ୍ତ୍ର ଥିଲା, ତାହେଲେ ପୋଲିସ ଅଧିକାରୀମାନେ ଦେଖିପାରି ନଥିଲେ କିପରି ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଥିଲେ। ତେଣୁ ଏହା ସଂପୂର୍ଣ୍ଣ ଅମୂଳକ ଓ ମିଥ୍ୟା କଥା । ତେଣୁ ବିଜେପି ସରକାର ତୁରନ୍ତ ଏହି ମିଥ୍ୟା ଏଫଆଇଆରକୁ ପ୍ରତ୍ୟାହାର କରିବାକୁ ସେ ଦାବି କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ବିଜେଡି ମୁଖପାତ୍ରଦ୍ୱୟ ଲେନିନ ମହାନ୍ତି ଉପସ୍ଥିତ ଥିଲେ ।

# ଏୟାରଟେଲର ସୀମିତ ଅବଧି ଫେଷ୍ଟିଭ୍ ଅଫରର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଦେଶରେ ଆଗକୁ ଆସୁଥିବା ବିଭିନ୍ନ ପର୍ବପର୍ବାଣୀ ପାଳନ ଅବସରରେ, ଭାରତୀ ଏୟାରଟେଲ ('ଏୟାରଟେଲ'), ଯାହାକି ଭାରତର ଏକ ଅଗ୍ରଣୀ ଟେଲି ଯୋଗାଯୋଗ ସେବା ପ୍ରଦାନକାରୀ ଅନୁଷ୍ଠାନ ଆଜି ଏହାର ପ୍ରି-ପେଡ୍ ଗ୍ରାହକମାନଙ୍କ ନିମନ୍ତେ ଏକ ବିଶେଷ ଉଦ୍ଦେଶ୍ୟ ସାଧନକାରୀ ବିକ୍ରୟର ଶୁଭାରମ୍ଭ କରିଛି। ୬-୧୧ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ମାତ୍ର ୬ ଦିନର ବୈଧ ସମୟ ମଧ୍ୟରେ ସୀମିତ ଅବଧିର 'ଫେଷ୍ଟିଭ ଅଫର' ଏହାର ଗ୍ରାହକମାନଙ୍କୁ ୩ଟି ବିଶେଷ ଧରଣର ଉପଯୋଗୀ ପ୍ୟାକ୍ ପ୍ରଦାନ କରିବାକୁ ଯାଉଛି ଯାହା ମଧ୍ୟରେ ରହିଛି ୯୭୯/- ଟଙ୍କା, ୧୦୨୯/-ଟଙ୍କା ଏବଂ ୩୫୯୯/- ଟଙ୍କା। ଏହି ପ୍ୟାକ ଗୁଡ଼ିକରେ ଭଏସ, ଡ଼ାଟା ଏବଂ ଓଟିଟି ଷ୍ଟ୍ରିମିଙ୍ଗ ସେବାର ବିଶେଷ ସୁବିଧା ରହିଛି, ଯାହାର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଗଲା।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉତ୍କଳ ସମ୍ମିଳନୀର ପତ୍ର

ଭୁବନେଶ୍ୱର (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବୟାନ ପରେ ଚାଲିଥିବା ଚର୍ଚ୍ଚାରେ ଓଡ଼ିଆ ଜାତିର ଶତାୟୁ ମହାନୁଷ୍ଠାନ, ଓଡ଼ିଶା ରାଜ୍ୟର ନିର୍ମାଣ କର୍ତ୍ତା ଉତ୍କଳ ସମ୍ମିଳନୀ ତଥା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ସମ୍ମିଳନୀର ପୂର୍ବତନ ସଭାପତି ବ୍ୟାସକବି ଫକିରମୋହନ ସେନାପତିଙ୍କୁ ନିନ୍ଦିତ କରାଯାଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ କଥା ବୋଲି ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ଓ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ବିଜେପି ଯୁବ ନେତା ଅଭିଳାଷ ପଣ୍ଡା ଏକ ଘରୋଇ ଗଣମାଧ୍ୟମରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ନିନ୍ଦନୀୟ । ନିଜ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଏଥିରୁ ନିବୃତ୍ତ ରଖିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଦାନଙ୍କୁ ପତ୍ର ଲେଖାଯାଇଛି । ଓଡିଆ ଅସ୍ମିତା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ପାଖରେ ବହୁତ ସୁଯୋଗ ଅଛି । ଯେମିତିକି ଜାତୀୟ ଶିକ୍ଷା ନୀତି ଅନୁସାରେ ଓଡିଶା ବାହାରେ ବିଶେଷ ଭାବେ ଛତିଶିଗଡ ଓ ଝାଡଖଣ୍ଡ ରାଜ୍ୟରେ ରହୁଥିବା ଓଡିଆ ମାନଙ୍କ ପାଇଁ ଓଡିଆରେ ସ୍ଥାୟୀ ଶିକ୍ଷା ବ୍ୟବସ୍ଥା କରି ନିଜ ମାତୃଭାଷାରେ ଶିକ୍ଷାଦାନ କରି ପାରିବା ସହିତ ଛତିଶିଗଡ ରାଜ୍ୟରେ ଓଡିଆକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରି ପାରିବେ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ରରେ ଲେଖାଅଛି । ଏହା ନକରି ଭାରତୀୟ ଜନସଂଘ(ଏବେର ବିଜେପି)ର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବାପା ଆଶୁତୋଷ ମୁଖାର୍ଜୀଙ୍କ ଗୁରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଉତ୍କଳ ସମ୍ମିଳନୀକୁ ବିଜେପି ଯୁବ ନେତା ନିନ୍ଦିତ କରିବା ଅତ୍ୟନ୍ତ ଦୁଃଖର ବିଷୟ ।

## ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ ଏହାର ୧୦୦୦ତମ ଶାଖା ଶୁଭାରମ୍ଭ କରିଛି

ଭୁବନେଶ୍ୱର (ସବ୍ୟୁ) : ଭାରତର ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନି କ୍ଷେତ୍ରର ପ୍ରମୁଖ କମ୍ପାନି ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନି ଲିମିଟେଡ୍ ଗର୍ବର ସହ ଏହାର ୧୦୦୦ତମ ଶାଖା ଖୋଲିବାକୁ ଘୋଷଣା କରିଛି। ଏହି ଐତିହାସିକ ଘଟଣା ସମଗ୍ର ଦେଶରେ ନିଜର ପାଦ ବିସ୍ତାର କରିବା ଏବଂ ଅଣନିର୍ଭରଶୀଳ ବଜାରକୁ ଆର୍ଥିକ ସେବା ଆଣିବା ପାଇଁ କମ୍ପାନୀର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି । ମୁମ୍ବାଇରେ ଜାପାନର କନ୍‌ସଲ୍ ଜେନେରାଲ ଶ୍ରୀଯୁକ୍ତ ୟାଗି କୋଜି, ମହାରାଷ୍ଟ୍ର ସର୍କଲର ଡାକ ସେବା ନିର୍ଦ୍ଦେଶକ ଅଭିଜିତ ବନସୋଡେଙ୍କ ସହ ଏସଏମଏଫଜି ଇଣ୍ଡିଆ କ୍ରେଡିଟର ସିଇଓ ଏବଂ ଏମଡି ଶା'ନୁ ମିତ୍ର ଉପସ୍ଥିତ ଥିଲେ । ୨୦୦୭ ମସିହାରେ ଏହାର ପ୍ରତିଷ୍ଠା ପରଠାରୁ କମ୍ପାନି କ୍ରମାଗତ ଭାବେ ଅଭିବୃଦ୍ଧି ହାସଲ କରିଆସୁଛି ଯାହା ୬୭୦ରୁ ଅଧିକ ସହର ଏବଂ ୭୦,୦୦୦ରୁ ଅଧିକ ଗ୍ରାମରେ କାର୍ଯ୍ୟ କରୁଛି, ଯେଉଁଥିରେ ୨୩,୦୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟରତ। ବିଗତ ଦୁଇ ବର୍ଷ ମଧ୍ୟରେ, ଏସଏମଏଫଜି ଇଣ୍ଡିଆ କ୍ରେଡିଟ୍ ପାଖାପାଖି ୩୦୦ ଟି ନୂତନ ଶାଖା ଖୋଲିଛି।

# ପ୍ରକାଶ ପାଇବ କଟକ ବାଲିଯାତ୍ରା ସ୍ମରଣିକା

କଟକ, (ସ୍ୱପ୍ର): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ବାଲିଯାତ୍ରା କଟକ ଉତ୍ସବ ସ୍ମରଣିକା ପ୍ରକାଶିତ ହେବ । କଟକର ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ସହିତ ବାଲିଯାତ୍ରାର ବିଭିନ୍ନ ବିଭବକୁ ନେଇ ସମୃଦ୍ଧ ଆଲେଖ୍ୟ ଗୁଡ଼ିକ ଏଥିରେ ସ୍ଥାନ ପାଇବ । ଆୟୋଜିତ ବୈଠକରେ ବାଲିଯାତ୍ରା ସ୍ମରଣିକା କମିଟିର ସଂପାଦକ ପ୍ରଫେସର ସହଦେବ ପାତ୍ର, କିସ୍ ଗୋପବନ୍ଧୁ ଚେୟାର ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ସୁନାମଣି ରାଉତ, ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ବିଶ୍ୱେଶ୍ୱର ମହାନ୍ତି, ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ ସୁରେନ୍ଦ୍ରନାଥ ସାମନ୍ତରାୟ, ମିଳିତ ଜାତିସଂଘର ଓଡ଼ିଶା ପ୍ରତିନିଧି ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ, ସ୍ମରଣିକା କମିଟିର ଆବାହକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ । ସ୍ମରଣିକା ପାଇଁ ମୌଳିକ ଲେଖାଗୁଡ଼ିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଚଳିତ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଦେବାକୁ ଅନୁରୋଧ କରାଯାଇଛି ।





ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ପଞ୍ଚାୟତ ସଭ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି

## ମିଶୋ ଉତ୍ସବ ଋତୁରେ ୮.୫ ଲକ୍ଷ ଋତୁକାଳୀନ ଚାକିରୀ ସୁଯୋଗ ସୃଷ୍ଟି କରିଛି ଯାହା ଗତବର୍ଷ ତୁଳନାରେ ୭୦% ଅଧିକ

ଭୁବନେଶ୍ୱର (ସବ୍ୟୁ): ଉତ୍ସବ ଋତୁ ପୂର୍ବରୁ ଭାରତର ଏକମାତ୍ର ଇ-ବାଣିଜ୍ୟ ମାର୍କେଟପ୍ଲେସ ମିଶୋ ଏହାର ବିକ୍ରେତା ନେଟୱର୍କ ମାଧ୍ୟମରେ ୮.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା ଘୋଷଣା କରିଛି। ଯାହା ଟାୟାର ୩ ଓ ଟାୟାର ୪ ଅଂଚଳ ଗୁଡ଼ିକ ପାଇଁ କାର୍ଯ୍ୟକାରୀ ହେବ। ଗତବର୍ଷ ତୁଳନାରେ ଏହା ଋତୁକାଳୀନ ନିଯୁକ୍ତିରେ ୭୦% ବୃଦ୍ଧିକୁ ଦର୍ଶାଇଥାଏ। ଚଳିତ ବର୍ଷ ମିଶୋ ବିକ୍ରେତାମାନେ ଉତ୍ସବ ଋତୁ ଲାଗି ସେମାନଙ୍କ ଆବଶ୍ୟକତା ଅଂଶ ଭାବରେ ୫ଲକ୍ଷ ମୌସୁମୀକାଳୀନ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି । ସେମାନଙ୍କୁ ବିଭିନ୍ନ କ୍ଷମତା ବୃଦ୍ଧି କରିବା, ସଜାଇବା, ଉତ୍ପାଦନ ଓ ପ୍ୟାକେଜିଂ ସହିତ ସୁପରିଚିତ ହେବା ଲାଗି ବିସ୍ତୃତ ତାଲିମ ଅଧିବେଶନ ଆୟୋଜନ କରାଯାଉଛି। ଏହା ସହ ବିକ୍ରେତାମାନେ ଅତିରିକ୍ତ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛନ୍ତି ଯେଉଁଥିରେ ଉତ୍ପାଦ ସହ ପରିଚିତ ହେବା ଓ ନୂଆ ବର୍ଗରେ ଉଦ୍ୟମ କରିବା, ଉତ୍ସବର କଲେକ୍ସନକୁ କ୍ୟୁରେଟ କରିବା ଓ ଆବଶ୍ୟକତା ପୂରଣ ଲାଗି ଭଣ୍ଡାର ଯାଂଚ କରିବା କାର୍ଯ୍ୟ ଉପରେ ସଜାଗ ରହିଛନ୍ତି ।




ଅଭିନନ୍ଦନ
ଅଗ୍ରପୂଜ୍ୟ ଗଜାନନ ପୂଜା ଅବସରରେ ରସୁଲପୁର ବ୍ଲକର ସମସ୍ତ ଗୁରୁଜନ ମାନଙ୍କୁ ପ୍ରଣାମ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଅଭିନନ୍ଦନ ଜଣାଉଛି । ସଭିଁଏ ଏକତ୍ର ହୋଇ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମୂହ ସ୍ୱାର୍ଥରେ ଧ୍ୟାନଦେଇ ବିକଶିତ ଓଡ଼ିଶା ଗଠନରେ କାର୍ଯ୍ୟ କରିବା ସହ ସମଗ୍ର ଶିକ୍ଷକ ଜାତିର ଉନ୍ନତି କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ଓ ଦେଶର ବିକାଶରେ ଆଗାମୀ ଦିନରେ ସଭିଁଏ ମିଳିମିଶି କାର୍ଯ୍ୟ କରିବାକୁ ନିବେଦନ ।
ଶ୍ରୀମତୀ ଦେବକୀ ପାତ୍ର
ବନଦୁର୍ଗା ସରକାରୀ ଉ.ପ୍ରା. ବିଦ୍ୟାଳୟ ତଥା ସି.ଆର.ସି.ସି, ରସୁଲପୁର

ନୂଆଖାଇଁ ଜୁହାର

ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ଓ କୃଷି ଭିତ୍ତିକ ପର୍ବ ନୂଆଖାଇଁ ଅବସରରେ ତୁରେଇକେଲା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଖାଇଁ ଜୁହାର ।
ଶ୍ରୀମତୀ ଶାନ୍ତି ତାଣ୍ଡି
(ସରପଞ୍ଚ, ଖଗସା ପଞ୍ଚାୟତ ସମିତି)


ନୂଆଖାଇଁ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ଓ କୃଷି ଭିତ୍ତିକ ପର୍ବ ନୂଆଖାଇଁ ଅବସରରେ ତୁରେକେଲା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଖାଇଁ ଜୁହାର ।
ଶ୍ରୀଯୁକ୍ତ ଲୋକନାଥ ଥପା
(ସରପଞ୍ଚ, ହିଆଁଲ ପଞ୍ଚାୟତ ସମିତି)


ନୂଆଖାଇଁ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ଓ କୃଷି ଭିତ୍ତିକ ପର୍ବ ନୂଆଖାଇଁ ଅବସରରେ ତୁରେକେଲା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଖାଇଁ ଜୁହାର ।
ଶ୍ରୀମତୀ ପୂଜା ବେହେରା
(ବ୍ଲକ ଅଧ୍ୟକ୍ଷା, ତୁରେକେଲା)


ନୂଆଖାଇଁ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ଓ କୃଷି ଭିତ୍ତିକ ପର୍ବ ନୂଆଖାଇଁ ଅବସରରେ ତୁରେକେଲା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଖାଇଁ ଜୁହାର ।
ଶ୍ରୀଯୁକ୍ତ ଜଳନ୍ଧର ମହାକୁଡ଼
(ସରପଞ୍ଚ, ତୁରେକେଲା ପଞ୍ଚାୟତ ସମିତି)

ନୂଆଖାଇଁ ଜୁହାର

ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ଓ କୃଷି ଭିତ୍ତିକ ପର୍ବ ନୂଆଖାଇଁ ଅବସରରେ ତୁରେକେଲା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଖାଇଁ ଜୁହାର ।
ଶ୍ରୀଯୁକ୍ତ ନେତ୍ରାନନ୍ଦ ପୁଟେଲ
(ସମ୍ପାଦକ, ଖାଗସା ପ୍ରାଥମିକ କୃଷି ସମବାୟ ସମିତି)

### ଗଣଦୁଷ୍କର୍ମର ପ୍ରମାଣ ପାଉନି ସିବିଆଇ

# ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ: ସଞ୍ଜୀୟ ଏକମାତ୍ର ଅଭିଯୁକ୍ତ !

**କୋଲକାତା:** ଅଗଷ୍ଟ ୯ରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ରୁମରୁ ଜଣେ ୩୧ ବର୍ଷୀୟ ମହିଳା ଡାକ୍ତରଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା । କୋଲକାତା ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯିବା ଘଟଣାର ତଦନ୍ତ କରୁଥିବା ସିବିଆଇ ପକ୍ଷରୁ ବଡ଼ ସୂଚନା ମିଳିଛି । ମହିଳା ଡାକ୍ତରଙ୍କୁ ହସ୍ପିଟାଲରେ କୌଣସି ପ୍ରକାରର ଗଣଦୁଷ୍କର୍ମ କରାଯାଇ ନାହିଁ । ତଦନ୍ତ ବେଳେ ମିଳିଥିବା ପ୍ରମାଣରୁ ସ୍ପଷ୍ଟ ହୋଇଛି ଯେ ସଞ୍ଜୀୟ ରୟ ହିଁ ପୂରା ଘଟଣାର ଏକମାତ୍ର ଅଭିଯୁକ୍ତ । ସେ ହିଁ ଦୁଷ୍କର୍ମ ପରେ ମହିଳା ଡାକ୍ତରଙ୍କୁ ହତ୍ୟା କରିଥିଲା ବୋଲି ସିବିଆଇ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ମିଳିଛି । ଅଗଷ୍ଟ ୯ରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ରୁମରୁ ଜଣେ ୩୧ ବର୍ଷୀୟ ମହିଳା ଡାକ୍ତରଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା । ଏହାକୁ ନେଇ ସାରା ଦେଶରେ



ହଇଚଇ ସୃଷ୍ଟି ହୋଇଥିଲା । । ସୂତ୍ର ଅନୁସାରେ, ସିବିଆଇ କରୁଥିବା ତଦନ୍ତ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ଓ ଖୁବଶୀଘ୍ର ହାଇକୋର୍ଟରେ ଚାର୍ଜଶିଟ ଦାଖଲ ହେବ । ସିବିଆଇ ପକ୍ଷରୁ ଅଭିଯୁକ୍ତର ଡିଏନଏ ରିପୋର୍ଟ ପାଇଁ ଦିଲ୍ଲୀ ଏମ୍ସର ବିଶେଷଜ୍ଞ କମିଟି ପାଖକୁ ପଠାଯାଇଛି । ମେଡିକାଲ ରିପୋର୍ଟ ଆସିବା ପରେ ସିବିଆଇ ତା'ର ତଦନ୍ତକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇବ ।

ତଦନ୍ତ ବେଳେ ସିବିଆଇରୁ ୧୦୦ରୁ ଅଧିକ ଲୋକଙ୍କ ବୟାନ ରେକର୍ଡ କରିଥିବା ବେଳେ ୧୦ଥର ବିଭିନ୍ନ ସନ୍ଦିଗ୍ଧଙ୍କ ମିଛ ଧରା ପରୀକ୍ଷା କରିଛି । ଆରଜି କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କର ଦୁଇ ଥର ମିଛ ଧରା ପରୀକ୍ଷା କରାଯାଇଥିଲା ।ସବୁ କିଛିକୁ ବିଶ୍ଳେଷଣ କରିବା ପରେ ସିବିଆଇ ଜାଣିବାକୁ ପାଇଛି ଯେ ସଞ୍ଜୀୟ ବ୍ୟତୀତ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଆଉ କେହି ସାମିଲ ନାହାନ୍ତି ।ତଥାପି ସନ୍ଦୀପ ଘୋଷଙ୍କୁ ସିବିଆଇ ୨ ସପ୍ତାହରୁ ଅଧିକ ଦିନ ଜେରା କରିଥିଲା । ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସେ ସାମିଲ ନଥିଲେ ମଧ୍ୟ ତାଙ୍କୁ ଆର୍ଥିକ ହେରଫେର ମାମଲାରେ ସିବିଆଇ ସୋମବାର ଗିରଫ କରିଛି । ସିବିଆଇ ପୂରା ଘଟଣାର ଷ୍ଟାଟସ ରିପୋର୍ଟ ଆସନ୍ତା ୧୭ ତାରିଖରେ କଲିକତା ହାଇକୋର୍ଟରେ ଦାଖଲ କରିବ ବୋଲି ଜଣାପଡ଼ିଛି ।

### ଜମ୍ମୁ-କଶ୍ମୀର ପାଇଁ ବିଜେପିର ଇସ୍ତାହାର

# କେବେ ବି ଫେରିବନି ୩୭୦ ଧାରା

**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରରେ ଦୀର୍ଘ ୧୦ ବର୍ଷ ପରେ ଆସନ୍ତା ୧୮ ତାରିଖରୁ ବିଧାନସଭା ପାଇଁ ଭୋଟ ପଡ଼ିବ । ଏହାପୂର୍ବରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଜେପି ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହାକୁ ଜାରି କରିଛନ୍ତି । ଜମ୍ମୁ-କଶ୍ମୀରରେ ବିଜେପି ସରକାର ଗଠନ କରିବା ପରେ ରଜୌରୀରେ ଗୋଟିଏ ନୂଆ ଟୁରିଷ୍ଟ ହବ ତିଆରି କରାଯିବ । ସେହିପରି ଉପତ୍ୟକାରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଜମ୍ମୁରେ ମଧ୍ୟ ଏକାଧିକ ପର୍ଯ୍ୟଟନ ସ୍ଥଳୀ ହେବ ଓ ବିଜେପି କଶ୍ମୀର ପଣ୍ଡିତଙ୍କ ସମେତ ସମସ୍ତ ବିସ୍ଥାପିତଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବ ବୋଲି ଇସ୍ତାହାରରେ କୁହାଯାଇଛି । ନିର୍ବାଚନୀ ଇସ୍ତାହାରରେ କୁହାଯାଇଛି ଯେ ଆମେ ଜମ୍ମୁ କଶ୍ମରରେ ଟିକା ଲାଲ ତାପଲୋ ବିସ୍ଥାପିତ ସମାଜ ପୁନର୍ବାସ ଯୋଜନା(ଟିଏଲଟିଭିପିୱାଇ) ଲଞ୍ଚ କରିବ । ଏହି ଯୋଜନାରେ କଶ୍ମୀର ପଣ୍ଡିତଙ୍କ ସୁରକ୍ଷିତ ଘର ବାହୁଡ଼ା ହେବ । ବିଜେପି ଜମ୍ମୁ-କଶ୍ମୀରରୁ



ଆତଙ୍କବାଦକୁ ସଂପୂର୍ଣ୍ଣ ମୂଳପୋଛ କରିବ ବୋଲି ଦମ୍ଭୋକ୍ତି କରିଛି । ଏଥିସହ ଧାରା ୩୭୦ ଏବେ ଇତିହାସ ଓ ଏହା କେବେ ହେଲେ ଫେରିବ ନାହିଁ ବୋଲି ସେ ଘୋଷଣା କରିଛନ୍ତି । ଏହାବାଦ ଜମ୍ମୁ-କଶ୍ମୀର ସ୍ଥିତିକୁ ଦୃଷ୍ଟିରେ ରଖି ସବୁ ରାଜନୀତିକ ଦଳ କେବଳ ତୁଷ୍ଟୀକରଣ ରାଜନୀତି କରୁଥିଲେ ।ହେଲେ ଯେତେବେଳେ ଭାରତ ଓ ଜମ୍ମୁ-କଶ୍ମୀରର ଇତିହାସ ଲେଖାଯିବ ସେତେବେଳେ ୨୦୧୪ରୁ ୨୦୨୪ର ଅବସ୍ଥା ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହେବ ।

## ମୁମ୍ବାଇ-ଫ୍ରାଙ୍କଫର୍ଟ ବିମାନର ଜରୁରୀ ଅବତରଣ

**ମୁମ୍ବାଇ:** ମୁମ୍ବାଇରୁ ଫ୍ରାଙ୍କଫର୍ଟ ଯାଉଥିବା ଭିସ୍ତାରା ଏୟାରଲାଇନ୍ସର ଏକ ବିମାନକୁ ସୁରକ୍ଷା କାରଣରୁ ତୁର୍କୀର ଏର୍ଜୁରମ୍ ବିମାନବନ୍ଦରକୁ ଡାଇଭର୍ଟ କରାଯାଇଛି । ବୋମା ଆତଙ୍କ ପରେ ବିମାନର ଜରୁରୀକାଳୀନ ଅବତରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଭିସ୍ତାରା ବୋଇଂ ୭୮୭ ବିମାନର ଶୌଚାଳୟରେ ଥିବା ଏକ ଟିସୁ ପେପରରୁ 'ବିମାନରେ ବୋମା ଅଛି' ଲେଖାମିଳିବା ପରେ ଆତଙ୍କ ଖେଳିଯାଇଥିଲା । ଏହିକାରଣରୁ ବିମାନର ଯାତ୍ରାମାର୍ଗକୁ ତୁରନ୍ତ ବଦଳାଯାଇ ତୁର୍କୀ ଆଡ଼କୁ ନିଆଯାଇଥିଲା ଓ ତାହାର ଜରୁରୀ ଅବତରଣ କରାଯାଇଥିଲା । ବିମାନଟି ସୁରକ୍ଷିତ ଭାବେ ତୁର୍କୀର ଏର୍ଜୁରାମରେ ପହଞ୍ଚିଥିଲା ଏବଂ ସମସ୍ତ ଯାତ୍ରୀ ସୁରକ୍ଷିତ ଅବରଣ କରିଥିଲେ । ଭିସ୍ତାରା ବୋଇଂ ୭୮୭ ବିମାନର ଶୌଚାଳୟରେ ଥିବା ଏକ ଟିସୁ ପେପରରୁ 'ବିମାନରେ ବୋମା ଅଛି' ଲେଖାମିଳିବା ପରେ ଆତଙ୍କ ଖେଳିଯାଇଥିଲା । ଏହିକାରଣରୁ ବିମାନର ଯାତ୍ରାମାର୍ଗକୁ ତୁରନ୍ତ ବଦଳାଯାଇ ତୁର୍କୀ ଆଡ଼କୁ ନିଆଯାଇଥିଲା ଓ ତାହାର ଜରୁରୀ ଅବତରଣ କରାଯାଇଥିଲା । ବିମାନକୁ ଡାଇଭର୍ଟ କରାଯାଇଥିବା ଖବର ମିଳିବା ମାତ୍ରେ ଭିସ୍ତାରା ଏୟାରଲାଇନ୍ସ ପକ୍ଷରୁ ଏକ ବିବୃତି ଜାରି କରି ଘଟଣାର ଗଭୀର ତଦନ୍ତ କରାଯିବ ବୋଲି କୁହାଯାଇଛିଛ ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଭିସ୍ତାରାର ଜଣେ ମୁଖପାତ୍ର କହିଛନ୍ତି, ୨୦୨୪ ସେପ୍ଟେମ୍ବର ୬ରେ ମୁମ୍ବାଇରୁ ଫ୍ରାଙ୍କଫର୍ଟ ଯାଉଥିବା ଭିସ୍ତାରା ବିମାନକୁ ସୁରକ୍ଷା ଦୃଷ୍ଟିରୁ ତୁର୍କୀକୁ ଡାଇଭର୍ଟ କରାଯାଇଥିଲା । ବିମାନଟି ସୁରକ୍ଷିତ ଭାବେ ଏର୍ଜୁରମରେ ଅବତରଣ କରିଥିଲା । ପ୍ରୋଟୋକଲ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସତର୍କ କରାଯାଇଥିଲା ଏବଂ ସୁରକ୍ଷା ତଦନ୍ତ ଶେଷ କରିବା ପାଇଁ ତଦନ୍ତକାରୀ ଏଜେନ୍ସିମାନେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ଯାତ୍ରୀ, କ୍ରୁ ଏବଂ ବିମାନର ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା ।

# ସୁପ୍ରିମକୋର୍ଟରେ ସନ୍ଦୀପଙ୍କ ଆବେଦନ ଖାରଜ

**କୋଲକାତା:** ୩ଦିନ ତଳେ କୋଲକାତା ଆର୍ ଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ଡାକ୍ତର ସନ୍ଦୀପ ଘୋଷଙ୍କୁ ସିବିଆଇ ଗିରଫ କରିଥିଲା । ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବିଭିନ୍ନ ଆର୍ଥିକ ଅନିୟମିତତା ମାମଲାରେ ସିବିଆଇ ତାଙ୍କୁ ଗିରଫ କରିଥିଲା । ତଦନ୍ତ ନେଇ କୋଲକାତା ହାଇକୋର୍ଟ ସିବିଆଇକୁ ଦାୟିତ୍ୱ ଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ହାଇକୋର୍ଟ ରାୟକୁ ବିରୋଧ କରି ସନ୍ଦୀପ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ଆଜି କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଛନ୍ତି । ସୁପ୍ରିମକୋର୍ଟରେ ଆବେଦନ କରି ଘୋଷ ଜଣାଇଥିଲେ ଯେ, ମୁଁ ତଦନ୍ତକୁ ବିରୋଧ କରୁନାହିଁ । କିନ୍ତୁ ଦୁର୍ନୀତି ମାମଲା ସହ ଆରଜି କର ହସ୍ପିଟାଲରେ ହୋଇଥିବା ଦୁଷ୍କର୍ମର ମାମଲାକୁ ଯୋଡ଼ିବା ବେଆଇନ । ଏହା




ସହ ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବା ପୂର୍ବରୁ କଲିକତା ହାଇକୋର୍ଟ ମୋର ପକ୍ଷ ଶୁଣି ନଥିଲେ । ମୁଁ ଚାହୁଛି ଯେ, ଦୁର୍ନୀତି ଓ ଆରଜି କର ହସ୍ପିଟାଲରେ ହୋଇଥିବା ଦୁଷ୍କର୍ମର ମାମଲାକୁ ନ ମିଶାଇ ଅଲଗା ଭାବେ ତଦନ୍ତ କରାଯାଉ ।ଏହି ଆବେଦର ଶୁଣାଣି ବେଳେ ମୁଖ୍ୟ ବିଚରପତି ଡିୱାଇ ଚନ୍ଦ୍ରଚୂଡ଼ କହିଥିଲେ, କିପରି ଅନୁସନ୍ଧାନ କରାଯିବା ଉଚିତ ଆମେ ତାହା ସିବିଆଇକୁ କହିବୁ ନାହିଁ । କଲିକତା ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଆଧାର କରି ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତୁମର ପକ୍ଷ ଶୁଣିବା ଜରୁରୀ ନୁହେଁ । ପୂର୍ବରୁ ଆଇଏମ୍ଏ ଘୋଷଙ୍କ ସଦସ୍ୟତା ରଦ୍ଦ କରିଦେଇଥିଲା । ଆଇଏମ୍ଏ ଜାତୀୟ ସଭାପତି ଡାକ୍ତର ଆର୍ ଭି ଅଶୋକନ୍‌ଙ୍କ ଦ୍ୱାରା ଗଠିତ ଶୃଙ୍ଖଳାଗତ କମିଟି ଦ୍ୱାରା ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଥିଲା ।

## ଆମେରିକାକୁ ରୁଷର ଧମକ

**ମସ୍କୋ:** ୟୁକ୍ରେନ ପ୍ରସଙ୍ଗରେ ଲକ୍ଷ୍ମଣ ରେଖା ଅତିକ୍ରମ ନ କରିବାକୁ ରୁଷ୍ ବୈଦେଶିକ ମନ୍ତ୍ରୀ ସେର୍ଗେଇ ଲାଭରୋଭ ଆମେରିକାକୁ ଚେତାବନୀ ଦେଇଛନ୍ତିଛ ରୁଷିଆର ସରକାରୀ ନ୍ୟୁଜ୍ ଏଜେନ୍ସି ଟାସ୍ (ଟାସ୍) ପକ୍ଷରୁ ଜାରି କରାଯାଇଥିବା ଖବରରେ ଏହି ସୂଚନା ଦିଆଯାଇଛିଛ ରିପୋର୍ଟରେ କୁହାଯାଇଛି ଯେ ଆମେରିକା ରୁଷିଆ ପ୍ରତି ପାରସ୍ପରିକ ସଂଯମତା ହରାଇବା ଆରମ୍ଭ କରିଛି । ବୁଧବାର ଏକ ସାକ୍ଷାତକାରରେ ଲାଭରୋଭ କହିଛନ୍ତି ଯେ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ କରି ଆମେରିକା ଲକ୍ଷ୍ମଣ ରେଖା ଅତିକ୍ରମ କରିଛି । ୟୁକ୍ରେନ ପ୍ରସଙ୍ଗରେ ଲକ୍ଷ୍ମଣ ରେଖା ଅତିକ୍ରମ ନ କରିବାକୁ ରୁଷ୍ ବୈଦେଶିକ ମନ୍ତ୍ରୀ ସେର୍ଗେଇ ଲାଭରୋଭ ଆମେରିକାକୁ ଚେତାବନୀ ଦେଇଛନ୍ତି । ବୁଧବାର ଏକ ସାକ୍ଷାତକାରରେ ଲାଭରୋଭ କହିଛନ୍ତି ଯେ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ କରି ଆମେରିକା ଲକ୍ଷ୍ମଣ ରେଖା ଅତିକ୍ରମ କରିଛି । ରିପୋର୍ଟରେ ଲାଭରୋଭ କହିଛନ୍ତି ଯେ ଆମେରିକା ବୁଝିବା ଦରକାର ଯେ ଆମ ଲକ୍ଷ୍ମଣ ରେଖା କେଉଁଠାରେ ରହିଛି । ଲାଭରୋଭ କହିଛନ୍ତି ଯେ ଆମେରିକା ରୁଷିଆ ପ୍ରତି ପାରସ୍ପରିକ ସଂଯମ ଭାବନା ହରାଇବା ଆରମ୍ଭ କରିଛି । ସେ ଏହାକୁ ବିପଜ୍ଜନକ ବୋଲି କହିଛନ୍ତି । ଅନ୍ୟପକ୍ଷରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଗୁରୁବାର କହିଥିଲେ ଯେ ତାଙ୍କ ଦେଶ ୟୁକ୍ରେନ ସହ ଯୁଦ୍ଧ ପ୍ରସଙ୍ଗରେ ୩ଟି ଦେଶ – ଭାରତ ଚୀନ ଓ ବ୍ରାଜିଲ୍ ସହ ଯୋଗାଯୋଗରେ ରହିଛି ଏବଂ ଏହାର ସମାଧାନ ପାଇଁ ଆନ୍ତରିକ ପ୍ରୟାସ ଜାରି ରଖିଛି । ପୁଟିନ୍ କହିଥିଲେ, ଆମେ ଆମର ବନ୍ଧୁ ଓ ସହଯୋଗୀମାନଙ୍କୁ ସମ୍ମାନ ଦେଉଛୁ । ଆମେ.. ମୁଖ୍ୟତଃ ଚୀନ, ବ୍ରାଜିଲ ଓ ଭାରତ ଏହି ସଂଘର୍ଷ ସହ ଜଡିତ ସମସ୍ତ ସମସ୍ୟାର ସଚ୍ଚୋଟତାର ସହ ସମାଧାନ କରିବାକୁ ଚାହୁଁଛନ୍ତି । ଏହି ପ୍ରସଙ୍ଗରେ ମୁଁ ମୋର ସହକର୍ମୀମାନଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛି ।

## ଜଳ ସଞ୍ଚୟ ଜନ ଭାଗିଦାରୀ' ଅଭିଯାନର ଶୁଭାରମ୍ଭ

**ନୂଆଦିଲ୍ଲୀ:** ଦେଶର ଜଳ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଆମକୁ 'କମ୍, ପୁନଃବ୍ୟବହାର, ରିଚାର୍ଜ ଏବଂ ବାରମ୍ବାର ବ୍ୟବହାର' ମନ୍ତ୍ରକୁ ଗ୍ରହଣ କରିବାକୁ ପଡ଼ିବ । ଆମେ ସମସ୍ତେ ମିଶି ଭାରତକୁ ସମଗ୍ର ମାନବ ଜାତି ପାଇଁ ଜଳ ସଂରକ୍ଷଣର ଆଲୋକ ବର୍ତ୍ତିକାରେ ପରିଣତ କରିବୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗୁଜରାଟର ସୁରଟଠାରେ 'ଜଳ ସଞ୍ଚୟ ଜନ ଭାଗିଦାରୀ' ଅଭିଯାନର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ବର୍ଷା ଜଳ ସଂରକ୍ଷଣ ବୃଦ୍ଧି ଏବଂ ଦୀର୍ଘକାଳୀନ ଜଳ ସ୍ଥାୟୀତା ସୁନିଶ୍ଚିତ କରିବା ପାଇଁ ସାରା ରାଜ୍ୟରେ ପ୍ରାୟ ୨୪,୮୦୦ ବର୍ଷା ଜଳ ସଂରକ୍ଷଣ ଢାଞ୍ଚା ନିର୍ମାଣ କରାଯାଉଛି ।



ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆଜି ଗୁଜରାଟ ମାଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ କରାଯାଉଛି । ମୌସୁମୀ ଋତୁର ବିପର୍ଯ୍ୟୟ ସମ୍ପର୍କରେ ମୋଦୀ କହିଛନ୍ତି ଯେ ଦେଶର ପ୍ରାୟ ସବୁ ଅଞ୍ଚଳକୁ ଏହା କାରଣରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି ଯେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରାୟ ପ୍ରତ୍ୟେକ ତହସିଲରେ ସେ ଏଭଳି ପ୍ରବଳ ବର୍ଷା ଦେଖିନଥିଲେ କିମ୍ବା ଶୁଣି ନଥିଲେ । ସେ କହିଛନ୍ତି ଯେ ଗୁଜରାଟକୁ ଏଥର ଏକ ଚରମ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଛି ଏବଂ ପରିସ୍ଥିତିକୁ ସମ୍ଭାଳିବା ପାଇଁ ବିଭାଗଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ନୁହଁନ୍ତି, ତଥାପି ଏଭଳି ଭୟଙ୍କର ପରିସ୍ଥିତିରେ ଗୁଜରାଟ ଏବଂ ଦେଶର ଲୋକମାନେ କାନ୍ଧରେ କାନ୍ଧ ମିଳାଇ ପରସ୍ପରକୁ ସାହାଯ୍ୟ କରିଛନ୍ତ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦେଶର ଅନେକ ସ୍ଥାନ ଏବେ ବି ମୌସୁମୀ ଋତୁର ପ୍ରଭାବ ଦେଇ ଗତି କରୁଛି । ଜଳ ସଂରକ୍ଷଣ କେବଳ ଏକ ନୀତି ନୁହେଁ, ଏହା ଏକ ପ୍ରୟାସ ଓ ଗୁଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏଥିରେ ଉଦାରତା ସହିତ ଦାୟିତ୍ୱ ମଧ୍ୟ ରହିଛି । ଜଳ ହେଉଛି ପ୍ରଥମ ମାପଦଣ୍ଡ ଯାହା ଉପରେ ଆମର ଭବିଷ୍ୟତ ପିଢ଼ି ଆମର ଆକଳନ କରିବେ, ଶ୍ରୀ ମୋଦୀ କହିଥିଲେ । କାରଣ ଜଳ କେବଳ ଏକ ସମ୍ପଦ ନୁହେଁ ବରଂ ଜୀବନ ଓ ମାନବିକତାର ଭବିଷ୍ୟତର ପ୍ରଶ୍ନ ବୋଲି ସେ କହିଛନ୍ତିଛ ତେଣୁ ଏକ ସ୍ଥାୟୀ ଭବିଷ୍ୟତ ଦିଗରେ ୯ଟି ସଂକଳ୍ପ ମଧ୍ୟରୁ ଜଳ ସଂରକ୍ଷଣ ସବୁଠାରୁ ଆଗରେ ରହିଛି ବୋଲି ସେ କହିଛନ୍ତିଛ ଜଳ ସଂରକ୍ଷଣର ଅର୍ଥପୂର୍ଣ୍ଣ ପ୍ରୟାସରେ ଜନସାଧାରଣଙ୍କ ଅଂଶଗ୍ରହଣ ଆରମ୍ଭ ହୋଇଥିବାରୁ ଶ୍ରୀ ମୋଦୀ ଖୁସି ବ୍ୟକ୍ତ କରିଥିଲେ । ଏହି ପଦକ୍ଷେପରେ ସେ ଜଳଶକ୍ତି ମନ୍ତ୍ରଣାଳୟ, ଗୁଜରାଟ ସରକାରଙ୍କ ସମସ୍ତ ଅଂଶୀଦାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆହ୍ୱାନପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ କେବଳ ଭାରତ ହିଁ ନିଜ ପାଇଁ ଏବଂ ବିଶ୍ୱ ପାଇଁ ସମାଧାନ ଖୋଜିବାର ସାମର୍ଥ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

## କଂଗ୍ରେସରେ ମିଶିଲେ ଆପ୍ ବିଧାୟକ ଗୌତମ

**ନୂଆଦିଲ୍ଲୀ:** ଦିଲ୍ଲୀରେ କ୍ଷମତାସୀନ ଆପକୁ ଝଟକା ଲାଗିଛି । ଆଜି ଦଳର ବରିଷ୍ଠ ନେତା ତଥା ବିଧାୟକ ରାଜେନ୍ଦ୍ର ପାଲ ଗୌତମ କଂଗ୍ରେସରେ ସାମିଲ ହୋଇଛନ୍ତି । ଗୌତମ ଦିଲ୍ଲୀ ସରକାରେ ଏକଦା କ୍ୟାବିନେଟ ମନ୍ତ୍ରୀ ଭାବେ ମଧ୍ୟ କାମ କରୁଥିଲେ । ଉଭୟ ଆପ ଓ କଂଗ୍ରେସ ଇଣ୍ଡିଆ ମେଣ୍ଟର ସଦସ୍ୟ । ତଥାପି ଗୌତମ ଇଣ୍ଡିଆ ମେଣ୍ଟର ଗୋଟିଏ ଦଳରୁ ବାହାରି ଆଉ ଗୋଟିଏ ଦଳରେ ମିଶିଛନ୍ତି । ଗୌତମ ଜଣେ ଦଳିତ ନେତା ଓ ସୀମାପୁରୀର ବିଧାୟକ । ଆଜି ସେ କଂଗ୍ରେସ ମୁଖ୍ୟାଳୟରେ କେସି ଭେନୁଗୋପାଲ, ଦେବେନ୍ଦ୍ର ଯାଦବ ଓ ପବନ ଖେଡ଼ାଙ୍କ ଉପସ୍ଥିତିରେ ହାତ ଧରିଛନ୍ତି ।

## ଶିକ୍ଷକଙ୍କ ସହ ଛାତ୍ରଛାତ୍ରୀ ଶିକ୍ଷାଗତ ଭ୍ରମଣରେ ଯାଇପାରିବେ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶିକ୍ଷକମାନଙ୍କ ସହ ଆଲୋଚନା କରିଛନ୍ତି । ପୁରସ୍କୃତ ବ୍ୟକ୍ତିମାନେ ସେମାନଙ୍କର ଶିକ୍ଷାଦାନ ଅଭିଜ୍ଞତା ପ୍ରଧାନମନ୍ତ୍ରୀଙ୍କ ସହ ବାଣ୍ଟିଥିଲେ। । ଶିକ୍ଷଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେମାନଙ୍କ ଦ୍ୱାରା ବ୍ୟବହୃତ ଆକର୍ଷଣୀୟ କୌଶଳ ବିଷୟରେ ମଧ୍ୟ ସେମାନେ ଆଲୋଚନା କରିଥିଲେ । ନିୟମିତ ଶିକ୍ଷାଦାନ କାର୍ଯ୍ୟ ସହିତ ସେମାନଙ୍କ ଦ୍ୱାରା କରାଯାଉଥିବା ସାମାଜିକ କାର୍ଯ୍ୟର ଉଦାହରଣ ମଧ୍ୟ ସେମାନେ ସେୟାର କରିଥିଲେ । ସେମାନଙ୍କ ସହିତ କଥାବାର୍ତ୍ତା କରି ପ୍ରଧାନମନ୍ତ୍ରୀ ଶିକ୍ଷାଦାନ କଳା ପ୍ରତି ସେମାନଙ୍କର ସମର୍ପଣ ଏବଂ ବର୍ଷ ବର୍ଷ ଧରି ସେମାନେ ପ୍ରଦର୍ଶନ କରିଥିବା ଉଲ୍ଲେଖନୀୟ ଉତ୍ସାହକୁ ପ୍ରଶଂସା କରିଥିଲେ, ଯାହାକୁ ପୁରସ୍କାର ମାଧ୍ୟମରେ ସ୍ୱୀକୃତି ମିଳିଛି ।

ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତିର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ ଏବଂ ନିଜ ମାତୃଭାଷାରେ ଶିକ୍ଷା ପ୍ରାପ୍ତିର ଗୁରୁତ୍ୱ ବିଷୟରେ କହିଥିଲେ । ଶିକ୍ଷକମାନେ ବିଭିନ୍ନ ଭାଷାରେ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଲୋକକଥା ଶିଖାଇପାରିବେ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ



ଏକାଧିକ ଭାଷା ଶିଖିପାରିବେ ଏବଂ ଭାରତର ଜୀବନ୍ତ ସଂସ୍କୃତି ସହିତ ମଧ୍ୟ ପରିଚିତ ହୋଇପାରିବେ ବୋଲି ସେ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶିକ୍ଷକମାନେ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ଭାରତର ବିବିଧତା ଅନୁସନ୍ଧାନ କରିବା ପାଇଁ ଶିକ୍ଷାଗତ ଗସ୍ତରେ ନେଇପାରିବେ, ଯାହା ସେମାନଙ୍କ ଶିକ୍ଷଣରେ ସହାୟକ ହେବ ଏବଂ ସେମାନଙ୍କୁ ସେମାନଙ୍କ ଦେଶ ବିଷୟରେ ସାମଗ୍ରିକ ଭାବରେ ଜାଣିବାରେ ମଧ୍ୟ ସାହାଯ୍ୟ କରିବ । ଏହା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ପ୍ରୋତ୍ସାହନ ଦେବ ବୋଲି ସେ କହିଛନ୍ତିଛପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ଯେ ପୁରସ୍କାର ପ୍ରାପ୍ତ ଶିକ୍ଷକମାନେ ସୋସିଆଲ ମିଡିଆ ମାଧ୍ୟମରେ ପରସ୍ପର ସହିତ ଯୋଡ଼ି ହେବା ଉଚିତ ଏବଂ ସେମାନଙ୍କର ସର୍ବୋତ୍ତମ ଅଭ୍ୟାସ ବାଣ୍ଟିବା ଉଚିତ ଯାହା ଦ୍ୱାରା ସମସ୍ତେ ଏଭଳି ଅଭ୍ୟାସରୁ ଶିଖିପାରିବେ, ଏବଂ ଉପକୃତ ହୋଇପାରିବେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶିକ୍ଷକମାନେ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସେବା କରୁଛନ୍ତି ଏବଂ ଆଜିର ଯୁବପିଢ଼ିଙ୍କୁ ବିକଶିତ ଭାରତ ପାଇଁ ପ୍ରସ୍ତୁତ କରିବାର ଦାୟିତ୍ୱ ସେମାନଙ୍କ ହାତରେ ରହିଛି ।

# ଟ୍ରକକୁ ପିଟିଲା ବସ୍: ୧୨ ମୃତ

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ହାଥରସରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା । ମିନି ଟ୍ରକ୍‌କୁ ପିଟି ହୋଇଯାଇଛି ଗୋଟିଏ ବସ୍ । ଏଥିଯୋଗୁ ୧୨ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ଆଉ ୧୬ ଜଣ ଲୋକ ଆହତ ମଧ୍ୟ ହୋଇଛନ୍ତି । ଆଗ୍ରା-ଅଲୀଗଡ଼ ବାଇପାସରେ ଏପରି ଘଟଣା ଘଟିଛି । ମିନି ଟ୍ରକରେ ଥିବା ଲୋକମାନେ ଖାଇବା ପାଇଁ ଗୋଟିଏ କାର୍ଯ୍ୟକ୍ରମ ଯାଇଥିଲେ । ସେଠାରୁ ସେମାନେ ସେୱାଲା ଗାଁକୁ ଫେରୁଥିଲେ । ହେଲେ ବାଇପାସରେ ଗୋଟିଏ ବସ ସେମାନଙ୍କ ଗାଡ଼ିକୁ ଓଭର ଟେକ କରିବା ବେଳେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ମିନି ଟ୍ରକ୍ଟି ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ସେହିପରି ଘଟଣା ସ୍ଥଳରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି । ସ୍ଥାନୀୟ ଲୋକ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମୃତାହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଆହତ ହୋଇଥିବା ୧୬ ଜଣ ଲୋକଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି । ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏଥିସହ ଅଧିକାରୀଙ୍କୁ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଜିଲ୍ଲା ମାଜିଷ୍ଟ୍ରେଟ ଓ ସ୍ଥାନୀୟ ଏସ୍ପି ହସ୍ପିଟାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ବୁଝିଛନ୍ତି ।

# ହିଣ୍ଡେନବର୍ଗ ରିପୋର୍ଟ: ସେବି ମୁଖ୍ୟଙ୍କୁ ସମନ କରିପାରେ ପିଏସି

**ନୂଆଦିଲ୍ଲୀ:** ସେବି ମୁଖ୍ୟ ମାଧବୀ ବୁଚଙ୍କ ଅଡୁଆ ବଢିଛି । ତାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର ଯାଞ୍ଚ କରିବ ସରକାରୀ ଖର୍ଚ୍ଚ ଉପରେ ନଜର ରଖୁଥିବା ସଂସଦର ପବ୍ଲିକ ଆକାଉଣ୍ଟସ କମିଟି (ପିଏସି) । ହିଣ୍ଡେନବର୍ଗ ରିପୋର୍ଟ ପରେ ତାଙ୍କ ବିରୁଦ୍ଧରେ ଏକାଧିକ ଅଭିଯୋଗ ଆସିଥିଲା । ରିପୋର୍ଟ ଅନୁସାରେ, ଚଳିତ ମାସ ଶେଷ ଆଡ଼କୁ ପିଏସି ତାଙ୍କୁ ଡକାଇବାର ସମ୍ଭାବନା ରହିଛି । ଏଥିପାଇଁ ଖୁବ୍ ଶୀଘ୍ର ତାଙ୍କୁ ସମନ ପଠାଯିବ । କଂଗ୍ରେସ ନେତା କେସି ବେଣୁଗୋପାଳଙ୍କ ନେତୃତ୍ୱରେ ଥିବା ପିଏସି ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ମଧ୍ୟ ସମନ କରିପାରେ ।

ଅଗଷ୍ଟ ୨୯ରେ ସଂସଦର ପିଏସି ବୈଠକରେ ଅନେକ ସଦସ୍ୟସେବିର କାର୍ଯ୍ୟକାରିତା ଏବଂ ବୁଚଙ୍କ ବିରୋଧରେ ହୋଇଥିବା ଅଭିଯୋଗର




ତଦନ୍ତ ଦାବି କରିଥିଲେ । ଏହା ପରେ ସମଗ୍ର ବିଷୟ ପିଏସିର ଏଜେଣ୍ଡାରେ ସାମିଲ ହୋଇଥିଲା । ଗତ ମାସ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଲ ବୁଚଙ୍କ ବିରୁଦ୍ଧରେ ରିପୋର୍ଟ ପ୍ରକାଶ କରିଥିଲା ହିଣ୍ଡେନବର୍ଗ । ଆଦାନି ଗ୍ରୁପର ସ୍କାମରେ ଜଡିତ ବିଦେଶୀ କମ୍ପାନିରେ ଉଭୟଙ୍କ ଅଂଶଧନ (ଶେଆର୍) ରହିଥିବା ରିପୋର୍ଟରେ ପ୍ରକାଶ ପାଇଥିଲା । ଆଦାନୀ ଗ୍ରୁପର ବିଦେଶୀ ଅଂଶଧନ ସମ୍ପର୍କରେ ତଦନ୍ତ ପାଇଁ ସେବି ଯଥେଷ୍ଟ ଆଗ୍ରହ ନଦେଖାଇବାର ଏହା ଏକ କାରଣ ବୋଲି ହିଣ୍ଡେନବର୍ଗ ରିସର୍ଚ୍ଚ ଦାବି କରିଥିଲା । ଏହା ବ୍ୟତୀତ କଂଗ୍ରେସ ଗତ ମାସରେ ଅଭିଯୋଗ କରିଥିଲା ଯେ, ବୁଚ୍ ୨୦୧୭ରେ ମାର୍କେଟ ରେଗୁଲେଟରର ଜଣେ ପୂର୍ଣ୍ଣକାଳୀନ ସଦସ୍ୟ ହେବା ପରେ ଆଇସିଆଇସିଆଇ ବ୍ୟାଙ୍କରୁ ୨୦୧୭ରୁ ୨୦୨୪ ମଧ୍ୟରେ ୧୬.୮୦ କୋଟି ଟଙ୍କା ନେଇଥିଲେ । ଏ ସମସ୍ତ ଅଭିଯୋଗ ଉପରେ ତଦନ୍ତ ପାଇଁ ପିଏସି ସଦସ୍ୟମାନେ ଦାବି କରିଥିଲେ ।

# ରୋନାଲ୍ଡୋଙ୍କ ୯୦୦ ଗୋଲ୍



ନୂଆଦିଲ୍ଲୀ,୬।୯(ଏଜେନ୍ସି): ପର୍ତ୍ତୁଗାଲର ତାରକା ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ୯୦୦ ଗୋଲ୍‌ସ୍କୋର କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ୟୁଇଏଫ୍‌ଏ ନେସନ୍ସ ଲିଗ୍‌ରେ କ୍ରୋଏସିଆ ବିପକ୍ଷରେ ସେ ଏହି କୀର୍ତ୍ତିମାନ ରଚିଛନ୍ତି । ପର୍ତ୍ତୁଗାଲ ୨-୧ ଗୋଲ୍‌ରେ କ୍ରୋଏସିଆକୁ ଧରାଶାୟୀ କରିଥିଲା । ୩୯ ବର୍ଷୀୟ ରୋନାଲ୍ଡୋ ଗୋଲ୍‌ସ୍କୋର କରିବା ପରେ ଖୁସି ମନାଇଥିଲେ । ପର୍ତ୍ତୁଗାଲ ଜର୍ସିରେ ଏହା ତାଙ୍କର ୧୩୧ତମ ଗୋଲ୍ ସେ ତାଙ୍କ କ୍ୟାରିୟାରର ଅଧିକାଂଶ ଗୋଲ୍ ରିଅଲ ମାଦ୍ରିଦପକ୍ଷରୁ କରିଛନ୍ତି । ଏହା ବ୍ୟତୀତ ସ୍ପୋର୍ଟିଂ ଲିସ୍‌ବନ୍, ମାଞ୍ଚେଷ୍ଟର ୟୁନାଇଟେଡ ଓ ଅଲ୍‌ନସର ପକ୍ଷରୁ ଖେଳି ଗୋଲ୍ ସ୍କୋର କରିଥିଲେ । ରୋନାଲ୍ଡୋଙ୍କ ପଛକୁ ଲିଓନେଲ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେ ମୋଟ୍ ଉପରେ ୮୩୮ ଗୋଲ୍ କରିଛନ୍ତି ।

## ପାରାଲିମ୍ପିକ୍ସ

# ପ୍ରବୀଣଙ୍କୁ ସ୍ୱର୍ଣ୍ଣ



ପ୍ୟାରିସ୍,୬।୯(ଏଜେନ୍ସି): ୩ ବର୍ଷ ତଳେ ଟୋକିଓ ପାରାଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ପ୍ରବୀଣ କୁମାର ଏଥର ପ୍ୟାରିସ୍ ଦେଶବାସୀଙ୍କୁ ସ୍ୱର୍ଣ୍ଣ ଭେଟି ଦେଇଛନ୍ତି । ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ଜିତିଛନ୍ତି ପ୍ରବୀଣ । ସେ ପୁରୁଷ ହାଇଜମ୍ପ ଟି-୬୪ ବର୍ଗରେ ଦେଶ ପାଇଁ ସୁନା ସଫଳତା ଆଣିଛନ୍ତି । ଆରମ୍ଭରୁ ଭଲ ପ୍ରଦର୍ଶନ ଦେଖାଇଥିବା ପ୍ରବୀଣ ୨.୦୮ ମିଟର ଉଚ୍ଚକୁ ଡେଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାକୁ ସଫଳ ହୋଇଛନ୍ତି । ୨.୦୮ ମିଟର ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ । ୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ପ୍ରବୀଣ ରୌପ୍ୟ ପଦକ ଜିତିଥିଲେ । ଏଥର ସେ ରୂପାକୁ ସୁନାରେ ପରିବର୍ତ୍ତିତ କରିଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସରେ ଏହା ଭାରତର ଷଷ୍ଠ ସ୍ୱର୍ଣ୍ଣ ପଦକ । ଭାରତୀୟ ଆଥଲେଟ୍ ଟୋକିଓରେ ୫ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ବର୍ତ୍ତମାନ ସୁଧା ଭାରତର ସ୍ୱର୍ଣ୍ଣ ସଂଖ୍ୟା ୬ରେ ପହଞ୍ଚିଛି । ସେହିପରି ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପଦକ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି । ଟୋକିଓରେ ଦଳ ୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ, ୮ଟି ବ୍ରୋଞ୍ଜ ପଦକ ଜିତିଥିଲା । ଏଥର ପ୍ୟାରିସରେ ଭାରତୀୟ ଆଥଲେଟ୍ ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୧ଟି ବ୍ରୋଞ୍ଜ ଜିତିଛନ୍ତି । ଗୁରୁବାର ବିଳମ୍ବିତ ରାତିରେ କପିଲ ପରମାର ଜୁଡୋରେ ବ୍ରୋଞ୍ଜ ପଦକ ଜିତିଥିଲେ । ସେ ବ୍ରାଜିଲର ଏଲିଟନ୍ ଡି ଓଲିଭିଏରାଙ୍କୁ ମାତ୍ର ୩୩ ସେକେଣ୍ଡରେ ପରାସ୍ତ କରିଥିଲେ । ମିକ୍ସଡ ତୀରନ୍ଦାଜ ଇଭେଣ୍ଟରେ ହରବିନ୍ଦର ସିଂ ଓ ପୂଜା ଅଳ୍ପକେ ବ୍ରୋଞ୍ଜ ପଦକ ସୁଯୋଗ ହାତ ଛଡା କରିଥିଲେ । ଭାରତର ପଦକ ସଂଖ୍ୟା ପାଖା ପାଖି ୩୦ ଛୁଇଁବ ବୋଲି ଆଶା କରାଯାଉଛି ।

# ଲିଜେଣ୍ଡ ଲିଗ୍ କ୍ରିକେଟ୍‌ରେ ଓଡ଼ିଶାର କୋଣାର୍କ ସୂର୍ଯ୍ୟାସ୍ ଦଳ

ଭୁବନେଶ୍ୱର,୬।୯(ସବ୍ୟୁ): ଲିଜେଣ୍ଡ ଲିଗ୍ କ୍ରିକେଟ୍‌ରେ ଓଡ଼ିଶା ସାମିଲ ହୋଇଛି । ନୂଆ ଦଳ ଭାବେ କୋଣାର୍କ ସୂର୍ଯ୍ୟାସ୍ ନାମରେ ଟିମ୍ ଲଞ୍ଚ ହେବା ସହ ଖେଳାଳିଙ୍କ ନାମ ମଧ୍ୟ ଘୋଷଣା ହୋଇଛି । ଏହି ନୂଆ ଦଳରେ ଓଡ଼ିଶାରେ ଏକମାତ୍ର ଖେଳାଳି ଭାବେ ନଟରାଜ ବେହେରାଙ୍କୁ ସ୍ଥାନ ମିଳିଛି । ନୂଆ ଦଳର ନେତୃତ୍ୱ ନେବେ ଟିମ୍ ଇଣ୍ଡିଆର ପୂର୍ବତନ ଅଲ୍‌ରାଉଣ୍ଡର ଇର୍ଫାନ ପଠାନ । ଦଳରେ ଇର୍ଫାନଙ୍କ ବ୍ୟତୀତ ଆର୍ ବିନୟ କୁମାର, ରାଜେଶ ବିଷ୍ଣୋଇ ଓ ସାହାବାଜ୍ ନଦିମଙ୍କ ଭଳି ଖେଳାଳିଙ୍କୁ ସାମିଲ କରାଯାଇଛି । ଇର୍ଫାନ୍‌ଙ୍କ ସହ ଅନ୍ୟ ଖେଳାଳିମାନେ ଦଳର ଟିମ୍ ଲଞ୍ଚ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କୋଣାର୍କ ସୂର୍ଯ୍ୟାସ ଦଳକୁ ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶା କ୍ରିକେଟ୍‌କୁ ନୂଆ ପରିଚୟ ଦେବାକୁ ମତ ପ୍ରକାଶ ପାଇଛି ।

ଭାରତର କ୍ରିକେଟ୍‌ର କ୍ରେଜ ବଢ଼ିଚାଲିଛି । ଅନେକ କ୍ରିକେଟ୍ ଲିଗ୍ ଓ ଟୁର୍ଣ୍ଣାମେଣ୍ଟ ହେଉଛି । ଏହି ଧାରାରେ ପ୍ରଥମଥର ପାଇଁ ଲୋକପ୍ରିୟ ଲିଜେଣ୍ଡ କ୍ରିକେଟ୍ ଲିଗ୍‌ରେ ଓଡ଼ିଶା ସାମିଲ ହୋଇଛି । କୋଣାର୍କ ସୂର୍ଯ୍ୟାସ ନାମରେ ଏହି ଟିମ୍ ସାମିଲ ହେବାକୁଯାଉଛି । ଟି-୨୦ ଫର୍ମାଟରେ ଖେଳାଯିବ । ଓଡ଼ିଶା ପାଇଁ ଗୌରବମୟ ପଦକ୍ଷେପ ହେବ । ଯାହା ମାଧ୍ୟମରେ ଓଡ଼ିଶାର ସଂସ୍କୃତି କ୍ରୀଡା ପ୍ରତିଭା ଅଧକ୍ଷକୁ ଦେଶ ବିଦେଶରେ ପ୍ରଦର୍ଶିତ ହେବ ।



କୋଣାର୍କ ସୂର୍ଯ୍ୟାସ ଦଳର ଅଧିନାୟକ ଭାବେ ଇର୍ଫାନ୍ ଫଠାନ ଦାୟିତ୍ୱ ତୁଲାଇବେ । ଯାହାଙ୍କ ଅଭିଜ୍ଞତା ଓ ନେତୃତ୍ୱ ଓଡ଼ିଶା ଦଳ ପାଇଁ ଖୁବ୍ କାମରେ ଆସିବ । ଇର୍ଫାନ୍‌ଙ୍କ ଯୋଗଦାନ ଓଡ଼ିଶା ଦଳ ଓ ଯୁବ ଖେଳାଳିଙ୍କୁ ପ୍ରେରଣା ଯୋଗାଇବ ବୋଲି ଆସିବ ବୋଲି ଏହି ପ୍ରୟାସରେ ସନପ୍ରିୟା ଗ୍ରୁପ, ଆସୋଟେକ୍ ସହିତ ମିଳିତ ଭାବେ ଓଡ଼ିଶାରେ ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଷ୍ଠାନ ସୃଷ୍ଟି କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କୁ ସହାୟତା କରିବାର ଲକ୍ଷ୍ୟ ନେଇଛି । ଆସୋଟେକ୍ ଖେଳାଳିଙ୍କ ପାଇଁ ପ୍ରଶିକ୍ଷଣ ଓ ଉନ୍ନତୀ ସହିତ ଜଣାଶୁଣା ମଲ୍ଟି ସ୍ପୋର୍ଟ୍ସ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗଠନ କରିବାକୁ ଯାଉଛି । ଭୁବନେଶ୍ୱର ଆସୋଟେକ୍ ୱାଲ୍ଡ ଟାଉନ୍‌ସିପ୍‌ରେ ଥିବା ସ୍ପୋର୍ଟ୍ସ ହବ୍‌ରେ ରହିବ ।

ଟିମ୍ ଲଞ୍ଚ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଯୋଗଦେଇଥିବା ବେଳେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦ, ପାରାଲିମ୍ପିଆନ୍ ପ୍ରମୋଦ ଭଗତ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପୂର୍ବତନ କ୍ରିକେଟ୍‌ର ସତ୍ୟ ରଞ୍ଜନ ଶତପଥୀ, କଣ୍ଠଶିଳ୍ପୀ କ୍ରିଷ୍ଣା ବେହୁରା, ସୁସ୍ମିତା ଦାସ, ଅଭିନେତା ସବ୍ୟସାଚୀ, ଅର୍ଚ୍ଚିତା ସାହୁ ଆହୁରି ଅନେକ କ୍ରୀଡାବିତ୍ ଉପସ୍ଥିତ ଥିଲେ ।

## ଚାପମୁକ୍ତ ରହିବା ଧୋନୀଙ୍କ ଶିଖିଛି: ଇର୍ଫାନ୍

ଅନ୍ତର୍ଜାତୀୟ କ୍ରିକେଟ୍‌ରେ କ୍ୟାପିଟେନ୍ କୁଲ ଭାବେ ପରିଚିତ ମହେନ୍ଦ୍ର ସିଂ ଧୋନିଙ୍କ ଆଦର୍ଶ ଏବେ ବି ଅନେକ କ୍ରିକେଟ୍‌ରଙ୍କୁ ଅନୁପ୍ରାଣିତ କରୁଛି । ତାଙ୍କ ଶାନ୍ତ ସ୍ୱଭାବ, ଚାପମୁକ୍ତ ରହିବାର ଫର୍ମୂଲା ଅନେକଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି । ଶୁକ୍ରବାର ଭୁବନେଶ୍ୱରରେ କୋଣାର୍କ ସୂର୍ଯ୍ୟାସ ଦଳର ଅଫିସିଆଲ ଘୋଷଣା କାର୍ଯ୍ୟକ୍ରମରେ ଯୋଗଦେଇ ଦଳର ଅଧିନାୟକ ତଥା ପୂର୍ବତନ ଅଲ୍‌ରାଉଣ୍ଡର ଇର୍ଫାନ୍ ପଠାନ୍ ପୂର୍ବତନ ଅଧିନାୟକ ଧୋନୀଙ୍କୁ ପ୍ରଶଂସା କରିଛନ୍ତି । ଲିଜେଣ୍ଡସ୍ କ୍ରିକେଟ୍ ଲିଗ୍‌ର ୩ ସଂସ୍କରଣ ଖେଳି ସାରିଥିବା ଇର୍ଫାନ୍ ସର୍ବଦା ଦଳର ଫିନିସର ଭୂମିକା ତୁଲାଇଥାନ୍ତି । ମ୍ୟାଚର ଶେଷ ଭାଗରେ କିଭଳି ଚାପ ମୁକ୍ତ ରହି ଦଳକୁ ସଫଳତାରେ ପହଞ୍ଚାଇବାକୁ ହୁଏ, ସେ ସବୁ କଥା ସେ ଧୋନୀଙ୍କ ଠୁ ଶିଖିଛନ୍ତି ବୋଲି ଇର୍ଫାନ୍ କହିଛନ୍ତି । ଶାନ୍ତ ଓ ସ୍ଥିରତା ସର୍ବଦା ଜଣେ କ୍ରିକେଟ୍‌ରଙ୍କୁ ଉଚ୍ଚସ୍ତରରେ ପହଞ୍ଚାଇଥାଏ । ଚାପ ଗ୍ରସ୍ତ ହେଲେ ସଫଳତା ଦୂରେଇ ଯାଏ ବୋଲି ସେ ହୃଦୟଙ୍ଗମ କରିଥିବା କହିଛନ୍ତି । ପୂର୍ବରୁ ଓଡ଼ିଶାରେ ଲିଜେଣ୍ଡସ୍ କ୍ରିକେଟ୍ ଖେଳିଛନ୍ତି । ଏବେ ନୂଆ ଦଳ କୋଣାର୍କ ସୂର୍ଯ୍ୟାସ୍ ଏହି ଲିଗ୍‌ରେ ସାମିଲ ହୋଇଥିବାରୁ ଓଡ଼ିଶା ସହ ତାଙ୍କ ସମ୍ପର୍କ ଆହୁରି ନିବିଡ ହେବ ବୋଲି ଇର୍ଫାନ୍ ଆଶାବ୍ୟକ୍ତ କରିଛନ୍ତି ।

**କୋଣାର୍କ ସୂର୍ଯ୍ୟାସ ଦଳ:** ଇର୍ଫାନ୍ ପଠାନ, ଅମ୍ବାତି ରାୟୁଡୁ, ୟୁସୁଫ୍ ପଠାନ, ଆର୍ ବିନୟ କୁମାର, ରାଜେଶ ବିଷ୍ଣୋଇ, ସାହାବାଜ ନଦିମ, ପ୍ରବୀଣ ତାମ୍ବେ, ଦିବେଶ ପଠାଣିଆ, କେପି ଆପାନ୍ନା, ନଟରାଜ ବେହେରା (ଓଡ଼ିଶା), ରସ ଟେଲର, କେଭିନ୍ ଓବ୍ରିଏନ୍, ବେନ୍ ଲଙ୍ଗହିଲିନ୍, ରିଚାର୍ଡ ଲେଭି, ନବୀନ ଷ୍ଟିୱାର୍ଟ, ହିଡେଲ ଏଡୱାର୍ଡ ଓ ଦିଲସାନ ମୁନାବୀରା ।

# ଆନ୍ତଃ ବିଭାଗୀୟ ଡିଆରଏମ୍ କପ୍ ଫୁଟବଲ: ବାଣିଜ୍ୟ ବିଭାଗ ବିଜୟୀ

ଜଟଣୀ,୬।୯(ସବ୍ୟୁ): ସ୍ଥାନୀୟ ଖୋର୍ଦ୍ଧା ରୋଡ ମଣ୍ଡଳ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃ ବିଭାଗୀୟ ଡିଆର୍‌ଏମ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବାଣିଜ୍ୟ ବିଭାଗ ୯-୦ ଗୋଲ୍‌ରେ ମେଡିକାଲ ବିଭାଗକୁ ପରାସ୍ତ କରିଛି । ବାଣିଜ୍ୟ ବିଭାଗର କୋଚ୍ ଲକ୍ଷଣ ଚାଟାର୍ଜୀ ଦର୍ଶକଙ୍କ ଅନୁରୋଧକ୍ରମେ ନିଜେ ଖେଳିବା ପାଇଁ ପଡିଆକୁ ଓହ୍ଲାଇଥିଲେ । ମାତ୍ର ୧୦ ମିନିଟ୍ ଖେଳି ଆହତ ହୋଇଥିଲେ । ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଅନ୍ୟ ଦୁଇଟି ମ୍ୟାଚରେ ବିଦ୍ୟୁତ ବିଭାଗ ୮-୦ ଗୋଲ୍‌ରେ ଦୂରସଞ୍ଚାର ବିଭାଗକୁ ପରାସ୍ତ କରିଥିବା ବେଳେ ଆରପିଏଫ୍ ବିଭାଗ ୧-୦ ଗୋଲ୍‌ରେ ଅର୍ଥବିଭାଗକୁ ହରାଇଥିଲା । ରେଫରୀ ବି ମଙ୍ଗରାଜ, ଦିଗ୍‌ବିଜୟ ଦାସ, ଟୁଟୁ ବାହିନୀପତି ମ୍ୟାଚ ପରିଚାଳନା କରିଥିଲେ । ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ ଏଲ୍‌ଡି ମହାନ୍ତି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

## ବନ୍ଦୋଦକର ଟ୍ରଫି

# ଏଫ୍‌ସି ଗୋଆ ଚାମ୍ପିଅନ୍, ଓଡ଼ିଶା ଏଫ୍‌ସି ରନର୍ସ ଅପ୍

ଭୁବନେଶ୍ୱର,୬।୯(ସବ୍ୟୁ): ଗୋଆର ଫଟୋର୍ଡା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ବନ୍ଦୋଦକର ଟ୍ରଫିର ରୋଚକ ଫାଇନାଲରେ ଗୋଆ ଏଫ୍‌ସି ଜମାଣିଆ ବିଜୟ ହାସଲ କରି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଟକରାଟକରି ଫାଇନାଲ ମ୍ୟାଚଟି ଓଡ଼ିଶା ଏଫ୍‌ସି ଓ ଗୋଆ ଏଫ୍‌ସି ମଧ୍ୟରେ ୩-୩ ଗୋଲ୍‌ରେ ଡ୍ର ରହିଥିଲା । ଫଳାଫଳ ନିର୍ଣ୍ଣୟ ପାଇଁ ସୁଟଆଉଟ୍ ପର୍ଯ୍ୟାୟରେ ଗୋଆ ଏଫ୍‌ସି ୩-୧ ବ୍ୟବଧାନରେ ଓଡ଼ିଶା ଏଫ୍‌ସିକୁ ହରାଇଛି । ମ୍ୟାଚର ମୁଖ୍ୟାଂଶରେ ଲଢୁଆ ପ୍ରଦର୍ଶନ ଦେଖାଇଥିବା ଓଡ଼ିଶା ଏଫ୍‌ସି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି । ଓଡ଼ିଶା ଏଫ୍‌ସି ପକ୍ଷରୁ ହୁଗୋ ବୌମସ, ଜଭୌ ଏବଂ ରହିମ୍ ଗୋଲ୍ ସ୍କୋର କରିଥିବା ବେଳେ ଗୋଆର ସୁଦିକୋ ଦୁଇଟି ଓ ଡ୍ରାଜିକ୍ ଗୋଟିଏ ଗୋଲ୍ କରିଥିଲେ । ଓଡ଼ିଶା ଏଫ୍‌ସି ଦଳ ୨୦୨୪-୨୫ ଇଣ୍ଡିଆ ସୁପର ଲିଗ୍ ସିଜନ୍ ଆରମ୍ଭ ହେବା ପୂର୍ବରୁ ଭାଉସାଏବ ବନ୍ଦୋଦକର ମେମୋରିଆ ଟ୍ରଫି ମାଧ୍ୟମରେ ପ୍ରସ୍ତୁତି ଆରମ୍ଭ କରିଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ଦଳ ଗ୍ରୁପ୍ ବିରେ ସ୍ଥାନ ପାଇଥିଲା । ଏହି ଗ୍ରୁପ୍‌ରେ ଚେନ୍ନାଇନ୍ ଏଫ୍‌ସି, କ୍ଲବ୍ ଡେପଟିଭୋ ଏବଂ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷରେ ମ୍ୟାଚ ଖେଳିଥିଲା । ଓଡ଼ିଶା ଏଫ୍‌ସି (କଳିଙ୍ଗଯୋଦ୍ଧା) ପ୍ରଥମ ମ୍ୟାଚରେ କ୍ଲବ୍ ଡେପୋର୍ଟିଭକୁ ୨-୧ରେ ହରାଇଥିଲା । ସେହିଭଳି ଚେନ୍ନାଇନ୍ ଏଫ୍‌ସିକୁ ୧-୦ ଗୋଲ୍‌ରେ ଏବଂ ଚର୍ଚ୍ଚିଲ ବ୍ରଦର୍ସକୁ ୬-୦ ହରାଇ ସେମିଫାଇନାଲରେ ପହଞ୍ଚିଥିଲା । ସେମିଫାଇନାଲ ମୁକାବିଲାରେ ବ୍ରିସ୍‌ବେନ ରୋର ଏଫ୍‌ସିକୁ ପରାଜିତ କରି ଟାଇଟଲ ମୁକାବିଲାରେ ସାମିଲ ହୋଇଥିଲା ଓଡ଼ିଶା ଏଫ୍‌ସି ।

# ଅନୁଗୁଳରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ

ଅନୁଗୁଳ,୬।୯(ସବ୍ୟୁ): ଅନୁଗୁଳ ଷ୍ଟାଡିୟମ୍ ନିକଟରେ ଥିବା ସନ୍ତରଣଗାର ଠାରେ ସ୍କୁବା ଡାଇଭିଙ୍ଗ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କୁ ଗଭୀର ସମୁଦ୍ରରେ କିଭଳି ବୁଡିବାକୁ ହୁଏ ସେହି ପ୍ରଶିକ୍ଷଣ ଦିଆଯାଇଥିଲା । ଅନ୍ତର୍ଜାତୀୟ ବୁଡାଳି ତଥା ଲିମ୍‌କା ବୁକ୍ ରେକର୍ଡଧାରୀ ସ୍କୁବା ଡାଇଭିଙ୍ଗ କୋଚ ସବୀର ବକ୍ସଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୁଳ ଉପଜିଲ୍ଲାପାଳ ବରେଣ୍ୟନ୍ଦୁ ମହାନ୍ତି, ଅନୁଗୁଳ ତହସିଲଦାର ଆଶିଷ କୁମାର ମହାପାତ୍ର, ଜିଲ୍ଲା କ୍ରୀଡାଧିକାରୀ ଅକ୍ଷୟ କୁମାର ସିଟ୍ ପ୍ରମୁଖ ଉପସ୍ଥିତ ଥିଲେ ।






# ୨୭୪ଟି ବ୍ଲକ୍‌ରେ ସରିଛି ଷ୍ଟାଡିୟମ: କ୍ରୀଡାମନ୍ତ୍ରୀ

ଭୁବନେଶ୍ୱର,୬।୯(ସବ୍ୟୁ): ରାଜ୍ୟରେ ମୋଟ୍ ୩୧୪ ବ୍ଲକ୍‌ରୁ ୨୭୪ ବ୍ଲକ୍‌ରେ ଷ୍ଟାଡିୟମ୍ କାମ ଶେଷ ହୋଇଛି । ଶୁକ୍ରବାର ଗୃହରେ ବିଧାୟକ ଚକ୍ରମଣି କଅଁରଙ୍କ ପ୍ରଶ୍ନରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବାଂଶୀ ସୁରଜ ଏହି ଉତ୍ତର ରଖିଛନ୍ତି । ମନ୍ତ୍ରୀ କହିଛନ୍ତି ୩୦ଟି ଷ୍ଟାଡିୟମ୍ କାମ ଚାଲିଛି । ୧୦ଟି କାମ୍ ଆଦୌ



ଆରମ୍ଭ ହୋଇନାହିଁ । ସେହିପରି ବ୍ଲକ୍‌ସ୍ତରୀୟ ଓପନ ଜିମ୍ ୯୨ରୁ ୭୨ଟି ସମ୍ପୂର୍ଣ୍ଣ ହୋଇସାରିଛି । ଆଉ ୧୫ଟିର କାମ୍ ଚାଲିଛି । ଏଥି ସହିତ ମିନି ଷ୍ଟାଡିୟମ୍ ପାଇଁ ସାମଗ୍ରିକ ଯୋଜନାର ଆବଶ୍ୟକତା ଅଛି । ୨୫ ଲକ୍ଷରେ ମିନି ଷ୍ଟାଡିୟମ୍ ସମ୍ପୂର୍ଣ୍ଣ କରିବା ଚିନ୍ତା ଭୁଲ ବୋଲି ମନ୍ତ୍ରୀ କହିଛନ୍ତି ।

# ଦୃଢ଼ ସ୍ଥିତିରେ ଇଣ୍ଡିଆ ବି, ଡି

## ଦୁଲୀପ ଟ୍ରଫି

ବେଙ୍ଗାଲୁରୁ,୬।୯(ଏଜେନ୍ସି): ଦୁଲୀପ ଟ୍ରଫିରେ ଇଣ୍ଡିଆ ବି ଓ ଇଣ୍ଡିଆ ଡି ର ସ୍ଥିତି ମଜଭୂତ ରହିଛି । ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଇଣ୍ଡିଆ ବି ପ୍ରଥମ ପାଳିରେ ୩୨୧ ରନ୍ କରିଥିବା ବେଳେ ଇଣ୍ଡିଆ ଏ ଦୁଇ ୱିକେଟ୍ ହରାଇ ୧୩୪ ରନ୍ କରିଛି । ଏବେ ବି ଇଣ୍ଡିଆ ଏ ୧୮୭ ରନ୍ ପଛରେ ରହିଛି । ସେହିଭଳି ଦୁଲୀପ ଟ୍ରଫିର ଦ୍ୱିତୀୟ ମ୍ୟାଚ ଇଣ୍ଡିଆ ଡି ଓ ଇଣ୍ଡିଆ ସି ମଧ୍ୟରେ ଖେଳାଯାଉଛି । ଏହି ମ୍ୟାଚରେ ଇଣ୍ଡିଆ ଡି ପ୍ରଥମ ପାଳିରେ ୧୬୪ ରନ୍ କରିଥିବା ବେଳେ ଇଣ୍ଡିଆ ସି ୧୬୮ ରନ୍ କରି ଆଗୁଆ ରହିଥିଲା । ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଧା ଇଣ୍ଡିଆ ଡି ଦ୍ୱିତୀୟ ପାଳି ବ୍ୟାଟିଂ କରି ୪୯ ଓଭରରେ ୮ ୱିକେଟ୍ ହରାଇ ୨୦୬ ରନ୍ କରିଛି । ତେଣୁ ଦଳ ୨୦୨ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ।

ବେଙ୍ଗାଲୁରୁରେ ଇଣ୍ଡିଆ ଏ ସଂଘର୍ଷ ଜାରି ରଖିଛି । ଇଣ୍ଡିଆ ଡି ୩୨୧ ରନ୍ ଜବାବରେ ଇଣ୍ଡିଆ ଏ ପକ୍ଷରୁ ମୟଙ୍କ ଅଗ୍ରୱାଲ ୩୬ ଓ ଶୁଭମନ ଗିଲ ୨୫ ରନ୍ କରି ଆଉଟ୍ ହୋଇଥିଲେ । ରିଆନ୍ ପରାଗ ୨୭ ଓ ଲୋକେଶ ରାହୁଲ ୨୩ ରନ୍ କରି ଦଳର ବ୍ୟାଟିଂ ମଙ୍ଗ ଧରିଛନ୍ତି । ବୋଲିଂରେ ଇଣ୍ଡିଆ ବିର ନବଦୀପ ସାଇନୀଙ୍କୁ ସର୍ବାଧିକ ୨ ୱିକେଟ୍ ସଫଳତା ମିଳିଛି । ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ବି ପକ୍ଷରୁ ମୁସିର ଖାନ୍ ୧୮୧ ରନ୍‌ର ଇନିଂସ ଖେଳିବାରୁ ଦଳ ୧୬୧ ଓଭରରେ ୩୨୧ ରନ୍‌ର ବଡ଼ ସ୍କୋର କରିଥିଲା । ବୋଲରଙ୍କ ଆଧିପତ୍ୟ ସତ୍ତ୍ୱେ ମୁସିରଙ୍କ ଲଢୁଆ ଇନିଂସ ପାଇଁ ଇଣ୍ଡିଆ ବି ଭଲ ସ୍ଥିତିରେ ପହଞ୍ଚି ପାରିଥିଲା । ଇଣ୍ଡିଆ ଏର ଆକାଶଦୀପ ୪ଟି, ଖଲ୍ଲିଲ ଅହମ୍ମଦ ଓ ଆଭେସ ଖାନ୍ ୨ଟି କରି ୱିକେଟ୍ ସଫଳତା ହାସଲ କରିଥିଲେ ।

ଅନନ୍ତପୁରରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଇଣ୍ଡିଆ ସି ବିପକ୍ଷରେ ଇଣ୍ଡିଆ ଡି ଭଲ ସ୍ଥିତିରେ ରହିଛି । ଇଣ୍ଡିଆ ଡି ପ୍ରଥମ ପାଳିରେ ୧୬୪ ରନ୍ କରିଥିବା ବେଳେ ଇଣ୍ଡିଆ ସି ୧୬୮ ରନ୍ କରି ଆଗୁଆ ହୋଇଥିଲା । ଦ୍ୱିତୀୟ ଦିବସ ଇଣ୍ଡିଆ ଡି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୨୦୬/୮ ରନ୍ କରିଛି । ଶ୍ରେୟାସ ଆୟର (ଅଧିନାୟକ) ୫୪, ଦେବଦୂତ ପଡିକାଲ ୫୬ ରନ୍ ରିକି ଭୂଇ ୪୪ ରନ୍ କରିବାରୁ ଇଣ୍ଡିଆ ଡି ୪୯ ଓଭରରେ ୮ ୱିକେଟ୍ ହରାଇ ୨୦୬ ରନ୍ କରିଛି । ଇଣ୍ଡିଆ ସିର ମାନବ ସୁତାରଙ୍କୁ ସର୍ବାଧିକ ୫ ୱିକେଟ୍, ବିଜୟ କୁମାର ବୈଶାଖ ୨ ୱିକେଟ୍ ଓ ଅନସୁଲ କାମ୍ବୋଜୀ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।


## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି